
ବିଜୁ ଜନତା ଦଳ

# ଆମ ଲକ୍ଷ୍ୟ
# ଓଡ଼ିଶା ନମ୍ବର ୧




## ଲୋକଙ୍କ ଘୋଷଣାପତ୍ର ୨୦୨୪

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ**

ଲୋକସଭା ବିଧାନସଭା

# ସୂଚୀପତ୍ର


୧. ବିଜୁ ବାବୁଙ୍କ ବାର୍ତ୍ତା ୦୫

୨. ଶ୍ରୀ ନବୀନ ପଟ୍ଟନାୟକଙ୍କ ଚିଠି ୦୬

୩. ୨୪ ଗ୍ୟାରେଣ୍ଟି ୦୮

୪. ଶ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ୨୮

୫. ପ୍ରତିଶ୍ରୁତିଠୁ ଅଧିକ କାମ କରିଛୁ ୨୯

ଆମ କାମ ଆମ ପରିଚୟ

- କୃଷକ ସଶକ୍ତିକରଣ ୩୦
- ମହିଳା ସଶକ୍ତିକରଣ ୩୧
- ଶିକ୍ଷାର୍ଥୀ ଏବଂ ଯୁବବର୍ଗଙ୍କ ସଶକ୍ତିକରଣ ୩୨
- ଓଡ଼ିଆ ଭାଷା, ସଂସ୍କୃତି ଏବଂ ଐତିହ୍ୟ ୩୩
- ଗୁଣାତ୍ମକ ସ୍ୱାସ୍ଥ୍ୟସେବା ୩୪
- ଦ୍ରୁତ ଶିଳ୍ପାୟନ ୩୫
- ଭିତ୍ତିଭୂମି ଓ ଯୋଗାଯୋଗ ୩୬

୬. ସଫଳତାର ଫର୍ଦ୍ଦ ୩୭

୭. ପୁରସ୍କାର ଓ ପ୍ରଶଂସା ୪୯

୮. ନବୀନ ଓଡ଼ିଶା ପାଇଁ ଆମ ଘୋଷଣାପତ୍ର, ଲୋକଙ୍କ ଘୋଷଣାପତ୍ର ୫୫

୯. ନବୀନ ଓଡ଼ିଶା - ଆଭିମୁଖ୍ୟ ୨୦୩୬ ୫୬


୧୦. ନବୀନ ଓଡ଼ିଶାର ପ୍ରମୁଖ ଲକ୍ଷ୍ୟ ୫୭

ସୁଖୀ ଓଡ଼ିଶା, ସଶକ୍ତ ଓଡ଼ିଶା, ସମୃଦ୍ଧ ଓଡ଼ିଶା

୧୧. ନବୀନ ଓଡ଼ିଶାର କର୍ଣ୍ଣଧାର ୫୯

୧୨. ନବୀନ ଓଡ଼ିଶାର ଆଧାର ୭୫

୧୩. ଓଡ଼ିଶାର ଅଧିକାର ଆମର ଦାବି ୧୦୮


5T
ନବୀନ
ଗ୍ୟାରେଣ୍ଟି




ମୋ ସ୍ୱପ୍ନର ଏକବିଂଶ ଶତାବ୍ଦୀର ଓଡ଼ିଶାରେ ଯୁବପିଢ଼ି ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖିବେ । ସେମାନଙ୍କ ଭିତରେ ପ୍ରବଳ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଭରି ରହିଥିବ । କାହା ଦୟାରେ ନୁହେଁ, ନିଜ ଦମ୍‌ରେ ନିଜ ଭାଗ୍ୟ ଗଢ଼ିବେ ।

**- ବିଜୁ ପଟ୍ଟନାୟକ**



# ଓଡ଼ିଶାର
# ପ୍ରିୟ ଭାଇ ଓ ଭଉଣୀମାନେ,

## ଜୟ ଜଗନ୍ନାଥ

ଆପଣମାନେ ଅତୁଟ ବିଶ୍ୱାସ ଓ ନିରନ୍ତର ଭଲପାଇବା ଦେଇ ଲଗାତାର ୨୫ ବର୍ଷ ଧରି ମୋତେ ସେବାର ସୁଯୋଗ ଦେଇଛନ୍ତି । ଏଥିପାଇଁ ମୁଁ ମୋର ସାଢ଼େ ୪ କୋଟି ଓଡ଼ିଆ ପରିବାର ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଋଣୀ ।

ମୁଁ ଯେତେବେଳେ ୨୦୦୦ ମସିହାରେ ପ୍ରଥମକରି ଆପଣଙ୍କ ମୁଖ୍ୟମନ୍ତ୍ରୀ ହେଲି, ସେତେବେଳେ ରାଜ୍ୟର ଅବସ୍ଥା ଭଲ ନଥିଲା । ମହାବାତ୍ୟା ଯୋଗୁଁ ଓଡ଼ିଶାର ବିପର୍ଯ୍ୟୟ ସହ ଅର୍ଥନୀତି ଦୁର୍ବଳ ହୋଇପଡ଼ିଥିଲା । ସରକାରୀ କର୍ମଚାରୀଙ୍କୁ ବେତନ ଦେବାକୁ ମଧ ଅର୍ଥ ନଥିଲା । ସେତେବେଳେ ଓଡ଼ିଶା ସବୁଠାରୁ ପଛୁଆ ଏବଂ ଗରିବ ରାଜ୍ୟଭାବେ ପରିଗଣିତ ହେଉଥିଲା ।

ଆପଣମାନଙ୍କ ସମର୍ଥନରେ ଆମେ ଓଡ଼ିଶାକୁ ନୂଆକରି ଗଢ଼ିତୋଳିଛୁ । ଓଡ଼ିଶା ଶ୍ରେଷ୍ଠ ବିପର୍ଯ୍ୟୟ-ପ୍ରତିରୋଧୀ ରାଜ୍ୟ ହେବା ସହ ବିକାଶର ଭିତ୍ତି ଆହୁରି ମଜବୁତ ହୋଇଛି । ଆମେ ଲୋକଙ୍କ ଜୀବନର ମୌଳିକ ସମସ୍ୟା ଏବଂ ଦାରିଦ୍ର୍ୟ ଦୂରୀକରଣକୁ ମର୍ଯ୍ୟାଦାର ସହ ସମାଧାନ କରିବାକୁ ସକ୍ଷମ ହୋଇଛୁ । ଏକ ସ୍ଥିର ସରକାର ଯୋଗୁଁ ଆମେ ଏହି ସଫଳତା ହାସଲ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ସୁନିଶ୍ଚିତ କରିପାରିଛୁ । ଆଜି ଓଡ଼ିଶା ଏକ ପ୍ରଗତିଶୀଳ ରାଜ୍ୟଭାବେ ନୂଆ ପରିଚୟ ପାଇଛି ଏବଂ ବିଭିନ୍ନ କ୍ଷେତ୍ରରେ ମାଇଲଖୁଣ୍ଟ ହାସଲ କରିଛି ।

ଓଡ଼ିଶା ଆଜି ବିକାଶର ନୂଆ ଉଡ଼ାଣ ଭରୁଛି । ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ ଦେଶର ୩ ଶ୍ରେଷ୍ଠ ରାଜ୍ୟ ମଧରେ ସ୍ଥାନିତ ହେବାକୁ ଓଡ଼ିଶା ପାଇଁ ଆଗାମୀ ୧୦ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ଏକ ଅଗ୍ରଣୀ ରାଜ୍ୟ ହେବାକୁ ଆମର ଆକାଂକ୍ଷାର ପ୍ରତିଫଳନ ହେଉଛି ଆମର 'ନିର୍ବାଚନୀ ଇସ୍ତାହାର' । ଆମେ ଚାହୁଁ ଯେ, ୨୦୩୪ ସୁଦ୍ଧା ସର୍ବାଧିକ ମୁଣ୍ଡପିଛା ଆୟ ଅଭିବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଅଗ୍ରଣୀ ହେଉ । ଶିଳ୍ପ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେଉ ।

ଆଗାମୀ ୧୦ ବର୍ଷ ହେବ 'ଯୁବ ଦଶନ୍ଧି' । ଓଡ଼ିଶାର ଯୁବପ୍ରତିଭା ହେବେ 'ନବୀନ ଓଡ଼ିଶା-୨୦୩୬'ର ନବନିର୍ମାତା । ଆମେ ଆମ ଯୁବଶକ୍ତିଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ସଶକ୍ତ କରିବାକୁ ଚାହୁଁ, ଏହାକୁ ହାସଲ କରିବା ଦିଗରେ ସେମାନଙ୍କ ସାଥୀ ହେବାକୁ ଚାହୁଁ । ଆମ ଯୁବଶକ୍ତି ହେଉଛନ୍ତି ଆମ 'ଓଡ଼ିଶା ରୂପାନ୍ତରଣ' କାହାଣୀର ବାର୍ତ୍ତାବହ । ପ୍ରଗତି ଏବଂ ସମୃଦ୍ଧି ପଥରେ ସେମାନଙ୍କ ମାର୍ଗଦର୍ଶନ ପାଇଁ ଆମେ ଅନେକ ଅଭିନବ ପଦକ୍ଷେପ ନେଇଛୁ । ମହିଳା, ମଧ୍ୟବିତ୍ତ ଶ୍ରେଣୀ, ଚାଷୀ, ଶ୍ରମିକ, ଆଦିବାସୀ, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟ ସମାଜର ପ୍ରତ୍ୟେକ ବର୍ଗଙ୍କ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ ପାଇଁ ଆମେ ସମସ୍ତ ପଦକ୍ଷେପ ସୁନିଶ୍ଚିତ କରିଛୁ । ଆମେ ଚାହୁଁ କୃଷି ବିବିଧକରଣ, ଦକ୍ଷତା ବିକାଶ, ଶିଳ୍ପ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ଆଦି ମାଧ୍ୟମରେ ଲୋକଙ୍କ ଆୟ ବହୁଗୁଣିତ ହେଉ । ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ସ୍ୱଳ୍ପ ମୂଲ୍ୟଯୁକ୍ତ ଶିକ୍ଷାଋଣ ଏବଂ ଛାତ୍ରବୃତ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିନା ମୂଲ୍ୟରେ ଗୁଣାତ୍ମକ ଶିକ୍ଷା ସହ ପରିବହନ ସେବା, ବିଦ୍ୟୁତ ସେବା , ଗୃହନିର୍ମାଣ ଆଦିରେ ରିହାତି ବ୍ୟବସ୍ଥା ଦ୍ୱାରା ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚ କମ୍ ହେଉ । ଲୋକଙ୍କର ଅଧିକରୁ ଅଧିକ ଅର୍ଥ ସଞ୍ଚୟ ଏବଂ ସମ୍ବଳ ବୃଦ୍ଧି ହେଉ । ଆମେ ଚାହୁଁ ଯେ, ବିଭିନ୍ନ ସ୍ତରରେ ଓଡ଼ିଶାର ଦାରିଦ୍ର୍ୟ ହାର ୫%ରୁ ତଳକୁ ହ୍ରାସ ପାଉ ।

ଏହି 'ନିର୍ବାଚନୀ ଇସ୍ତାହାର' ଆପଣଙ୍କ ଆଶା ଓ ଆକାଂକ୍ଷା ଏବଂ ଆମର ପ୍ରତିବଦ୍ଧତା । ଏଥିରେ ଆମେ ଆପଣଙ୍କ ବହୁମୂଲ୍ୟ ମତାମତକୁ ସାମିଲ କରିଛୁ । ମୋ ନିର୍ଦ୍ଦେଶରେ 5T ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ ଓଡ଼ିଶାର କୋଣ-ଅନୁକୋଣ ଗସ୍ତ କରିଥିଲେ । ଆପଣଙ୍କ ସହ କଥା ହୋଇଥିଲେ । ଆପଣଙ୍କ ବାର୍ତ୍ତା ଏବଂ ମୂଲ୍ୟବାନ ମତାମତ ଆପଣଙ୍କ ସରକାରକୁ 'ନୂଆ-ଓ ଛାତ୍ରବୃତ୍ତି', 'ବିଏସକେୱାଇ ନବୀନ କାର୍ଡ଼', 'ଲକ୍ଷ୍ମୀ ଯୋଜନା', 'ଆମ ବ୍ୟାଙ୍କ' ଆଦି ଅନେକ ଲୋକାଭିମୁଖୀ ପଦକ୍ଷେପ ନେବାରେ ସହାୟକ ହେଲା । ଆମେ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ସମ୍ମାନପୂର୍ବକ ପୂରଣ କରିଛୁ ଏବଂ ଆମ ପ୍ରତି ଥିବା ଆପଣଙ୍କ ବିଶ୍ୱାସକୁ ସମ୍ମାନ ଦେଇଛୁ । ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ । ବିଭିନ୍ନ ସଙ୍ଗଠନକୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ନିଶ୍ଚୟ ପୂରଣ ହେବ ।

ଏହା ଆପଣଙ୍କ ସରକାର ଏବଂ ଏହା ଆପଣଙ୍କ 'ନିର୍ବାଚନୀ ଇସ୍ତାହାର' । ଆସନ୍ତୁ ଏକ ହୋଇ ଆମେ ଗଢ଼ିବା 'ସମୃଦ୍ଧ ଓଡ଼ିଶା'; ଯାହାର ଭିତ୍ତି ହେବ ସୁଦୃଢ଼, ଡେଣା ହେବ ସଶକ୍ତ ।

ଆପଣଙ୍କ ଆଶୀର୍ବାଦରେ
'ସମୃଦ୍ଧ ଓଡ଼ିଶା' ଆଗକୁ ବଢ଼ିବ ପ୍ରଗତି ପଥରେ

ବନ୍ଦେ ଉତ୍କଳ ଜନନୀ
ନବୀନ ପଟ୍ଟନାୟକ

# ୨୪ ଗ୍ୟାରେଣ୍ଟି



## ୦୧
## ଯୁବ ଓଡ଼ିଶା
## ନବୀନ ଓଡ଼ିଶା

ଆଗାମୀ ୧୦ ବର୍ଷ ହେବ **ଯୁବବର୍ଗଙ୍କ ଦଶନ୍ଧି** । ଆମ ଯୁବକଯୁବତୀମାନେ ନବୀନ ଓଡ଼ିଶା ଗଠନର କର୍ଣ୍ଣଧାର ସାଜିବେ । ଶ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସ କରନ୍ତି, ଓଡ଼ିଶାର ଭବିଷ୍ୟତ ଆମ ଉଚ୍ଚାକାଂକ୍ଷୀ ଏବଂ କଠିନ ପରିଶ୍ରମୀ ଯୁବବର୍ଗଙ୍କ ଉପରେ ନିର୍ଭର କରେ ଏବଂ ସେମାନଙ୍କ ଦ୍ୱାରା ହିଁ ସମ୍ଭବ ।

- ଯୁବ ବଜେଟ୍ ଆଣିବାରେ ଓଡ଼ିଶା ସାଜିବ ପ୍ରଥମ ରାଜ୍ୟ: 'ନବୀନ ଓଡ଼ିଶା'ର ନିର୍ମାତା ଆମ ଯୁବପିଢ଼ିଙ୍କ କଲ୍ୟାଣ ପାଇଁ **ଆଗାମୀ ୧୦ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ନବୀନ ଓଡ଼ିଶା ଯୁବ ବଜେଟ୍** ପ୍ରସ୍ତୁତ କରାଯିବ । ପ୍ରତିବର୍ଷ ଏହାକୁ ବିଧାନସଭାରେ ଉପସ୍ଥାପନ କରାଯିବ । ଏଥିପାଇଁ ଏକ ସ୍ୱତନ୍ତ୍ର ଢାଞ୍ଚାରେ ଯୁବବର୍ଗଙ୍କ ମତାମତ ଗ୍ରହଣ କରି ତଦନୁଯାୟୀ ବ୍ୟୟବରାଦ କରାଯିବ ।
- ରାଜ୍ୟର ଯୁବବର୍ଗଙ୍କ ମତାମତ ଗ୍ରହଣ କରି ପ୍ରତିବର୍ଷ **୧ ହଜାର କୋଟି ଟଙ୍କାର ନବୀନ ଓଡ଼ିଶା ଯୁବ ବଜେଟ୍** ପ୍ରସ୍ତୁତ କରାଯିବ ।
- ରାଜ୍ୟର ସମସ୍ତ କଲେଜ 5T ଅଧୀନକୁ ଅଣାଯାଇ ତାହାର ବିକାଶ କରାଯିବ ।
- ଦେଶବିଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଓଡ଼ିଶାରେ ନିଜର କ୍ୟାମ୍ପସ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯିବ ।
- ଛାତ୍ରଛାତ୍ରୀମାନଙ୍କୁ **'ନୂଆ-ଓ ଛାତ୍ରବୃତ୍ତି' ଜରିଆରେ ଛାତ୍ରମାନଙ୍କୁ ବାର୍ଷିକ ୧୨,୦୦୦ ଟଙ୍କା ଏବଂ ଛାତ୍ରୀମାନଙ୍କୁ ୧୪,୦୦୦ ଟଙ୍କା ପ୍ରଦାନ କରାଯିବ ।**
- ସରକାରୀ ପ୍ରବେଶିକା ବ୍ୟବସ୍ଥାରେ ଉତ୍ତୀର୍ଣ୍ଣ ହୋଇ ସ୍ନାତକ, ସ୍ନାତକୋତ୍ତର, ଆଇଟିଆଇ ଏବଂ ପଲିଟେକନିକ୍ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ **ନୂଆ-ଓ ଛାତ୍ରବୃତ୍ତ ଏବଂ ନୂଆ-ଓ ମ୍ୟାଜିକ୍ କାର୍ଡ଼** ପ୍ରଦାନ କରାଯିବ । ଏହି ସ୍ମାର୍ଟ କାର୍ଡ ଅନନ୍ୟ, ଅଭିନବ ତଥା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ହେବ । ଏହା ଛାତ୍ରଛାତ୍ରୀମାନଙ୍କୁ ଏକାଡେମିକ୍ ଏବଂ ଅଣ-ଏକାଡେମିକ୍ କ୍ଷେତ୍ରରେ ଆହୁରି ସକ୍ଷମ ହେବାକୁ ପ୍ରେରଣା ଯୋଗାଇବ । ଛାତ୍ରଛାତ୍ରୀମାନେ ଏହାଦ୍ୱାରା ମୋବାଇଲ୍ ରିଚାର୍ଜ, ଯାତ୍ରାରେ ରିହାତି, ପୁସ୍ତକ କ୍ରୟରେ ରିହାତି, ୱାଇ-ଫାଇ, ଲାଇବ୍ରେରୀ, ଆତ୍ମରକ୍ଷା, କଥିତ ଇଂରାଜୀ ଶିକ୍ଷା, କ୍ୟାରିଅର୍ କାଉନସେଲିଂ, ନିଯୁକ୍ତି, କ୍ରୀଡ଼ା ସୁବିଧା, ଅନଲାଇନ୍ କୋଚିଂ ଇତ୍ୟାଦିର ସୁବିଧା ପାଇପାରିବେ । ଏହି କାର୍ଡ଼ ୪ ପ୍ରକାରର, ଯଥା- ମ୍ୟାଜିକ୍, ସିଲଭର, ଗୋଲ୍ଡ ଏବଂ ପ୍ଲାଟିନମ୍ । ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଭିତ୍ତିରେ ଏହି କାର୍ଡ଼ ଅପଗ୍ରେଡ଼ ହୋଇପାରିବ ।

- ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ **ବିନା ସୁଧରେ ଶିକ୍ଷା ଋଣ** ପ୍ରଦାନ କରି ସେମାନଙ୍କୁ ଆହୁରି ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରାଯିବ ।
- **'ସ୍କିଲ୍ଡ ଇନ୍ ଓଡ଼ିଶା'**ର ସୁନାମ ଆହୁରି ବଢ଼ିବ । ଏହା ଦେଶବିଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଯୁଗ ସହ ତାଳ ଦେଇ ଆମେ **ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ (ସ୍କିଲ୍ ୟୁନିଭରସିଟି)** ପ୍ରତିଷ୍ଠା କରିବୁ, ଯେଉଁଠାରେ ଡିଗ୍ରୀ କୋର୍ସ ଉପଲବ୍ଧ ହେବ । ଏହା ନିଯୁକ୍ତି ଉପଯୋଗୀ ଦକ୍ଷତା ଶିକ୍ଷାକୁ ପ୍ରୋତ୍ସାହିତ କରି ଯୁବବର୍ଗଙ୍କ ସ୍ୱପ୍ନରେ ଲଗାଇବ ଡେଣା ।
- ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ସହ ଯୁଗପୋଯୋଗୀ ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ସୁନିଶ୍ଚିତ କରାଯିବ ।
- **ସ୍ୱୟମ୍ ଯୋଜନା ଅଧୀନରେ ଉଦ୍ୟମୀ ଯୁବଗୋଷ୍ଠୀଙ୍କୁ ବିନା କୌଣସି ସୁଧରେ ୨ ଲକ୍ଷ ଟଙ୍କାର ଋଣ** ଯୋଗାଇ ଦିଆଯିବ ।
- ସରକାରୀ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ପାଇଁ **୨ ଲକ୍ଷ ନିଯୁକ୍ତି ସୁଯୋଗ** ଯୋଗାଇଦିଆଯିବ ।





# ୦୨

# କୃଷକ ଓ ସାଧାରଣ ପରିବାରବର୍ଗଙ୍କ ପାଇଁ ମାଗଣା ବିଜୁଳି

- **୧୦୦ ୟୁନିଟ୍ ରୁ କମ୍ ବିଜୁଳି** ବ୍ୟବହାର କରୁଥିବା ସମସ୍ତ ଘରୋଇ ଉପଭୋକ୍ତାଙ୍କୁ **ମାଗଣା ବିଜୁଳି** ଯୋଗାଇ ଦିଆଯିବ । **୧୦୦ରୁ ୧୫୦ ୟୁନିଟ୍ ବିଜୁଳି** ବ୍ୟବହାର କରୁଥିବା ଘରୋଇ ଉପଭୋକ୍ତାଙ୍କୁ **୫୦ ୟୁନିଟ୍ ବିଜୁଳି ମାଗଣା** ଦିଆଯିବ । ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ପାଖାପାଖି ସମସ୍ତ ପରିବାର ଏଥିରେ ସାମିଲ୍ ହେବେ । ସହରାଞ୍ଚଳ ବାସିନ୍ଦାମାନେ ମଧ୍ୟ ଏହାଦ୍ୱାରା ଲାଭବାନ ହେବେ । ଏହି ଯୋଜନାରେ ରାଜ୍ୟର ୮୫-୯୦ ପ୍ରତିଶତ ପରିବାର ଲାଭବାନ ହେବେ ।
- **ଚାଷୀଙ୍କ ପାଇଁ ମାଗଣା ବିଜୁଳି** ଉପଲବ୍ଧ ହେବ । ପମ୍ପସେଟ ପରି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିବା ଚାଷୀ, ବିଶେଷ କରି ପଶ୍ଚିମ ଓଡ଼ିଶାର ଚାଷୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ ।
- **ଶକ୍ତି ସଂରକ୍ଷଣ** ଏବଂ **ଅକ୍ଷୟ ଶକ୍ତି** କ୍ଷେତ୍ରରେ ହେଉଥିବା ଉଦ୍ୟମଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ।



# ୦୩

# ସଶକ୍ତ ମହିଳାଙ୍କ ଓଡ଼ିଶା - ନବୀନ ଓଡ଼ିଶା

- ବିଜେଡି ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ୍ ନୁହେଁ । ଏହା ଆମ ସୁଶାସନର ପରିଚୟ । **ମିଶନ୍ ଶକ୍ତି ଆମ ଗର୍ବ** । ଆଗକୁ **ଏସଏଚଜିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାରେ ଆମେ ୧ ନମ୍ବର ରାଜ୍ୟରେ ପରିଣତ ହେବୁ ।** ଏହାସହ **୧୫ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ** ଯୋଗାଇ ଦିଆଯିବ ।
- ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର **ମିଶନ୍ ଶକ୍ତି ସଦସ୍ୟାଙ୍କ ପାଇଁ ପେନସନ୍ ସୁବିଧା** କରାଯିବ ।
- ଆଗାମୀ ୧୦ ବର୍ଷରେ **ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ** ଯୋଗାଇ ଦିଆଯିବ ।
- ଆମେ ପର୍ଯ୍ୟାୟକ୍ରମେ ମିଶନ୍ ଶକ୍ତି ମହାସଂଘରେ ଆବଶ୍ୟକତା ଅନୁଯାୟୀ ଇସି ସଦସ୍ୟାଙ୍କ ସଂଖ୍ୟା ବୃଦ୍ଧି କରିବୁ । ସହରାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଗ୍ରାମାଞ୍ଚଳ ଢାଞ୍ଚାରେ ବିକଶିତ କରିବୁ ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ପରି ଆର୍ଥିକ ସହାୟତା ଯୋଗାଇଦେବୁ ।
- ଆମ ମା'ମାଉସୀ, ଝିଅ ଓ ଭଉଣୀମାନଙ୍କ ସଶକ୍ତିକରଣକୁ ବଳିଷ୍ଠ କରିବା ପାଇଁ **୨୦୩୬ ସୁଦ୍ଧା ଜେଣ୍ଡର୍ ବଜେଟରେ ବ୍ୟୟବରାଦ ୨ ଲକ୍ଷ କୋଟି ଟଙ୍କାରୁ ଅଧିକରେ ପହଞ୍ଚିବ** । ଏହାଦ୍ୱାରା ରାଜ୍ୟର ୫୦ ପ୍ରତିଶତ ଲୋକ ଉପକୃତ ହେବେ ।
- **୧୦ ଲକ୍ଷ ମହିଳା ଉଦ୍ୟୋଗୀ**ଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇବା ପାଇଁ **୧୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ୍** ଗଠନ କରାଯିବ ।
- କର୍ମ କ୍ଷେତ୍ରରେ ଶିଶୁ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ । କର୍ମଜୀବୀ ମହିଳାଙ୍କ ପାଇଁ **୫୦୦ଟି ସୁଲଭ ଶିଶୁ ଯତ୍ନ କେନ୍ଦ୍ର** ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରାଯିବ ଏବଂ ଶିଳ୍ପ-ବ୍ୟବସାୟିକ ପ୍ରତିଷ୍ଠାନ ନିକଟରେ କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ୍ ସୁବିଧା କରାଯିବ ।
- ରାଜ୍ୟର ଯୁବତୀମାନଙ୍କୁ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହ ନିଯୁକ୍ତିଯୋଗ୍ୟ କରିବା ପାଇଁ **ହାଇସ୍କୁଲଗୁଡ଼ିକରେ ଏଆଇ, କୋଡିଂ ଏବଂ ଡିଜିଟାଲ୍ ଜ୍ଞାନକୌଶଳ ଉପରେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା** କରାଯିବ ।
- **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା** ଜାରି ରହିବା ସହ ଏହାକୁ ଆହୁରି ବିସ୍ତାର କରାଯିବ । ଏଥିରେ ୪୦ ବର୍ଷରୁ ଅଧିକ ବୟସର ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ସ୍ତନ ଓ ଗର୍ଭାଶୟ କର୍କଟ ପରି ପ୍ରଜନନାଙ୍ଗ କର୍କଟର ସ୍କ୍ରିନିଂ ଅନ୍ତର୍ଭୁକ୍ତ ରହିବ ।
- **ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ମିଶନ୍ ଶକ୍ତି, ଅଙ୍ଗନବାଡ଼ି ଏବଂ ଆଶା କର୍ମୀମାନେ ଓ ସାମାଜିକ ସୁରକ୍ଷା ପେନସନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ ହେବେ ।**

- **ଆଇଟିଆଇ ଏବଂ ପଲିଟେକନିକ୍ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯୁଗୋପଯୋଗୀ ଜ୍ଞାନକୌଶଳ ଏବଂ ମହିଳାକୈନ୍ଦ୍ରିକ ଶିକ୍ଷା କ୍ଷେତ୍ରରେ ଅତିକମ୍‌ରେ ୨୦ଟି ନୂଆ ପାଠ୍ୟକ୍ରମ** ସାମିଲ୍ କରାଯିବ ।
- ମହିଳାମାନଙ୍କ ସୁରକ୍ଷା ବିଜୁ ଜନତା ଦଳର ସର୍ବାଧିକ ପ୍ରାଥମିକତା । ମା' ଓ ଯୁବତୀମାନଙ୍କ ସୁରକ୍ଷା ଦିଗରେ ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା ଆପଣାଇବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ । ସାରା **ଦେଶରେ ମହିଳାମାନଙ୍କ ପାଇଁ ଓଡ଼ିଶାକୁ ସବୁଠୁ ସୁରକ୍ଷିତ ସ୍ଥାନଭାବେ ଗଢ଼ିତୋଳିବାର ପ୍ରୟାସ** ଜାରି ରହିବ ।



# ୦୪ କୃଷକ ଓଡ଼ିଶା - ନବୀନ ଓଡ଼ିଶା

- **ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାରେ** ଆମେ **ଏକମାତ୍ର ରାଜ୍ୟ । ଆଗାମୀ ୧୦ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ବଢ଼ାଇବାରେ ଓଡ଼ିଶା ଦେଶର ଏକନମ୍ବର ରାଜ୍ୟ** ହେବ ।
- ଚାଷୀଭାଇମାନଙ୍କ ସଶକ୍ତିକରଣ ପାଇଁ ଜଳସେଚନ କଭରେଜ୍, ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର, ବଜାର ବ୍ୟବସ୍ଥା, ଅଧିକ ଅମଳକ୍ଷମ ଶସ୍ୟ ଆଦି କୃଷି ସମ୍ବନ୍ଧୀୟ ସମସ୍ତ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯିବ ।
- **କାଳିଆ ଯୋଜନା**ରେ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବା ଜାରି ରହିବ । **ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ,** ଜଳସେଚନ କ୍ଷେତ୍ରରେ ବ୍ୟବହୃତ ପମ୍ପସେଟ୍ ପାଇଁ ମାଗଣା ବିଜୁଳି ଯୋଗାଇଦିଆଯିବା ସହ ସମସ୍ତ ଚାଷୀଙ୍କ ପାଇଁ **ଫସଲ ବୀମାର କଭରେଜ ବୃଦ୍ଧି** କରାଯିବ ।
- କୃଷକ; ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର **ଚାଷୀଙ୍କ ଆୟବୃଦ୍ଧି ପାଇଁ ମତ୍ସ୍ୟ, ଗୋପାଳନ, କୁକୁଡ଼ା ଚାଷ, ଉଦ୍ୟାନ କୃଷି ଓ ମିଲେଟ୍ସ ବ୍ୟବସାୟକୁ ଅଧିକ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ** କରାଯିବ ।
- **ବୃଦ୍ଧାବସ୍ଥାରେ ସାମାଜିକ ସୁରକ୍ଷା ସୁନିଶ୍ଚିତ** କରିବା ଦିଗରେ ଚାଷୀମାନଙ୍କୁ ଭତ୍ତା ପ୍ରଦାନ କରାଯିବ ।
- ବିଗତ ୫ ବର୍ଷରେ ୨୦ ଲକ୍ଷ ଏକର ଜମିକୁ ଜଳସେଚନ କଭରେଜ୍ ସୁନିଶ୍ଚିତ କରାଯାଇଛି ଏବଂ **ଆସନ୍ତା ୧୦ ବର୍ଷରେ ଆହୁରି ୨୦ ଲକ୍ଷ ଏକର ଜମିକୁ ସମ୍ପୂର୍ଣ୍ଣ ଜଳସେଚିତ କରାଯିବ ।**
- ମାଛଧରା ନିଷେଧ ସମୟରେ **ମତ୍ସ୍ୟଜୀବୀଙ୍କ ପାଇଁ ବାର୍ଷିକ ୧୫ ହଜାର ଟଙ୍କାର ସହାୟତା** ଯୋଗାଇଦିଆଯିବ । କାଳିଆ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ।
- ଚାଷୀମାନଙ୍କ ପାଇଁ **ମଣ୍ଡିଗୁଡ଼ିକରେ ଅତ୍ୟାଧୁନିକ ଷ୍ଟୋରେଜ୍ ସୁବିଧା ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୫୦୦ କୋଟି ଟଙ୍କାର ବ୍ୟୟବରାଦ** କରାଯିବ ।
- ଝିଅ ବିବାହ ପାଇଁ ଚାଷୀ ପରିବାରଙ୍କୁ **୨୫,୦୦୦ ଟଙ୍କାର ସହାୟତା** ମିଳିବ ।



# ୦୪

# ଜନଜାତି ସଶକ୍ତିକରଣ

- ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ନେଇ ଓଡ଼ିଶାରେ ଜନଜାତି ସମୁଦାୟଙ୍କର ଏକ ଉଲ୍ଲେଖନୀୟ ଜନସଂଖ୍ୟା ରହିଛି । ଜନଜାତି ସଶକ୍ତିକରଣ ଆମ ଶାସନ ବ୍ୟବସ୍ଥାର ଅନ୍ୟତମ ଆବଶ୍ୟକତା ଓ ମୂଳାଧାର । ବିକଶିତ ଶିକ୍ଷା ବ୍ୟବସ୍ଥା ସହ ଆଦିବାସୀବର୍ଗଙ୍କୁ ସ୍ୱୟଂକ୍ରିୟ କରିବା ତଥା ସେମାନଙ୍କ ଜୀବନଚର୍ଯ୍ୟାରେ ବ୍ୟାପକ ରୂପାନ୍ତରଣ ଆଣି ଜନଜାତିଙ୍କୁ ଆହୁରି ସଶକ୍ତ କରାଯିବ ।
- ଏସଡିସିଗୁଡ଼ିକୁ ଆହୁରି ସୁଦୃଢ଼ କରି ଆଦିବାସୀଙ୍କ ପରିଚୟ, ଭାଷା ଓ ସଂସ୍କୃତିର ସୁରକ୍ଷା ସୁନିଶ୍ଚିତ କରାଯିବ । **ଏସଡିସିଗୁଡ଼ିକୁ ଯୋଗାଇଦିଆଯାଉଥିବା ଅର୍ଥରାଶିକୁ ଦୁଇଗୁଣା** ବଢ଼ାଯାଇ ଜନଜାତି ବହୁଳ ଅଞ୍ଚଳମାନଙ୍କର ବିକାଶ ଦିଗରେ କାର୍ଯ୍ୟ କରାଯିବ । ଜନଜାତି ସମୁଦାୟଙ୍କ ସମୃଦ୍ଧ ଐତିହ୍ୟ ତଥା ସଂସ୍କୃତିର ସୁରକ୍ଷା ଆମର ହେବ ସର୍ବାଧିକ ପ୍ରାଥମିକତା । ଏଥିସହ ଜନଜାତି ଭାଷା କମିଶନକୁ ଆହୁରି ସୁଦୃଢ଼ କରାଯିବ ।
- **କେନ୍ଦୁପତ୍ର ବିଡ଼ା ପିଛା ଦର ୨ ଟଙ୍କାକୁ ବୃଦ୍ଧି** କରାଯିବା ସହ **ତୋଳାଳିଙ୍କ ପାଇଁ ୫୦ ପ୍ରତିଶତ ଓ ବନ୍ଧାଳିଙ୍କ ପାଇଁ ୧୦ ପ୍ରତିଶତ ବୋନସ୍** ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବଗୋଷ୍ଠୀଙ୍କ ମଧ୍ୟରେ ସ୍ୱରୋଜଗାର ବୃଦ୍ଧି କରିବା ପାଇଁ **୧୦ ହଜାର ଯୁବକଯୁବତୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା** ଯୋଗାଇଦିଆଯିବ । **୧୦ ବର୍ଷ ମଧ୍ୟରେ ଏଥିରେ ୧ ହଜାର କୋଟି ଟଙ୍କା** ଖର୍ଚ୍ଚ କରାଯିବ । ସେହିପରି **ଜନଜାତି ଯୁବକଯୁବତୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଋଣ ଉପରେ ସୁଧଛାଡ଼** କରାଯାଇ ସେମାନଙ୍କୁ ଉଦ୍ୟୋଗୀ ହେବାକୁ ଅଧିକ ପ୍ରୋତ୍ସାହିତ କରାଯିବ ।
- **ଲାଭ ଯୋଜନାରେ ଲଘୁ ଜଙ୍ଗଲଜାତ ଦ୍ରବ୍ୟର ବଜାର ସୁବିଧା ପାଇଁ ଏହାର କଭରେଜ ଓ ସଂଖ୍ୟାକୁ ବ୍ୟାପକ କରାଯିବ ।**
- ଜନଜାତିବର୍ଗଙ୍କ ପାଇଁ ଥିବା ସମସ୍ତ ସରକାରୀ ପଦବୀ ପୂରଣ କରାଯିବ ।





# ୦୨

## ଶ୍ରମିକ ଓଡ଼ିଶା-ନବୀନ ଓଡ଼ିଶା

- ବିଜୁ ଜନତା ଦଳ ଶ୍ରମଜୀବୀଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଓ ନିକଟରେ ଦଳ ପକ୍ଷରୁ ଏଦିଗରେ ଐତିହାସିକ ନିଷ୍ପତ୍ତି ନେଇ ସେମାନଙ୍କ **ସର୍ବନିମ୍ନ ମଜୁରୀ ୧୦୦ଟଙ୍କା ବୃଦ୍ଧି** କରାଯାଇଛି ।
- ମହିଳା ଶ୍ରମିକଙ୍କୁ ବିଶେଷ ଗୁରୁତ୍ୱ ଦେବା ସହ **ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିକୁ ଦୁଇଗୁଣା ବୃଦ୍ଧି** କରାଯିବ ।
- **ହସ୍ତତନ୍ତ ବୁଣାକାର ଓ ପାରମ୍ପରିକ କାରିଗରଙ୍କ କଲ୍ୟାଣ ଓ ସହଯୋଗ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।**
- ସେହିଭଳି **ଡ୍ରାଇଭରଙ୍କ କଲ୍ୟାଣ** ଓ ପ୍ରଗତି ପାଇଁ **ଦୁର୍ଘଟଣା ବୀମା** ଓ ସେମାନଙ୍କ **ପିଲାଙ୍କ ପାଇଁ ଶିକ୍ଷାବୃତ୍ତି** ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ।
- ଅଣସଂଗଠିତ କ୍ଷେତ୍ରର ସମସ୍ତ ଶ୍ରମିକଙ୍କ ପଞ୍ଜିକରଣ ପର୍ଯ୍ୟାୟ ଭିତ୍ତିରେ ଜାରି ରହିବ ।



# ୦୩

## ମଧ୍ୟବିତ୍ତ ଆମ ସମାଜର ମେରୁଦଣ୍ଡ

- ମଧ୍ୟବିତ୍ତବର୍ଗ ଆମ ସମାଜର ମେରୁଦଣ୍ଡ । ମଧ୍ୟବିତ୍ତଙ୍କ ପାଇଁ ଚାରୋଟି ପ୍ରମୁଖ ପ୍ରସଙ୍ଗ ହେଉଛି ଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବହନ ।
- **ବିଏସକେୱାଇର ପରିସର ବୃଦ୍ଧି କରାଯାଇ ମଧ୍ୟବିତ୍ତବର୍ଗଙ୍କୁ ଏଥିରେ ସାମିଲ** କରାଯିବ ।
- **ସୁଧ ରିହାତି ସହ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ** ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ।
- **ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ଓ ଶିକ୍ଷା ଋଣ (୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ପ୍ରଦାନ** ସହ ସରକାରୀ ଶିକ୍ଷାନୁଷ୍ଠାନର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଆମ ପିଲାମାନଙ୍କ ଭିତରେ ପ୍ରତିଯୋଗୀ ଭାବନା ଜାଗ୍ରତ ସହ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବ ।
- **'ଲକ୍ଷ୍ମୀ' ଓ 'ମୋ ବସ୍' ସେବାର ପ୍ରସାର** କରି ସମସ୍ତଙ୍କ ପାଇଁ ସୁଲଭ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ ହେବ ।
- **ମଧ୍ୟବିତ୍ତ ପରିବାରବର୍ଗଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି** ଯୋଗାଇଦିଆଯିବ । ୧୦୦ରୁ ୧୫୦ ୟୁନିଟ୍ ବ୍ୟବହାର କରୁଥିବା ପରିବାରବର୍ଗ ୫୦ ୟୁନିଟ୍ ମାଗଣା ବିଜୁଳି ପାଇବେ ।



# ୦୮
# ଅନୁସୂଚିତ ଜାତି

- ଆମ ରାଜ୍ୟର ଜନସଂଖ୍ୟାରେ ଅନୁସୂଚିତ ଜାତିଙ୍କର ଏକ ଉଲ୍ଲେଖନୀୟ ଅଂଶ ରହିଛି । ରାଜ୍ୟର ବିକାଶରେ ସେମାନେ ପ୍ରମୁଖ ଭାଗିଦାର । ତେଣୁ ସେମାନଙ୍କର ବିଶେଷ କରି ଯୁବଗୋଷ୍ଠୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛୁ ।
- ଉଚ୍ଚଶିକ୍ଷା ଗ୍ରହଣ କରୁଥିବା **ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି** ଯୋଗାଇଦିଆଯିବ ।
- ବ୍ୟବସାୟ ପ୍ରତିଷ୍ଠା ପାଇଁ ସେମାନଙ୍କୁ **ସ୍ୱୟମ୍ ଯୋଜନା ଅଧୀନରେ ଅଗ୍ରାଧିକାର ଭିତ୍ତିରେ ଋଣ** ଯୋଗାଇଦିଆଯିବ ।
- ସ୍ୱରୋଜଗାରକୁ ପ୍ରୋତ୍ସାହିତ କରିବା ପାଇଁ **ପ୍ରତିବର୍ଷ ୧୦ ହଜାର ଅନୁସୂଚିତ ଜାତି ଓ ଜନଜାତି ଯୁବବର୍ଗଙ୍କୁ ୧ ଲକ୍ଷ ଟଙ୍କାର ସହାୟତା** ଯୋଗାଇ ଦିଆଯିବ । ଏଥିପାଇଁ ଆଗାମୀ ୧୦ ବର୍ଷରେ ୧ ହଜାର କୋଟି ବ୍ୟୟ କରାଯିବ । ସେହିପରି ସେମାନଙ୍କୁ ଉଦ୍ୟୋଗୀଭାବେ ଗଢ଼ିତୋଳିବା ପାଇଁ **ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ** ସହାୟତା ଯୋଗାଇଦିଆଯିବ ।
- ଅନୁସୂଚିତ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ପଦବୀ ପୂରଣ କରାଯିବ ।



# ୦୯
# ଅନ୍ୟାନ୍ୟ ପଛୁଆବର୍ଗ

- ଆମ ରାଜ୍ୟର ଜନସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସଂଖ୍ୟା ଉଲ୍ଲେଖନୀୟ । ରାଜ୍ୟର ବିକାଶରେ ସେମାନଙ୍କ ପ୍ରମୁଖ ଯୋଗଦାନ ରହିଛି । ତେଣୁ ଏହି ବର୍ଗ ତଥା ଯୁବଗୋଷ୍ଠୀଙ୍କ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ସୁନିଶ୍ଚିତ କରାଯିବ ।
- ଅନ୍ୟାନ୍ୟ **ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ** ଯୋଜନାରେ ପ୍ରାଥମିକତା ଭିତ୍ତିରେ ଛାତ୍ରବୃତ୍ତି ଯୋଗାଇଦିଆଯିବ ।
- ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ **କୋଚିଂ ଏବଂ ହଷ୍ଟେଲର ସ୍ୱତନ୍ତ୍ର ସୁବିଧା** କରାଯିବ ।
- ଆମେ ପର୍ଯ୍ୟାୟକ୍ରମେ ସମୟାନୁଯାୟୀ **ଏହି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ** କରିବୁ ।
- **ସ୍ୱୟମ୍ ଯୋଜନା ଅଧୀନରେ ଓବିସି ବର୍ଗର ଯୁବଗୋଷ୍ଠୀଙ୍କୁ ଅଗ୍ରାଧିକାର** ଭିତ୍ତିରେ ଋଣ ଯୋଗାଇଦିଆଯିବ ।

- ସ୍ୱରୋଜଗାରକୁ ପ୍ରୋତ୍ସାହିତ କରିବା ପାଇଁ **ପ୍ରତିବର୍ଷ ୧୦ ହଜାର ଓବିସି ଯୁବବର୍ଗଙ୍କୁ ୧ ଲକ୍ଷ ଟଙ୍କାର ସହାୟତା** ଯୋଗାଇ ଦିଆଯିବ । ଏଥିପାଇଁ ଆଗାମୀ ୧୦ ବର୍ଷରେ ୧ ହଜାର କୋଟି ବ୍ୟୟ କରାଯିବ । ସେହିପରି ସେମାନଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ **ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ** ସହାୟତା ଦିଆଯିବ ।
- ସାଧାରଣ ଜନଗଣନା ସହ ଓବିସି ଓ ଏସସିବିସି ଜନଗଣନା ଦ୍ୱାରା ପଛୁଆ ବର୍ଗଙ୍କ ପାଇଁ ନ୍ୟାୟସଙ୍ଗତ ସଂରକ୍ଷଣ ସୁନିଶ୍ଚିତ କରିବାକୁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜାରି ରଖିବୁ । ଏଥିପାଇଁ ଆବଶ୍ୟକୀୟ ଆଇନଗତ ଓ ବୈଧାନିକ ପଦକ୍ଷେପ ନେବାକୁ ମଧ୍ୟ ଦାବି ଜାରି ରଖିବୁ । ବିଜେଡି ଷ୍ଟେଟ୍ ସର୍ଭେ ଡାଟା ସମସ୍ତ ଫୋରମରେ ପ୍ରକାଶିତ କରିବ ।



## ୧୦ ସଂଖ୍ୟାଲଘୁ

- ବିଜୁ ଜନତା ଦଳ ସବୁବେଳେ ସମାଜର ସମନ୍ୱିତ ବିକାଶ ଦିଗରେ କାମ କରିଆସିଛି । ଏଥିପାଇଁ ସଂଖ୍ୟାଲଘୁମାନେ ମଧ୍ୟ ନିଜକୁ ସଶକ୍ତ ଓ ସୁରକ୍ଷିତ ଅନୁଭବ କରିଆସିଛନ୍ତି । ବିଜେଡି ସବୁବେଳେ ଏହି ଧାରାକୁ ବଜାୟ ରଖିବ ।
- ପ୍ରମୁଖ **ଶିକ୍ଷାନୁଷ୍ଠାନ ଏବଂ ଆରାଧନାସ୍ଥଳୀଗୁଡ଼ିକୁ** 5T ଅଧୀନରେ ହାତକୁ ନିଆଯାଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକାଶ କରାଯିବ ।
- **ସ୍ୱୟମ୍ ଯୋଜନା ଅଧୀନରେ ସଂଖ୍ୟାଲଘୁ ଯୁବଗୋଷ୍ଠୀଙ୍କୁ ସ୍ୱରୋଜଗାର ବୃଦ୍ଧି ପାଇଁ ପ୍ରୋତ୍ସାହିତ କରାଯିବ ।**



## ୧୧ ବରିଷ୍ଠ ନାଗରିକ

- ବରିଷ୍ଠ ନାଗରିକମାନଙ୍କୁ **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଉନ୍ନତ ଓ ସୁଲଭ ଚିକିତ୍ସା ସେବା** ଯୋଗାଇ ଦିଆଯିବ । ଏଥିରେ ସାଧାରଣତଃ ଦେଖାଯାଉଥିବା ବୟସଗତ ରୋଗ; ଯେପରିକି କର୍କଟ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ସ୍କ୍ରିନିଂର ବ୍ୟବସ୍ଥା ରହିବ ।
- ଘରୋଇ ସଂସ୍ଥା**ଙ୍କ** ସହଭାଗିତାରେ ଆମ ସରକାର ସକ୍ରିୟ ବୃଦ୍ଧାବସ୍ଥାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ । ଏଥିପାଇଁ ସାରା ରାଜ୍ୟରେ ଆକ୍ଟିଭ୍ ଏଜିଂ ସେଣ୍ଟର୍ ପ୍ରତିଷ୍ଠା ସହ ବରିଷ୍ଠ ନାଗରିକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଘରୋଇ ସ୍ୱାସ୍ଥ୍ୟ ସହାୟିକାଙ୍କ ଗୋଟିଏ କ୍ୟାଡର୍ ପ୍ରସ୍ତୁତ କରାଯିବ ।
- ଆମେ **ମଧୁବାବୁ ପେନସନ୍ ଯୋଜନା**କୁ ଆହୁରି ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରଖୁଛୁ । ଏହି ଯୋଜନା ଅଧୀନରେ **ସମସ୍ତ ବରିଷ୍ଠ ନାଗରିକଙ୍କୁ ସାମିଲ** କରିବା ସୁନିଶ୍ଚିତ କରାଯିବ ।
- **ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା** ଚାଲୁ ରହିବା ସହ ଏହାକୁ ଆହୁରି ବ୍ୟାପକ କରାଯିବ । **ବିଶେଷକରି ପୁରୀର ଶ୍ରୀ ଜଗନ୍ନାଥ ଧାମକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କୁ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ପ୍ରଦାନ** କରାଯିବାର ପ୍ରକ୍ରିୟା ଜାରି ରହିବ ।



# ୧୨
# ଭିନ୍ନକ୍ଷମ

- ଭିନ୍ନକ୍ଷମଙ୍କୁ ନିଯୁକ୍ତିଯୋଗ୍ୟ ତଥା ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ଆମେ **ଭିନ୍ନକ୍ଷମ ଉତ୍କର୍ଷ କେନ୍ଦ୍ର ସ୍ଥାପନ** କରିବାକୁ ପ୍ରସ୍ତାବ ରଖୁଛୁ । **ସ୍ୱତନ୍ତ୍ର ପ୍ରଶିକ୍ଷଣ, ମାର୍ଗଦର୍ଶନ ଏବଂ ସହାୟତା ମାଧ୍ୟମରେ ସଭିଙ୍କ ସମନ୍ୱିତ ବିକାଶ** ଦିଗରେ ଏହା କାର୍ଯ୍ୟ କରିବ ।
- ସହାୟକ **ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ୧୦୦ କୋଟି ଟଙ୍କାର** ଏକ ଇମ୍ପାକ୍ଟ ଫଣ୍ଡ୍ ଗଠନ କରିବୁ ।
- **ସରକାରୀ ଚାକିରିରେ ଭିନ୍ନକ୍ଷମଙ୍କ ପାଇଁ ଖାଲିଥିବା ପଦବୀ ପୂରଣ କରାଯିବ ।**
- ୨୦୨୬ ମଧ୍ୟରେ ଆମେ **ଡିଜିଟାଲ୍ ସାକ୍ଷରତା ବୃଦ୍ଧି ସହ ଭିନ୍ନକ୍ଷମ ମହିଳା ଓ ଝିଅମାନଙ୍କ ପାଇଁ ସ୍ମାର୍ଟଫୋନର ବ୍ୟବସ୍ଥା** କରିବାକୁ ଏକ ଯୋଜନା ପ୍ରସ୍ତୁତ କରିବୁ ।
- **ଭିନ୍ନକ୍ଷମଙ୍କ କଲ୍ୟାଣ ତଥା ବିକାଶ ପାଇଁ ରାଜ୍ୟ ବଜେଟର ବ୍ୟୟବରାଦକୁ ବହୁଗୁଣ** କରାଯିବ; ଯାହା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବାଧିକ ହେବ ।



# ୧୩
# ଅର୍ଥନୈତିକ ଅଭିବୃଦ୍ଧି - ଓଡ଼ିଶା ସାଜିବ ମାର୍ଗଦର୍ଶକ

- ଜାତୀୟ ଅଭିବୃଦ୍ଧି ହାର ତୁଳନାରେ ଓଡ଼ିଶାର ଅର୍ଥନୀତି ବିଗତ ୫ ବର୍ଷ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ଦେଖୁଛି । ଏହି ଅଭିବୃଦ୍ଧି ହାରକୁ ବଜାୟ ରଖି ଆଗାମୀ ୧୦ ବର୍ଷରେ ଓଡ଼ିଶା ଦେଶର ଶ୍ରେଷ୍ଠ ତିନିଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ଆମେ ସୁନିଶ୍ଚିତ କରିବୁ ।
- ଆଗକୁ ବି ଏହି ଅଭିବୃଦ୍ଧି ହାର ଜାରି ରହିବା ସହ ନିବେଶ ବୃଦ୍ଧି, ନିଯୁକ୍ତିର ସୁଯୋଗ ସୃଷ୍ଟି, ଦକ୍ଷତା ବିକାଶ, ଭିତ୍ତିଭୂମି ବିକାଶ, ଯୋଗାଯୋଗ, ଗତିଶୀଳ କୃଷି କଲ୍ୟାଣ ଓ ସେବାକ୍ଷେତ୍ରରେ ସୁଯୋଗ ବୃଦ୍ଧି କରି ଯୋଗାଣ ଓ ଚାହିଦାକୁ ଆହୁରି ସମୟାନୁଯାୟୀ, ବ୍ୟବସ୍ଥିତ ଓ ଅଧିକ କରାଯିବ ।

- ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବା ଦିଗରେ ଆମେ ସାରା ଦେଶରେ ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ । ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ।
- **ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ଦିଗରେ ପର୍ଯ୍ୟଟନ ଏକ ବିସ୍ତୀର୍ଣ୍ଣ କ୍ଷେତ୍ର** । ଆମେ ରାଜ୍ୟରେ **୧୦୦ଟି ବିଶ୍ୱସ୍ତରୀୟ ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନ ସ୍ଥଳର ବିକାଶ** କରିବୁ ଯେଉଁଥିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିର ସୁଯୋଗ ମିଳିବ ।
- ବହୁଗୁଣ ନିବେଶ ବୃଦ୍ଧି ସହ **ଓଡ଼ିଶା ଭାରତର 'ଆଇଟି ହବ୍'** ହେବାକୁ ଯାଉଛି । ଶିଳ୍ପୋଦ୍ୟୋଗ, ବୈଷୟିକ ଓ ପରିଚାଳନାଗତ ଅନୁଷ୍ଠାନ ଏବଂ ଦକ୍ଷତା ଆଧାରରେ ଆମେ ଏକ ଆଇଟି ଇକୋ ସିଷ୍ଟମ୍ ବିକଶିତ କରିବୁ ।
- ସ୍ଥାନୀୟ ଲଘୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଉପରେ ଆମର ବିଶେଷ ଗୁରୁତ୍ୱ ରହିବା ସହ ଏମଏସଏମଇ କ୍ଷେତ୍ରରେ ଉତ୍ପାଦର ମାନ ବୃଦ୍ଧି ଏବଂ ବିଶ୍ୱ ବଜାରର ପ୍ରତିଯୋଗିତାରେ ଏହାର ଚାହିଦା ବୃଦ୍ଧି କରିବାକୁ କାର୍ଯ୍ୟ କରାଯିବ । ଓଡ଼ିଶାରେ ଏମଏସଏମଇ ଉଦ୍ୟୋଗଗୁଡ଼ିକର ବିକାଶ ଓ ସହାୟତା ପାଇଁ **୫୦୦ କୋଟି ଟଙ୍କାର ଏକ ଏମଏସଏମଇ କର୍ପସ୍ ଫଣ୍ଡ୍** ଗଠନ କରାଯିବ ।
- **ବିଜୁ ଏକ୍ସପ୍ରେସ୍ ୱେର ଉଭୟ ପାର୍ଶ୍ୱରେ** ଯୋଜନାବଦ୍ଧ ଭାବେ ଶିଳ୍ପ ପାର୍କ ପ୍ରତିଷ୍ଠା କରି **ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବିଜୁ ଅର୍ଥନୀତି କରିଡର** ବିକାଶ କରିବୁ ।
- **ସମ୍ବଲପୁର ଏବଂ ପୁରୀ ଅଞ୍ଚଳ**ରେ ଯୁଗୋପଯୋଗୀ ଅର୍ଥନୈତିକ ଉଦ୍ୟୋଗର ବିକାଶକୁ ପ୍ରାଥମିକତା ଦିଆଯିବ ।
- ଧାତୁ ଓ ଖଣିଜ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ ହବ୍ ଭାବେ ପ୍ରତିଷ୍ଠା କରିବା ପାଇଁ **ଧାତୁ ଓ ଖଣିଜ ଶିଳ୍ପ ଏବଂ ତତ୍ ସମ୍ବନ୍ଧୀୟ ଶିଳ୍ପ**ରେ ନିରନ୍ତର ବିକାଶ ସୁନିଶ୍ଚିତ କରିବୁ ।



## ୧୪ ଗୁଣାତ୍ମକ ଶିକ୍ଷା

- ଓଡ଼ିଶାରେ ପ୍ରାୟ ୬୦ ଲକ୍ଷ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପାଠ ପଢ଼ନ୍ତି । **ରାଜ୍ୟର ସମସ୍ତ ୮୬୮୧ ଉଚ୍ଚ ବିଦ୍ୟାଳୟକୁ 5T ଅଧୀନରେ ରୂପାନ୍ତରିତ କରାଯାଇଛି** । ସବୁ ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ଖେଳପଡ଼ିଆ, ପ୍ରୟୋଗଶାଳା, ଶୌଚାଳୟ ସୁବିଧା ଉପଲବ୍ଧ କରାଯାଇଛି, ଯାହା କୌଣସି ବେସରକାରୀ ବିଦ୍ୟାଳୟଠାରୁ କମ୍ ନୁହେଁ । ପର୍ଯ୍ୟାୟକ୍ରମେ **ସବୁ ସ୍କୁଲ 5T ରୂପାନ୍ତରୀକରଣରେ ସାମିଲ** ହେବ ।
- **ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗଠନ** କରି ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାଜିବ ଉତ୍କର୍ଷର କେନ୍ଦ୍ର । ଏହା ସାରା ଦେଶରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରାଇବାରେ ଉଦାହରଣ ସୃଷ୍ଟି କରିବ ।
- ବୃତ୍ତିଗତ ଶିକ୍ଷା ପ୍ରଦାନ କରୁଥିବା ସଂସ୍ଥାନମାନଙ୍କରେ **ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଜାରି ରହିବ** ।

- **ଡିଜିଟାଲ୍ ସାକ୍ଷରତା ତଥା ଉଭୟ ଥିଓରି ଓ ପ୍ରାକ୍ଟିକାଲ୍ ଉପରେ ଆଧାରିତ STEM ଶିକ୍ଷା ବ୍ୟବସ୍ଥା** ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ବିଶେଷ କରି ଛାତ୍ରୀମାନଙ୍କୁ ଏଥିରେ ପ୍ରାଥମିକତା ଦିଆଯିବ । ପ୍ରତି ହାଇସ୍କୁଲରେ କୋଡିଂ, ପ୍ରୋଗ୍ରାମିଂ ଓ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ ।
- ଶିକ୍ଷା ବ୍ୟବସ୍ଥାରେ ନବସୃଜନର ବିକାଶ, ସହଭାଗିତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଆକାଂକ୍ଷା ପୂରଣ ପାଇଁ **'ମୋ ସ୍କୁଲ'ର ପରିସରକୁ ଆହୁରି ପରିବ୍ୟାପ୍ତ** କରାଯିବ ।
- ରାଜ୍ୟର ମହାପୁରୁଷମାନଙ୍କ ସହ ଜଡ଼ିତ **୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' ଅଧୀନର ରୂପାନ୍ତରଣ** କରାଯାଇ ସେସବୁର ରକ୍ଷଣାବେକ୍ଷଣ କରାଯିବ ।



# ୧୪
# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଭିତ୍ତି ଉପରେ ସାରା ଦେଶରେ **ସବୁଠୁ ସହଜ, ସୁଲଭ, ଗୁଣାତ୍ମକ ଚିକିତ୍ସା ସୁବିଧା ସୁନିଶ୍ଚିତ** କରିବା ସହ ଦକ୍ଷ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଏବଂ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯିବ ।
- ନାଗରିକଙ୍କୁ ଦେୟମୁକ୍ତ ଓ ଏକକ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରିବା ଦିଗରେ **ବିଏସକେୱାଇରେ ପର୍ଯ୍ୟାୟକ୍ରମେ ମଧ୍ୟବିତ୍ତ ପରିବାର, ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଅନ୍ୟମାନଙ୍କୁ ମଧ୍ୟ ସାମିଲ** କରାଯିବ । ବର୍ତ୍ତମାନ, ବିଏସକେୱାଇ ଦ୍ୱାରା ପ୍ରାୟ ୩.୩ କୋଟି ଲୋକ ଉପକୃତ ହେଉଛନ୍ତି, ଯେଉଁଥିରେ ୫,୪୮୨ କୋଟି ଟଙ୍କାର ରାଜସ୍ୱ ବ୍ୟୟ ହୋଇଛି ।
- ଆମ ପିଲାମାନଙ୍କ ପାଇଁ **ଶତ ପ୍ରତିଶତ ଟୀକାକରଣ ସୁନିଶ୍ଚିତ** କରିବାକୁ ଆମେ ସଂକଳ୍ପବଦ୍ଧ । **ଓଡ଼ିଶାର ଟୀକାକରଣ ହାର ଜାତୀୟ ହାରଠାରୁ ଅଧିକ** ରହିଛି ।
- **ଅପପୁଷ୍ଟି ହାରରେ ଉଲ୍ଲେଖନୀୟ ହ୍ରାସ** କରିବା ଦିଗରେ ଓଡ଼ିଶା ସାରା ଦେଶରେ ଅନ୍ୟତମ ଶ୍ରେଷ୍ଠ ରାଜ୍ୟ । ଏହା ଆଗକୁ ମଧ୍ୟ ବଜାୟ ରହିବ ।
- ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ କରି **ମେଡିକାଲ୍ ଓ ପାରାମେଡିକାଲ କଲେଜଗୁଡ଼ିକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବ ଓ ସଂସ୍ଥାନମାନଙ୍କ ସଂଖ୍ୟା ବଢ଼ାଯିବ** । ଓଡ଼ିଶା ଡାକ୍ତର ବଳକା ରାଜ୍ୟରେ ପରିଣତ ହେବ ।
- **ଆମ ହସ୍ପିଟାଲ ଅଧୀନରେ ରାଜ୍ୟର ପ୍ରାଥମିକ, ଗୋଷ୍ଠୀ ଏବଂ ଜିଲ୍ଲା ହସ୍ପିଟାଲଗୁଡ଼ିକର ରୂପାନ୍ତରଣ କରାଯିବ ।**
- **ଏସସିବି ମେଡିକାଲ୍ କଲେଜର ଭିତ୍ତିଭୂମିକୁ ବିକଶିତ କରି ସେଠାରେ ଏମ୍ସ+ ସୁବିଧା ଉପଲବ୍ଧ କରାଯିବ । ଭିମସାର, ବୁର୍ଲା ଏବଂ ଏମକେସିଜି, ବ୍ରହ୍ମପୁରର ବିକାଶ ପାଇଁ ପାଖାପାଖି ୧,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବ ।**
- **ଫୁଲବାଣୀ, ଯାଜପୁର ଏବଂ ତାଳଚେରରେ ନୂଆ ମେଡିକାଲ କଲେଜ** କାର୍ଯ୍ୟକ୍ଷମ କରିବା ସହ ରାଜ୍ୟର ଅନ୍ୟ ମେଡିକାଲ କଲେଜଗୁଡ଼ିକର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯିବ ।



# ୧୨

# ଭିତ୍ତିଭୂମି ଓ ଯୋଗାଯୋଗ

- ଯାତାୟାତ ଓ ଯୋଗାଯୋଗ କ୍ଷେତ୍ରରେ ସମୃଦ୍ଧ ଭିତ୍ତିଭୂମି ଅର୍ଥନୈତିକ ଅଭିବୃଦ୍ଧି ଓ ସମାବେଶୀ ବିକାଶର ନିର୍ଦ୍ଧାରକ । ଏଣୁ ଯୋଗାଯୋଗ କ୍ଷେତ୍ରରେ ଆମ ଲୋକଙ୍କ ପାଇଁ ସର୍ବୋତ୍ତମ ବ୍ୟବସ୍ଥା ଉପଲବ୍ଧ କରାଇବାରେ ଆମର କାର୍ଯ୍ୟ ଆଗକୁ ମଧ ଜାରି ରହିବ ।
- **ଭୁବନେଶ୍ୱର ଏବଂ ପୁରୀ ବିମାନବନ୍ଦର ମଧ୍ୟରେ ଏକ ଏକ୍ସପ୍ରେସ୍ ୱେର ବିକାଶ** କରାଯିବ । ଏହାର **ଉଭୟ ପାର୍ଶ୍ୱରେ ସହରୀକରଣ ଓ ଶିଳ୍ପ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଇ ଏହାକୁ ଦେଶର ପ୍ରମୁଖ ଅର୍ଥନୈତିକ କରିଡର୍ ଭାବେ ବିକଶିତ** କରାଯିବ ।
- **ଗୋପାଳପୁର ଏବଂ ଜୟପୁରକୁ ସଂଯୋଗ କରି ୫,୦୦୦ କୋଟି ଟଙ୍କା ବ୍ୟୟରେ ବିଜୁ ଏକ୍ସପ୍ରେସ୍ ୱେ (ଦକ୍ଷିଣ)ର ନିର୍ମାଣ କରାଯିବ ।**
- **'ଲକ୍ଷ୍ମୀ ବସ୍' ସେବାର ସମ୍ପ୍ରସାରଣ** କରାଯାଇ ରାଜ୍ୟର ସବୁ ପ୍ରମୁଖ ଗାଁଗୁଡ଼ିକୁ ନିକଟସ୍ଥ ବଡ଼ ସହର ଓ ଜିଲ୍ଲା ସଦରମହକୁମା ସହ ଯୋଡ଼ାଯିବ । ସେହିପରି **'ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା'ର ଚଳାଚଳ ହାର ଓ ପହଞ୍ଚ ବଢ଼ାଯିବ ।**
- **ମହିଳା ଏବଂ ଛାତ୍ରଛାତ୍ରୀମାନଙ୍କୁ ଯାତ୍ରୀଭଡ଼ାରେ ରିହାତି ମିଳିବ ।**
- ପ୍ରମୁଖ ସଡ଼କଗୁଡ଼ିକର ବିକାଶ ଓ ବିସ୍ତାର କରାଯାଇ ମୁଖ୍ୟ ସେତୁଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ ଧାର୍ଯ୍ୟ ସମୟରେ ଶେଷ କରାଯିବ ।
- **ଉପକୂଳ ଏକ୍ସପ୍ରେସ୍ ୱେ ନିର୍ମାଣ କରାଯିବ ।**
- ପୁରୀରେ **ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଯ୍ୟକ୍ଷମ** କରାଯିବ । ବିଶ୍ୱର କୋଣ ଅନୁକୋଣରୁ ଯେପରି ଭକ୍ତ ତଥା ଶ୍ରଦ୍ଧାଳୁମାନେ ସିଧାସଳଖ ମହାପ୍ରଭୁଙ୍କ ଧାମରେ ପହଞ୍ଚିବେ, ତାହା ସୁନିଶ୍ଚିତ କରାଯିବ ।
- ଦୁବାଇ, ବ୍ୟାଙ୍ଗକକ୍ ଓ ସିଙ୍ଗାପୁରକୁ ସିଧାସଳଖ ବିମାନସେବା ଉପଲବ୍ଧ ହେବା ଭଳି **ଅନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ସହରକୁ ଆକାଶପଥରେ ସଂଯୋଗ** କରାଯିବ । ଆମ **ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କୁ ବିମାନ ସଂଖ୍ୟା ବଢ଼ାଯାଇ** ଅନ୍ତଃରାଜ୍ୟ ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ।



# ୧୭
## କ୍ରୀଡ଼ା ବିକାଶ

- କ୍ରୀଡ଼ା ଯୁବକମାନଙ୍କ ପାଇଁ ଓଡ଼ିଶାକୁ ଦେଶର **ପ୍ରମୁଖ କ୍ରୀଡ଼ା କ୍ଷେତ୍ର** ଭାବେ ବିକଶିତ କରିବାର ଧାରା ଅବ୍ୟାହତ ରହିବ । ଯୁବପିଢ଼ିକୁ ପ୍ରାଥମିକତା ଦେଇ ଆମ କ୍ରୀଡ଼ା ବିକାଶର ମଡେଲ୍ ଜାରି ରହିବ ।
- ସମଗ୍ର ରାଜ୍ୟରେ ସର୍ବୋତ୍ତମ କ୍ରୀଡ଼ା ସୁବିଧା ଏବଂ ବୃତ୍ତିଗତ କୋଚିଂ କାର୍ଯ୍ୟକ୍ରମ ସୁବିଧା ଉପଲବ୍ଧ ହେବ । 5T ଅଧୀନରେ କ୍ରୀଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ସମନ୍ୱିତ ପନ୍ଥା ଅନୁସରଣ କରାଯିବ । ଯୋଗ୍ୟତା ଭିତ୍ତିରେ କ୍ରୀଡ଼ାବିତଙ୍କ ଚୟନଠାରୁ ଆରମ୍ଭ କରି ପ୍ରଶିକ୍ଷଣ, କ୍ରୀଡ଼ା ବିଜ୍ଞାନ ଏବଂ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଆମର ପ୍ରାଥମିକତା ହେବ ।
- **ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍, ସମ୍ବଲପୁରର ଫୁଟବଲ୍ ଷ୍ଟାଡିୟମ୍, ବ୍ରହ୍ମପୁରରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହ ସାରା ରାଜ୍ୟରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଏକାଡେମୀ ଏବଂ ଫିଟନେସ୍ ସେଣ୍ଟର ନିର୍ମାଣ କରାଯିବ ।**



# ୧୮
## ବ୍ୟାପକ ଗ୍ରାମୀଣ ସୁବିଧା ଏବଂ ସେବା

- ଗ୍ରାମୀଣ ପରିବାରକୁ **ବ୍ୟାପକ ସୁବିଧା ଏବଂ ସେବା** ଯୋଗାଇଦିଆଯିବ । ଗ୍ରାମୀଣ ପରିବାରଙ୍କୁ ରାସନ କାର୍ଡ ମାଧ୍ୟମରେ ଖାଦ୍ୟ ନିରାପତ୍ତା, ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆମ ହସ୍ପିଟାଲ ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏବଂ BSKY ଯୋଜନା ଅଧୀନରେ ଏକକ ସ୍ୱାସ୍ଥ୍ୟସେବା, 5T ହାଇସ୍କୁଲ ଏବଂ କଲେଜ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା, ମାଗଣା ବିଦ୍ୟୁତ ସମେତ ବ୍ୟାପକ ସୁବିଧା ଏବଂ ସେବା ପ୍ରଦାନ କରାଯିବ । ଏହା ସହ କୃଷକମାନଙ୍କ ପାଇଁ ମାଗଣା ବିଦ୍ୟୁତ୍, ଆମ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମୋବାଇଲ୍ ଏବଂ ବ୍ରଡବ୍ୟାଣ୍ଡ ସଂଯୋଗ ଇତ୍ୟାଦି ଯୋଗାଇଦିଆଯିବ ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ **୧୦ ଲକ୍ଷ ଗୃହ ନିର୍ମାଣ** କରାଯିବ ।
- ସବୁ ଗାଁଗୁଡ଼ିକୁ ଭଲ ରାସ୍ତା ଏବଂ ସେତୁ ସୁନିଶ୍ଚିତ କରାଯିବ । ଏପରିକି ଦୁର୍ଗମ ଅଞ୍ଚଳକୁ ସଂଯୋଗ କରିବା ସହ ଗ୍ରାମପଞ୍ଚାୟତ ଏବଂ ବ୍ଲକ୍/ଜିଲ୍ଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ସେବାର ସମ୍ପ୍ରସାରଣ କରାଯିବ ।



# ୧୯
# ସମାବେଶୀ ସହରୀକରଣ

- ରାଜ୍ୟର ପ୍ରମୁଖ ସହରମାନଙ୍କୁ ଯୋଡ଼ି ଗୋଟିଏ ଗୋଟିଏ ଅର୍ବାନ୍ କ୍ଲଷ୍ଟର୍ ବିକଶିତ କରାଯିବ । ଆଗାମୀ ୧୦ ବର୍ଷରେ ଆମ ସହରର ଜନସଂଖ୍ୟା ଦୁଇଗୁଣ ବଢ଼ିଯିବ । ବ୍ୟବସାୟିକ ତଥା ସାମାଜିକ ଆବଶ୍ୟକତା ପୂରଣ ଦିଗରେ ଏହି ସବୁ ଅର୍ବାନ୍ କ୍ଲଷ୍ଟର୍ ଆମ ଆର୍ଥିକ ଅଭିବୃଦ୍ଧିର ପ୍ରାଣକେନ୍ଦ୍ର ସାଜିବ ।
- ଆଗାମୀ ୫ ବର୍ଷରେ ଯେଉଁ ଚାରିଟି ଅର୍ବାନ୍ କ୍ଲଷ୍ଟର୍ ବିକଶିତ କରାଯିବ, ତାହା ହେଉଛି - **ଭୁବନେଶ୍ୱର, କଟକ-ଖୋର୍ଦ୍ଧା-ପୁରୀ** କ୍ଲଷ୍ଟର୍, **ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା** କ୍ଲଷ୍ଟର୍, **ବାରିପଦା-ବାଲେଶ୍ୱର-ଭଦ୍ରକ** କ୍ଲଷ୍ଟର୍ ଏବଂ **ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର** କ୍ଲଷ୍ଟର୍ । ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଶୈଳୀରେ ଏହି କ୍ଲଷ୍ଟର୍ ସବୁକୁ ବିକଶିତ କରାଯିବ ଏବଂ ଏଥିରେ ଆବାସ ସୁବିଧା, ଅତ୍ୟାଧୁନିକ ବ୍ୟବସ୍ଥା, ଜଳ ଓ ପରିମଳ, ବିଦ୍ୟୁତ ସଂଯୋଗ ଓ ସବୁଜୀକରଣ ସୁନିଶ୍ଚିତ କରାଯିବ । ଏହାସହ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଖେଳପଡ଼ିଆ, ଗମନାଗମନ ଓ ପରିବହନ ସେବା, ମନୋରଞ୍ଜନ କେନ୍ଦ୍ର ଏବଂ ଶିକ୍ଷାନୁଷ୍ଠାନର ସୁବନ୍ଦୋବସ୍ତ କରାଯିବ ।
- **ବଲାଙ୍ଗିର, କୋରାପୁଟ-ଜୟପୁର, ବରଗଡ଼, ରାୟଗଡ଼, ଭବାନୀପାଟଣା, ପାରାଦ୍ୱୀପ, ଢେଙ୍କାନାଳ, ଯୋଡ଼ା-ବଡ଼ବିଲ, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ଼, କେନ୍ଦ୍ରାପଡ଼ା ଓ ନୟାଗଡ଼**କୁ ଯୋଜନାବଦ୍ଧଭାବେ ବିକଶିତ କରିବା ସହ ଆଧୁନିକ ସୁବିଧା ଉପଲବ୍ଧ କରାଯିବ ।
- ଧାର୍ଯ୍ୟ ଅବଧି ମଧ୍ୟରେ **ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ** ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ **ଖୋର୍ଦ୍ଧା ଏବଂ ପୁରୀକୁ ସମ୍ପ୍ରସାରଣ** କରାଯିବ ।
- **ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର** ସହ ଏହାକୁ ଅନ୍ତର୍ଜାତୀୟ ସହର ଭାବେ ବିକଶିତ କରାଯିବ । ଏହାସହ ଜନସାଧାରଣ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଶ୍ୱସ୍ତରୀୟ ଆଧାତ୍ମିକ ଏବଂ କଲ୍ୟାଣ କେନ୍ଦ୍ର ସହିତ ପରିବେଶ ଅନୁକୂଳ ଶିଳ୍ପ ହବ୍ ବିକାଶ କରାଯିବ ।
- **୧୦୦ ୟୁନିଟ୍ ରୁ କମ୍ ବିଜୁଳି** ବ୍ୟବହାର କରୁଥିବା ସମସ୍ତ ଘରୋଇ ଉପଭୋକ୍ତାଙ୍କୁ **ମାଗଣା ବିଜୁଳି** ଯୋଗାଇ ଦିଆଯିବ । **୧୦୦ରୁ ୧୫୦ ୟୁନିଟ୍ ବିଜୁଳି** ବ୍ୟବହାର କରୁଥିବା ଘରୋଇ ଉପଭୋକ୍ତାଙ୍କୁ **୫୦ ୟୁନିଟ୍ ବିଜୁଳି ମାଗଣା** ଦିଆଯିବ । ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ପାଖାପାଖି ସମସ୍ତ ପରିବାର ଏଥିରେ ସାମିଲ୍ ହେବେ ।
- **ଜାଗା ମିଶନ**ର ସମ୍ପ୍ରସାରଣ କରାଯିବ ।



# ୨୦

# ଭାଷା ହିଁ ଭବିଷ୍ୟତ - ଭାଷା ଓ ସଂସ୍କୃତି

- 'ଭାଷା ହିଁ ଭବିଷ୍ୟତ' ଉପରେ ପର୍ଯ୍ୟବସିତ ହୋଇ ନିକଟରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ଆୟୋଜିତ ହୋଇଛି । ଏହି ସମ୍ମିଳନୀରେ **ଭିନ୍ନ ଭିନ୍ନ ବିଶେଷଜ୍ଞ, ଛାତ୍ରଛାତ୍ରୀ, ଭାଷାବିତମାନଙ୍କ ଦ୍ୱାରା ପ୍ରଦତ୍ତ ପରାମର୍ଶ ଓ ସୁପାରିଶ ସବୁକୁ ୩ ବର୍ଷ ମଧ୍ୟରେ ଲାଗୁ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ପ୍ରତ୍ୟେକ ୫ ବର୍ଷରେ ଅନ୍ତର୍ଜାତୀୟସ୍ତରରେ ଏଭଳି ସମ୍ମିଳନୀ ଆୟୋଜିତ ହେବ ।** ରାଜ୍ୟର ବିଶେଷଜ୍ଞ ଓ ଭାଷାବିତଙ୍କ ସହ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ନେଇ **ପ୍ରତ୍ୟେକ ବର୍ଷ ରାଜ୍ୟସ୍ତରରେ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ** କରାଯିବ ।
- **ଓଡ଼ିଆ** ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ମଧ୍ୟ ଗତ **୧୦ ବର୍ଷ ମଧ୍ୟରେ** ଓଡ଼ିଶା **କେନ୍ଦ୍ରରୁ କୌଣସି ଅନୁଦାନ ପାଇନାହିଁ ।** ଓଡ଼ିଆ ଭାଷାର ପ୍ରୋତ୍ସାହନ ସହ ଏହାକୁ ଡିଜିଟାଲ୍ ଯୁଗରେ ଆଗକୁ ନେବା ପାଇଁ **୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ ।**
- କଳାକାରମାନେ ଆମ ଅନନ୍ୟ ସଂସ୍କୃତି ତଥା ପରମ୍ପରାର ବାର୍ତ୍ତାବହ । ସେମାନଙ୍କୁ ଆହୁରି ସଶକ୍ତ କରିବା ଆମର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ । ଆମର ସମୃଦ୍ଧ କଳା ଓ କଳାକାରଙ୍କ ବିକାଶ ପାଇଁ ମିଶନ୍ ଶକ୍ତି ମହାସଂଘ ଭଳି **କଳାକାର ମହାସଂଘ** ଗଠନ କରାଯିବ । କଳାକାର ଭତ୍ତାକୁ ଆହୁରି ବ୍ୟାପକ କରାଯିବ ।
- **'ଓଡ଼ିଶା ପରିବାର'** ମାଧ୍ୟମରେ ଦେଶବିଦେଶରେ ଥିବା ସମସ୍ତ ଓଡ଼ିଆଙ୍କୁ ଏକସୂତ୍ରରେ ବାନ୍ଧି ଏକ ଶକ୍ତିଶାଳୀ ନେଟୱର୍କ ବିସ୍ତାର କରାଯିବ ।
- ଜାତୀୟ ସ୍ତରରେ ପଦ୍ମଶ୍ରୀ ଓ ପଦ୍ମ ଭୂଷଣ ଭଳି **କଳିଙ୍ଗଶ୍ରୀ ଓ କଳିଙ୍ଗ ଭୂଷଣ ସମ୍ମାନ** ପ୍ରଦାନ କରାଯିବ ।
- ସାଂସ୍କୃତିକ ଓ ଆଧ୍ୟାତ୍ମିକସ୍ଥଳୀ, ବରପୁତ୍ରମାନଙ୍କ ସହ ଜଡ଼ିତ ସ୍ଥାନର ବିକାଶ ତଥା **ଐତିହ୍ୟର ସୁରକ୍ଷା କରିବାକୁ ୧,୦୦୦ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ** କରାଯିବ । ଯୁବବର୍ଗଙ୍କୁ ସଂସ୍କୃତି ସହ ବାନ୍ଧିରଖିବା ସହ ଭାଷା, ସଂସ୍କୃତି ତଥା ଐତିହ୍ୟକୁ ନେଇ ସେମାନେ ଯେପରି ଗର୍ବ ଅନୁଭବ କରିବେ, ତାହା ସୁନିଶ୍ଚିତ କରାଯିବ ।
- **ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡ଼ିତ ।** ରାଜ୍ୟର ସମସ୍ତ **ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ସହ ତୀର୍ଥଯାତ୍ରୀଙ୍କ ସୁବିଧା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ** କରାଯିବ । ଏହା ସହ ରାଜ୍ୟର **ଅନ୍ୟ ସମସ୍ତ ପ୍ରମୁଖ ମନ୍ଦିରକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ** କରାଯିବ । ସେହିଭଳି, ଜନଜାତିବର୍ଗଙ୍କ ଆରାଧନାସ୍ଥଳୀକୁ ଏସଡିସିଗୁଡ଼ିକ ମାଧ୍ୟମରେ ସୁରକ୍ଷା ଏବଂ ସଂରକ୍ଷଣ ଯୋଗାଇଦିଆଯିବ । **ରାଜ୍ୟରେ ବସବାସ କରୁଥିବା ସମସ୍ତ ସମ୍ପ୍ରଦାୟର ବିଶ୍ୱାସକୁ ସମ୍ମାନ ଓ ସୁରକ୍ଷା** ଦିଆଯିବ ।

- **ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ୨୦୩୪ ସୁଦ୍ଧା ଦେଶର ଏକ ନମ୍ବର ଭାଷା ବିଶ୍ୱବିଦ୍ୟାଳୟରେ ପରିଣତ** ହେବ । ଏହାସହ ପ୍ରତ୍ୟେକ ବର୍ଷ ଓଡ଼ିଆ ଭାଷାରେ ଅନ୍ତର୍ଜାତୀୟ ସ୍ତରର ପତ୍ରିକା ପ୍ରକାଶିତ ହେବ ।
- ହସ୍ତତନ୍ତ ଓ ବୟନଶିଳ୍ପ ରାଜ୍ୟ ସଂସ୍କୃତିର ଏକ ଅନନ୍ୟ ପରିଚୟ । **ବୁଣାକାର ଓ କାରିଗରମାନଙ୍କୁ ମାଗଣାରେ ୩ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସହାୟତା** ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ **ବୁଣାକାର ଓ କାରିଗର ମାସିକ ଭତ୍ତା** ପାଇବେ ।
- ବୁଣାକାର ଏବଂ କାରିଗରଙ୍କୁ ନୂତନ ଡିଜାଇନ ସମ୍ପର୍କରେ ଜଣାଇବା ପାଇଁ **ବିଶ୍ୱସ୍ତରୀୟ ରାଜ୍ୟ ଫ୍ୟାସନ ଟେକ୍ନୋଲୋଜି ସଂସ୍ଥାନ** ପ୍ରତିଷ୍ଠା କରାଯିବ ।
- **ପଦ୍ମ ପୁରସ୍କାରରେ ସମ୍ମାନିତ ଓଡ଼ିଶାର ସମସ୍ତ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ ଅନନ୍ୟ ଅବଦାନ ପାଇଁ ମାସକୁ ୨୫,୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯିବ** ।
- ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ଓ ସଂରକ୍ଷଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ସାଂସ୍କୃତିକ କେନ୍ଦ୍ରଗୁଡ଼ିକର ନବୀକରଣ କରାଯିବ ।
- ପ୍ରତି ପଞ୍ଚାୟତରେ ଭାଗବତ ଟୁଙ୍ଗୀର ପ୍ରସାର କରାଯିବ ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ରାଜ୍ୟର ଏକ ପ୍ରମୁଖ ସଂସ୍କୃତି ବିଶ୍ୱବିଦ୍ୟାଳୟଭାବେ ବିକଶିତ କରାଯିବ ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷା ସାହିତ୍ୟ ଏବଂ ସାଂସ୍କୃତିକ ଐତିହ୍ୟ, ଶିକ୍ଷା ଓ ଗବେଷଣା ପାଇଁ ଆମେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବୁ । ଏହି ବାବଦରେ ୨୫ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ ।



# ୨୧
# ଖାଦ୍ୟ ସୁରକ୍ଷା

- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାରା ଦେଶକୁ ଖାଦ୍ୟ ଯୋଗାଣ କ୍ଷେତ୍ରରେ ଓଡ଼ିଶା ତୃତୀୟ ସର୍ବଶ୍ରେଷ୍ଠ ସହଭାଗୀ ରାଜ୍ୟ । ଜାତୀୟ ଖାଦ୍ୟ ସୁରକ୍ଷାକୁ ଧ୍ୟାନରେ ରଖି ରାଜ୍ୟର ଲୋକମାନଙ୍କ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ସହ ସାରା ଦେଶର ଖାଦ୍ୟ ଆବଶ୍ୟକତା ପୂରଣ କରିବା ଦିଗରେ ଆମର ଅବିରତ କାର୍ଯ୍ୟ ଜାରି ରହିବ ।
- ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ଅଧୀନରେ ଥିବା ସମସ୍ତ **ଯୋଗ୍ୟ ପରିବାରଙ୍କୁ ରାସନ କାର୍ଡ ପ୍ରଦାନ** କରାଯିବ ।



# ୨୨

## ସବୁ ଅଞ୍ଚଳର ବିକାଶ

- ଆଞ୍ଚଳିକ ବୈଷମ୍ୟ ଓ ପାର୍ଥକ୍ୟକୁ ହ୍ରାସ କରି ଓଡ଼ିଶାବାସୀଙ୍କ ସମନ୍ୱିତ ବିକାଶ ଦିଗରେ ବିଜୁ ଜନତା ଦଳ ସଦାସର୍ବଦା କାର୍ଯ୍ୟ କରିଆସିଛି । ଏହି ପରିପ୍ରେକ୍ଷୀରେ ବିଜୁ ଏକ୍ସପ୍ରେସୱେ ଏବଂ ଝାରସୁଗୁଡ଼ା, ଜୟପୁର, ଏବଂ ମାଲକାନଗିରିକୁ ଆକାଶମାର୍ଗରେ ଯୋଡ଼ାଯିବା ସହ ଗଙ୍ଗାଧର ମେହେର ଏବଂ ଲୋୟର ସୁକତେଲ ପରି ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ ଶେଷ କରାଯାଇଛି । ଏଥିସହ ପଶ୍ଚିମ ଓଡ଼ିଶାରେ ଅନେକ ଶିଳ୍ପ ପ୍ରତିଷ୍ଠା କରାଯାଇଛି ।
- ସଡ଼କ ଓ ସେତୁ ନିର୍ମାଣ, ଶିଳ୍ପ ପ୍ରତିଷ୍ଠା, ଶିକ୍ଷାନୁଷ୍ଠାନ ଓ ଜଳସେଚନ ଆଦି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇ **ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିକାଶକୁ ଆହୁରି ତ୍ୱରାନ୍ୱିତ** କରାଯିବ ।
- ଓଡ଼ିଶାର ସବୁ ଅଞ୍ଚଳରେ ଶିକ୍ଷାଗତ ତଥା ବୈଷୟିକ ଅନୁଷ୍ଠାନର ବିକାଶ ଦିଗରେ ପଦକ୍ଷେପ ନିଆଯିବ ।
- ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଶସ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରାଥମିକତା ଦିଆଯିବ ।
- ଯାତାୟାତ ଓ ଯୋଗାଯୋଗ କ୍ଷେତ୍ରକୁ ସବୁବେଳେ ପ୍ରାଥମିକତା ଦେଇ ବିକାଶ କାର୍ଯ୍ୟକୁ ଜାରି ରଖାଯିବ ।



# ୨୩

## ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା

- ଅର୍ଥନୈତିକ ଅଭିବୃଦ୍ଧି ସହ ସମାନ୍ତରାଳଭାବେ ପରିବେଶ-ଅନୁକୂଳ ତଥା ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ ଜାରି ରହିବ ।
- ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ **'ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଆକ୍ସନ୍ ପ୍ଲାନ୍-୨୦୩୬'** ପ୍ରସ୍ତୁତ କରାଯିବ ।

- **ସବୁଜ ଆବରଣ କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ।** ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା, ବୃକ୍ଷ ସଂଖ୍ୟା ବୃଦ୍ଧି, ସ୍ୱଚ୍ଛ ନଦୀ, ସବୁଜ ବନାନୀର ଆବରଣ ବୃଦ୍ଧି କରି ସରକାରୀ ଓ ଶିଳ୍ପାଞ୍ଚଳରେ ସବୁଜୀକରଣ ସୁନିଶ୍ଚିତ କରାଯିବ ।
- **ରାଜ୍ୟରେ ବୈଦ୍ୟୁତିକ ବାହନ (EV) ବ୍ୟବହାର ଓ କ୍ରୟ ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯିବ ।**




# ୨୪
# ସୁଶାସନ

- ଲୋକଙ୍କୁ 'ସୁଶାସନ' ପ୍ରଦାନ କରିବା କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବଦା ଆଗରେ ରହିଛି । ବିଗତ ୨୪ ବର୍ଷ ଧରି ଓଡ଼ିଶାବାସୀ ଏଥିପାଇଁ ନିରନ୍ତରଭାବେ ବିଜୁ ଜନତା ଦଳ ଉପରେ ଆସ୍ଥା ପ୍ରକଟ କରିଆସିଛନ୍ତି ।
- ଆଗକୁ ମଧ୍ୟ **5T ଓ ମୋ ସରକାରକୁ ଆଧାର କରି ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଶାସନ ପ୍ରଦାନ** କରିବାକୁ ଆମେ ସଂକଳ୍ପବଦ୍ଧ । 5T ଜରିଆରେ ସରକାରୀ ଯୋଜନା ଓ ବ୍ୟବସ୍ଥାରେ କିଭଳି ରୂପାନ୍ତରଣ ଅଣାଯାଇପାରେ, ତାହାର ଉଦାହରଣ ଓଡ଼ିଶାବାସୀ ଦେଖିସାରିଛନ୍ତି ।
- ପ୍ରତ୍ୟେକ **ବଡ଼ ବଡ଼ ପ୍ରକଳ୍ପ 5T ଅଧୀନକୁ** ଆଣି ସେସବୁକୁ ବିକଶିତ କରାଯିବ । ସ୍ୱଚ୍ଛ ବ୍ୟବସ୍ଥା ଭିତରେ ରହି ଏସବୁକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଆମର ପ୍ରାଥମିକତା ହେବ ।
- **ପ୍ରତି ସରକାରୀ କାର୍ଯ୍ୟାଳୟରେ ମୋ ସରକାର ବ୍ୟବସ୍ଥାକୁ ସକାରାତ୍ମକଭାବେ ଲାଗୁ** କରାଯିବ । ଲୋକଙ୍କ ଅଭିଯୋଗ ଶୁଣିବା ଓ ଏହାର ସମାଧାନ ଦିଗରେ ସୁବନ୍ଦୋବସ୍ତ କରାଯିବ । ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରସାରଣର ବ୍ୟବହାର ତଥା ସମନ୍ୱୟରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ ହେବ ।
- ଓଡ଼ିଶା ଏହାର ଆଧାତ୍ମିକ ପ୍ରଗତି ପାଇଁ ବେଶ୍ ସୁନାମ ଅର୍ଜନ କରିଛି । **ଆଧାତ୍ମିକ ବିକାଶ ଓ ସୁଶାସନ ଆମର ଶକ୍ତି ଏବଂ ଆମେ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବୁ ।**
- ସୁଶାସନରେ ସମସ୍ତ ନାଗରିକଙ୍କୁ ଭାଗିଦାର କରି ଯେପରି ଜଣେ ବି କେହି ସୁବିଧା ସୁଯୋଗରୁ ବଞ୍ଚିତ ନହେବେ, ତାହା ସୁନିଶ୍ଚିତ କରାଯିବ । ଏହା ହେବ ଆମ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଏବଂ ସମର୍ପିତ ସେବାର ଉତ୍କୃଷ୍ଟ ନିଦର୍ଶନ ।
- **ଏକ ଚେତନାଧର୍ମୀ ଏବଂ ସମ୍ବେଦନଶୀଳ ସମାଜ ଗଠନକୁ ପ୍ରୋତ୍ସାହିତ** କରିବା ପାଇଁ ସମସ୍ତ **ବିଦ୍ୟାଳୟରେ ଆମେ ଯୋଗ, ଧ୍ୟାନ ଏବଂ ଐତିହ୍ୟ ଶିକ୍ଷା ବ୍ୟବସ୍ଥା** ଆରମ୍ଭ କରିବୁ ।

# ବିଜୁ ବାବୁଙ୍କ ଆଧୁନିକ, ସମନ୍ୱିତ ଓ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ଭିତ୍ତି କରି ବିକାଶର କାର୍ଯ୍ୟ ଜାରି ରହିବ


ବିକାଶର ଧାରା ଭିତରେ ଗଢ଼ାହେବ ଏକ ସମୃଦ୍ଧ ଓଡ଼ିଶା, ଯେଉଁଠି ଓଡ଼ିଶାବାସୀ ସଶକ୍ତ ହୋଇ ନିଜ ସ୍ୱପ୍ନ ଓ ଆଶାକୁ ପୂରଣ କରିବେ, ଯେଉଁଠି ଜନତାଙ୍କ ଆଶା ଓ ଆବଶ୍ୟକତାକୁ ସରକାର ପୂରଣ କରିବେ, ଯେଉଁଠି ଐତିହ୍ୟ ସୁରକ୍ଷା ସହ ସମାନ୍ତରାଳଭାବେ ଆଧୁନିକ ଜ୍ଞାନକୌଶଳ ଓ AI ଶିକ୍ଷା ବ୍ୟବସ୍ଥା କାର୍ଯ୍ୟ କରିବ, ପରିବେଶକୁ ସୁରକ୍ଷା ଦେଇ ଓ ନିଯୁକ୍ତି ସୃଷ୍ଟି କରି ଶିଳ୍ପାୟନ ହେବ, ଯେଉଁଠି ଆମ ଅତୀତର ବରପୁତ୍ରମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯିବ ଏବଂ ଭବିଷ୍ୟତ ଦାୟାଦଙ୍କ ପାଇଁ ବି ସେହିଭଳି ଏକ ପରିବେଶ ସୃଷ୍ଟି କରାଯିବ, ଯେଉଁଠି ଆମ ଯୁବବର୍ଗଙ୍କ ସ୍ୱପ୍ନରେ ଲାଗିବ ଡେଣା, ମା' ମାଟି ସହ ଯୋଡ଼ି ହୋଇ ରହି ଆମ ସଂସ୍କୃତି ଓ ଐତିହ୍ୟକୁ ନେଇ ସେମାନେ ଆହୁରି ଗର୍ବ ଅନୁଭବ କରିବେ, ସଶକ୍ତ ହେବେ, ସମୃଦ୍ଧ ହୋଇ ଦୁନିଆକୁ ସାମ୍ନା କରିବେ ।





5T
ନବୀନ
ଗ୍ୟାରେଣ୍ଟି
ODISHA
NO 1

ଆମେ ଗଢ଼ିବୁ ଏକ ସଶକ୍ତ ଓଡ଼ିଶା ଯାହା
ଆମର ଯୁବ, ମହିଳା, ଶିଶୁ, ଉଦ୍ୟୋଗୀ, ଚାଷୀ
ଓ ଜନଜାତିମାନଙ୍କ ପାଇଁ ହେବ ଆଧୁନିକ,
ପ୍ରଗତିଶୀଳ ତଥା ସମ୍ବେଦନଶୀଳ ।

ଆମ ଯୁବବର୍ଗ ଗଢ଼ିବେ 'ନୂଆ ଓଡ଼ିଶା', ଏକ
ଏମିତି ଓଡ଼ିଶା ଯାହା ସମସ୍ତଙ୍କ ପାଇଁ ସବୁ
କ୍ଷେତ୍ରରେ ସୃଷ୍ଟି କରିବ ନୂଆ କୀର୍ତ୍ତିମାନ, ସଭିଙ୍କ
ପାଇଁ ଆଣିବ ସମୃଦ୍ଧି ।



5T
ନବୀନ
ଗ୍ୟାରେଣ୍ଟି




## ପ୍ରତିଶ୍ରୁତିଠୁ ଅଧିକ

# ଆମ କାମ
# ଆମ ପରିଚୟ



# କୃଷକ ସଶକ୍ତିକରଣ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
| --- | --- |
| କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ କୃଷି ଋଣ ପ୍ରଦାନ | ✓ **୦% ସୁଧରେ ୧ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ କୃଷି ଋଣ ପ୍ରଦାନ<br>✓ ଏହାସହ ୨% ସୁଧ ହାରରେ **୧-୩ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ କୃଷି ଋଣ<br>✓ ୨୦୧୯-୨୦ ରୁ ୨୦୨୩-୨୪ ମଧ୍ୟରେ ଚାଷୀଙ୍କୁ **୧.୪୫ ଲକ୍ଷ କୋଟି** ଟଙ୍କାରୁ ଅଧିକ କୃଷି ଋଣ ଦିଆଯାଇଛି |
| କୃଷି ବିକାଶ ଓ କୃଷକ କଲ୍ୟାଣ | ✓ କାଳିଆ ଯୋଜନାରେ ବିଗତ ୫ ବର୍ଷରେ **୬୪ ଲକ୍ଷ ଚାଷୀଙ୍କୁ ୧୧,୫୦୦ କୋଟିରୁ ଅଧିକ ଟଙ୍କା** ପ୍ରଦାନ କରାଯାଇଛି |
| କୃଷି ବିକାଶ ଓ କୃଷକ କଲ୍ୟାଣ | ✓ **କାଳିଆ ଛାତ୍ରବୃତ୍ତି** ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷିଶ୍ରମିକଙ୍କ ପିଲାମାନଙ୍କ ପାଇଁ ହୋଇଛି ବୃତ୍ତି ବ୍ୟବସ୍ଥା । ରାଜ୍ୟ ତଥା ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ସୁବିଧା ହୋଇଛି |
| ଜଳସେଚନର ନିରନ୍ତର ବିକାଶ | ✓ ବିଗତ ୫ବର୍ଷରେ **୨୦ ଲକ୍ଷ ଏକରରୁ** ଅଧିକ ଚାଷ ଜମିକୁ ଜଳସେଚନ କ୍ଷମତା ହୋଇଛି ବୃଦ୍ଧି<br>✓ ୫,୨୬୦ କୋଟି ଟଙ୍କା ବ୍ୟୟରେ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଫଳରେ ୧ ଲକ୍ଷ ଏକର ଜମିକୁ ଜଳସେଚନ କରାଯିବ |



# ମହିଳା ସଶକ୍ତିକରଣ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ମହିଳାଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ | ✓ ୨୦୧୯-୨୦ ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ଜେଣ୍ଡର୍ ବଜେଟ୍‌ରେ **୨.୬୮ ଲକ୍ଷ କୋଟି ଟଙ୍କା** ବିନିମୟରେ ମା'ମାନଙ୍କର ହୋଇଛି ବିକାଶ |
| ଆର୍ଥିକ ସଶକ୍ତିକରଣ | ✓ ୨୦୧୭-୧୮ ରୁ ୨୦୨୨-୨୦୨୩ ମଧ୍ୟରେ **୪୧ ଲକ୍ଷ ମହିଳା** ଶ୍ରମଶକ୍ତିରେ ସାମିଲ ହୋଇଛନ୍ତି<br>✓ ଆଶା, ଅଙ୍ଗନବାଡ଼ି କର୍ମଚାରୀ, ଗୋଷ୍ଠୀ ସହାୟିକାମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ୟୁନିଫର୍ମ ପ୍ରଦାନ |
| ସ୍ୱତନ୍ତ୍ର ମିଶନ୍ ଶକ୍ତି ବିଭାଗ | ✓ ପ୍ରତିଶ୍ରୁତି ମୁତାବକ ମିଶନ ଶକ୍ତି ବିଭାଗ ଗଠନ; ଯାହା ସ୍ୱୟଂ ସହାୟକ ଗୋଷ୍ଠୀର **୭୦ ଲକ୍ଷ** ମହିଳାଙ୍କୁ କରିଛି ସଶକ୍ତ |
| ମିଶନ୍ ଶକ୍ତି ମା'ଙ୍କୁ ୦% ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ | ✓ ୦% ସୁଧହାରରେ ଏସ୍‌ଏଚଜିଗୁଡ଼ିକୁ **୧୦ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଛି<br>✓ ମିଶନ ଶକ୍ତି ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ୨୦୧୯-୨୦ ରୁ ୨୦୨୨-୨୩ ମଧ୍ୟରେ **୪୦,୦୦୦ କୋଟି ଟଙ୍କା** ବଣ୍ଟନ କରାଯାଇଛି |



# ଶିକ୍ଷାର୍ଥୀ ଏବଂ ଯୁବବର୍ଗଙ୍କ ସଶକ୍ତିକରଣ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ଶିକ୍ଷାର ରୂପାନ୍ତରଣ | ✓ **5T ମାଧ୍ୟମରେ ପ୍ରତ୍ୟେକ ହାଇସ୍କୁଲ ଏବଂ କଲେଜର ରୂପାନ୍ତରଣ**<br>✓ ପ୍ରତି ବ୍ଲକରେ **ଆଦର୍ଶ ବିଦ୍ୟାଳୟ** ପ୍ରତିଷ୍ଠା ସହ ଇଂରାଜୀ ମାଧ୍ୟମରେ ପ୍ରଦାନ କରାଯାଉଛି ଗୁଣାତ୍ମକ ଶିକ୍ଷା<br>✓ +୩ ଏବଂ ପିଜି ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୯,୦୦୦-୧୧,୦୦୦ **ଟଙ୍କା ନୂଆ-ଓ ଛାତ୍ରବୃତ୍ତି** ପ୍ରଦାନ କରାଯାଉଛି |
| ଦକ୍ଷତା ବିକାଶ | ✓ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ବିଶ୍ୱ **ଦକ୍ଷତା ବିକାଶ କେନ୍ଦ୍ର** ଆଇଟିଇଏସ୍, ସିଙ୍ଗାପୁର ସହଭାଗିତାରେ ସ୍ଥାପନ ହୋଇଛି ଷ୍ଟେଟ୍-ଅଫ୍-ଦି-ଆର୍ଟ ଭିତ୍ତିଭୂମି ଓ ପ୍ରଦାନ କରାଯାଉଛି ଅତ୍ୟାଧୁନିକ ଦକ୍ଷତା ବିକାଶ ପ୍ରଶିକ୍ଷଣ<br>✓ **'ସ୍ୱୟଂ ଯୋଜନା'ରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ** |
| ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି | ✓ **ବିର୍ସା ମୁଣ୍ଡା ହକି ଷ୍ଟାଡିୟମ**, ବିଶ୍ୱର ସର୍ବବୃହତ୍ ଦର୍ଶକଧାରଣ କ୍ଷମତାବିଶିଷ୍ଟ ହକି ଷ୍ଟାଡିୟମ୍<br>✓ ଓଡ଼ିଶା - **ହକିର ବିଶ୍ୱସ୍ତରୀୟ ହବ୍**<br>✓ **ହକି ବିଶ୍ୱକପ-୨୦୨୩**ର ସଫଳ ଆୟୋଜନ<br>✓ ଭାରତର **ସର୍ବବୃହତ କ୍ରୀଡ଼ା-ବିଜ୍ଞାନ କେନ୍ଦ୍ର**<br>✓ ଭାରତର **ବୃହତ୍ତମ ଇଣ୍ଡୋର୍ ଆଥଲେଟିକ୍ ଷ୍ଟାଡିୟମ୍**<br>✓ ଭାରତର **ସର୍ବୋତ୍ତମ ଇଣ୍ଡୋର୍ ଆକ୍ୱାଟିକ୍ ସେଣ୍ଟର୍** |



# ଓଡ଼ିଆ ଭାଷା, ସଂସ୍କୃତି ଏବଂ ଐତିହ୍ୟ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର | ✓ ଭୁବନେଶ୍ୱରଠାରେ **ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**ର ଆୟୋଜନ<br>✓ ସତ୍ୟବାଦୀ, ପୁରୀଠାରେ **ଓଡ଼ିଆ ବିଶ୍ୱବିଦ୍ୟାଳୟ ଲୋକାର୍ପିତ**<br>✓ **ଓଡ଼ିଆ ଭାଷାରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ JNU ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି** |
| ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟର ପ୍ରସାର | ✓ **ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ** ଅଧୀନରେ ପ୍ରତ୍ୟେକ ଗାଁରେ **ଜଗନ୍ନାଥ ସଂସ୍କୃତିର ପ୍ରସାର**<br>✓ ପୁରୀରେ ବ୍ୟାପକ ଐତିହ୍ୟ ବିକାଶ; **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ** ଲୋକାର୍ପିତ<br>✓ **ସମଲେଶ୍ୱରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ତାରା ତାରିଣୀ ମନ୍ଦିରର ଐତିହ୍ୟ ବିକାଶ**<br>✓ **ପ୍ରତ୍ୟେକ ଭାଗବତ ଟୁଙ୍ଗୀକୁ ୫୦,୦୦୦ ଟଙ୍କା** ପ୍ରଦାନ<br>✓ **କଳାକାର ଭତ୍ତାର ପରିସର ଓ ରାଶିରେ ବୃଦ୍ଧି**<br>✓ **ଗତ ୫ବର୍ଷ ଧରି ସଂସ୍କୃତି ବଜେଟ୍ ରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି**<br>✓ ଓଡ଼ିଶାର ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସମ୍ମାନ;<br>▪ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନର ବିକାଶ<br>▪ ମନୋଜ-ମନ୍ମଥ ସ୍ମାରକୀ<br>▪ ଭୀମଭୋଇ ଏବଂ ମହିମା ଧର୍ମ ଉପରେ ଗବେଷଣା ପାଇଁ ଦୁଇଟି କେନ୍ଦ୍ର<br>▪ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସଂଗ୍ରହାଳୟର ବିକାଶ<br>▪ ମଧୁବାବୁ ସମାଧି ପୀଠର ବିକାଶ<br>▪ ଜୟଦେବ ପୀଠର ପୁନର୍ବିକାଶ |



# ଗୁଣାତ୍ମକ ସ୍ୱାସ୍ଥ୍ୟସେବା

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ସବୁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ନୂଆ ସ୍ମାର୍ଟ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ | ✓ ବିଏସକେୱାଇ କାର୍ଡ ଅଧୀନରେ **୯୦%ରୁ ଅଧିକ ଲୋକଙ୍କୁ ଦେୟମୁକ୍ତ ଚିକିତ୍ସା ସୁବିଧା**<br>✓ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ବିଏସକେୱାଇରେ **୫,୪୦୦ କୋଟିରୁ ଅଧିକ ଟଙ୍କା** ବ୍ୟୟ |
| ୫ଟି ନୂଆ ମେଡିକାଲ କଲେଜ | ✓ ବିଗତ ୭ ବର୍ଷରେ **୮ଟି ନୂତନ ମେଡିକାଲ୍ କଲେଜ** ସ୍ଥାପିତ (ବାରିପଦା, କୋରାପୁଟ, ବାଲେଶ୍ୱର,ବଲାଙ୍ଗିର, ପୁରୀ, ସୁନ୍ଦରଗଡ଼, କେନ୍ଦୁଝର, ଭବାନୀପାଟଣା)<br>✓ ଯାଜପୁର ଓ ଫୁଲବାଣୀରେ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି **୨ଟି ନୂଆ ମେଡିକାଲ୍ କଲେଜ୍**<br>✓ ଓଡ଼ିଶା ହେବ ଡାକ୍ତର ବଳକା ରାଜ୍ୟ |

"ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା"

- ଶ୍ରୀ ନବୀନ ପଟ୍ଟନାୟକ






# ଦ୍ରୁତ ଶିଳ୍ପାୟନ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ନୂତନ ଶିଳ୍ପ ନୀତି | ✓ ଦ୍ରୁତ ଶିଳ୍ପ ବିକାଶ ଏବଂ ଯୁବଗୋଷ୍ଠୀଙ୍କ ପାଇଁ **ବ୍ୟାପକ ନିଯୁକ୍ତି ସୁଯୋଗ** ସୃଷ୍ଟି ପାଇଁ **ଶିଳ୍ପ ନୀତି-୨୦୨୨** ହୋଇଛି କାର୍ଯ୍ୟକ୍ଷମ |
| ଉତ୍କୃଷ୍ଟ ଶିଳ୍ପ ପାର୍କ | ✓ **୨୦୨୨-୨୩ ମଧ୍ୟରେ ୧୧,୬୨୩ ଏକର ଜମିରେ ୧୨୬ଟି ଶିଳ୍ପାଞ୍ଚଳ ବିକଶିତ**<br>✓ ପ୍ରମୁଖ ପାର୍କ/କ୍ଲଷ୍ଟରଗୁଡ଼ିକ ହେଉଛି:<br>▪ ଇନଫୋଭ୍ୟାଲି ବୈଦ୍ୟୁତିକ ଉତ୍ପାଦନ କ୍ଲଷ୍ଟର, ଭୁବନେଶ୍ୱର<br>▪ କଳିଙ୍ଗ ନଗର ଜାତୀୟ ନିବେଶ ଏବଂ ଉତ୍ପାଦନ ଅଞ୍ଚଳ<br>▪ ୫ଟି ସ୍ଥାନରେ ଖାଦ୍ୟ ପ୍ରକ୍ରିୟାକରଣ ପାର୍କ (କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, ଗଞ୍ଜାମ ଏବଂ ବରଗଡ଼)<br>▪ ପାରାଦୀପରେ ପ୍ଲାଷ୍ଟିକ୍ ପାର୍କ<br>▪ ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ<br>▪ ଅନୁଗୋଳ ଆଲୁମିନିୟମ୍ ପାର୍କ<br>▪ ଭଦ୍ରକ ଧାମନଗରରେ ବୟନଶିଳ୍ପ ପାର୍କ |
|  | ✓ **ଦ୍ରୁତ ଶିଳ୍ପାୟନରେ ଓଡ଼ିଶା ଆମ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ।** ୨୦୧୧-୧୨ରୁ ୨୦୨୩-୨୪ ମଧ୍ୟରେ **ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ୩ ଗୁଣାରୁ ଅଧିକ** ହୋଇଛି ।<br>✓ **ଓଡ଼ିଶା ଦେଶରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟ କରିଛି ।** (CMIE-CII ରିପୋର୍ଟ) |
|  | ✓ ଖଣିଜ ପଦାର୍ଥ ଓ ଇସ୍ପାତ ଉତ୍ପାଦନରେ **ଓଡ଼ିଶା ଦେଶର ୧ ନମ୍ବର ରାଜ୍ୟ** ଭାବେ ସ୍ୱୀକୃତ |



# ଭିତ୍ତିଭୂମି ଓ ଯୋଗାଯୋଗ

| ଆମ ପ୍ରତିଶ୍ରୁତି | ପ୍ରତିଶ୍ରୁତିଠୁ ଅଧିକ କାମ |
|---|---|
| ବିଜୁ ଏକ୍ସପ୍ରେସ୍ ୱେ | ✓ **ବିଜୁ ଏକ୍ସପ୍ରେସ୍ ୱେ** ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମାପ୍ତ<br>✓ ୫,୦୦୦ କୋଟି ଟଙ୍କା ବିନିମୟରେ **ବିଜୁ ଏକ୍ସପ୍ରେସ୍ ୱେ ଦ୍ୱିତୀୟ ପର୍ଯ୍ୟାୟ** କାର୍ଯ୍ୟ ଆରମ୍ଭ; ଯାହା ବ୍ରହ୍ମପୁର ଓ ଜୟପୁରକୁ ସଂଯୋଗ କରିବ |
| ଭୁବନେଶ୍ୱର ମେଟ୍ରୋ | ✓ **ଭୁବନେଶ୍ୱରରୁ କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର** ଶିଳାନ୍ୟାସ<br>✓ ୬,୦୦୦ କୋଟି ଟଙ୍କାର ବଜେଟ୍ ଆକଳନ<br>✓ ରାଜ୍ୟ ନିଜସ୍ୱ ପାଣ୍ଠିରୁ ହେଉଛି କାର୍ଯ୍ୟକାରୀ |
| ବିମାନ ଯୋଗାଯୋଗ | ✓ **୬ଟି ନୂଆ ବିମାନବନ୍ଦର ପ୍ରତିଷ୍ଠା** (ରାଉରକେଲା, ଉତକେଲା, ଜୟପୁର, ରଙ୍ଗେଇଲୁଣ୍ଡା, ମାଲକାନଗିରି ଏବଂ ଝାରସୁଗୁଡ଼ା)<br>✓ ଦୁବାଇ, ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ **ଅନ୍ତର୍ଜାତୀୟ ସିଧାସଳଖ ବିମାନ ସେବା** |
| ପରିବହନ ଭିତ୍ତିଭୂମି | ✓ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ **ବିଜୁ ସେତୁ ଯୋଜନା ଅନ୍ତର୍ଗତ ୭୮୦ଟି ସେତୁ ନିର୍ମାଣ**<br>✓ **ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ୍, ଭୁବନେଶ୍ୱର ଓ ନେତାଜୀ ବସ୍ ଟର୍ମିନାଲ୍, କଟକ**<br>✓ ପ୍ରତିଷ୍ଠା ହୋଇଛି **୫୪ଟି 'ଆମ ବସଷ୍ଟାଣ୍ଡ'** |



# ସଫଳତାର ପର୍ବ

# ଯୁବଶକ୍ତି

- ନିଯୁକ୍ତି କ୍ଷେତ୍ରରେ 'ସ୍କିଲ୍ଡ ଇନ୍ ଓଡ଼ିଶା' ଏକ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଆବଶ୍ୟକତା ପଡୁଥିବା ଓ ଉପଯୋଗରେ ଆସୁଥିବା ଦକ୍ଷତା ବିକାଶ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ଯୁବବର୍ଗଙ୍କୁ ତାଲିମ୍ ପ୍ରଦାନ କରାଯାଉଛି ।
- ଆମ ଯୁବକଯୁବତୀଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ ତାଲିମ୍ ଯୋଗାଇଦେବା ପାଇଁ ଆଇଟିଇଏସ୍, ସିଙ୍ଗାପୁରର ସହଭାଗିତାରେ ଭୁବନେଶ୍ୱରରେ ଏକ ଷ୍ଟେଟ୍-ଅଫ୍-ଦି-ଆର୍ଟ 'ବିଶ୍ୱ ଦକ୍ଷତା କେନ୍ଦ୍ର' ପ୍ରତିଷ୍ଠା କରାଯାଇଛି । ଉତ୍କୃଷ୍ଟ ତଥା ଅତ୍ୟାଧୁନିକ ତାଲିମ୍ ଦ୍ୱାରା ପ୍ରଥମ ବ୍ୟାଚର ୭୮% ଛାତ୍ରଛାତ୍ରୀ ଦେଶବିଦେଶର ବଡ଼ ବଡ଼ କମ୍ପାନୀରେ ନିଯୁକ୍ତି ହାସଲ କରିଛନ୍ତି ।
- ୬୦ଟି ସରକାରୀ ଆଇଟିଆଇ, ୩୪ଟି ସରକାରୀ ପଲିଟେକନିକ୍ ଓ ୮୨ଟି ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ୬.୫ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ଦକ୍ଷତା ତାଲିମ୍ ଦିଆଯାଇଛି ।
- ସମସ୍ତ ସରକାରୀ ଇଞ୍ଜିନିୟରିଂ କଲେଜରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।
- ନୂତନ ଉନ୍ନତ ଅଭିଳାଷା (NUA) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ଅଧୀନରେ ୧ ଲକ୍ଷ ଯୁବକଯୁବତୀଙ୍କୁ କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ, ଡାଟା ସାଇନ୍‌ସ ଓ ୩ଡି ପ୍ରିଣ୍ଟିଂ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି ।
- 'ନୂଆ ଓ' କାର୍ଯ୍ୟକ୍ରମ ଅଧୀନରେ ସାରା ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ଆହୁରି ସଶକ୍ତ ତଥା କ୍ରିୟାଶୀଳ କରିବା ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।
- ସରକାର 'ସ୍ୱୟମ୍ ଯୋଜନା' ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ୧୮ରୁ ୩୫ ବର୍ଷ ବୟସର ଆର୍ଥିକ ଦୁର୍ବଳ ବର୍ଗର ଯୁବକଯୁବତୀଙ୍କୁ ଆତ୍ମନିର୍ଭର ହୋଇ ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପାଇଁ ବିନା ସୁଧରେ ଋଣ ଯୋଗାଇଦିଆଯାଉଛି ।
- ୨୦୧୬-୧୭ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟର କ୍ରୀଡ଼ା ବଜେଟ୍ ୧୨ ଗୁଣା ବୃଦ୍ଧି ପାଇଛି ।
- ଓଡ଼ିଶା ପୁରୁଷ ହକି ବିଶ୍ୱକପର ଲଗାତାର ୨ଟି ସଂସ୍କରଣ ସଫଳତାର ସହ ଆୟୋଜନ କରିବାର ଗୌରବ ହାସଲ କରିଛି ।
- ରାଉରକେଲାରେ ବିଶ୍ୱର ସବୁଠାରୁ ଅଧିକ ଦର୍ଶକଧାରଣ କ୍ଷମତାବିଶିଷ୍ଟ ହକି ଷ୍ଟାଡିୟମ୍ (ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍) ରେକର୍ଡ଼ ସମୟ ମଧ୍ୟରେ ନିର୍ମାଣ କରାଯାଇଛି ।
- କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ ଷ୍ଟେଟ୍ ଅଫ୍ ଦି ଆର୍ଟ ସୁବିଧା ଯଥା: କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ହକି ହାଇ ପର୍ଫର୍ମାନ୍ସ ସେଣ୍ଟର, ଭାରତର ପ୍ରଥମ ଇନଡୋର୍ ଆଥଲେଟିକ୍ସ ସେଣ୍ଟର, ଇନଡୋର ଆକ୍ୱାଟିକ୍ ସେଣ୍ଟର, ଟେନିସ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି ।
- ଏହାସହ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ୪୫୦ରୁ ଅଧିକ ମିନି ଷ୍ଟାଡିୟମ୍, ୯୦ଟି ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର୍ ଷ୍ଟାଡିୟମ୍, ୧୬ଟି କ୍ରୀଡ଼ା ଏକାଡେମୀ, ୨୫ଟି ହକି ପ୍ରଶିକ୍ଷଣ କେନ୍ଦ୍ର/ ଏକାଡେମୀ, ୬ଟି ଫିଫା ସ୍ତରର ଫୁଟବଲ୍ ଖେଳପଡ଼ିଆ ପ୍ରସ୍ତୁତ କରାଯାଉଛି ।

# ମହିଳା

- ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ 'ଜେଣ୍ଡର୍ ବଜେଟ୍' ମାଧ୍ୟମରେ ମହିଳାଙ୍କ ପାଇଁ ୨.୬ ଲକ୍ଷ କୋଟି ଟଙ୍କାରୁ ଅଧିକ ବଜେଟ୍ ଅନୁଦାନ ପ୍ରଦାନ କରାଯାଇଛି ।
- ପ୍ରତିଶ୍ରୁତି ଅନୁଯାୟୀ, ରାଜ୍ୟରେ ଏକ ସ୍ୱତନ୍ତ୍ର 'ମିଶନ୍ ଶକ୍ତି ବିଭାଗ' ପ୍ରତିଷ୍ଠା କରାଯାଇଛି । ଏହା 'ମିଶନ୍ ଶକ୍ତି' ଆନ୍ଦୋଳନକୁ ନୂଆ ଦିଗ ଦେବା ସହ ୭୦ ଲକ୍ଷ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଲାଭବାନ ହୋଇଛନ୍ତି ।
- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫ ଲକ୍ଷ ଟଙ୍କା ଯାଏଁ ବିନା ସୁଧରେ ଋଣ ପ୍ରଦାନ କରାଯାଇଛି । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଏସଏଚଜି ସଦସ୍ୟା ୪୦,୦୦୦ କୋଟି ଟଙ୍କାରୁ ଅଧିକ ଋଣ ପାଇଛନ୍ତି । ନିକଟରେ ଏହି ଋଣ ରାଶିକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

- ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ସେମାନଙ୍କ ଉତ୍ପାଦକୁ ଉପଯୁକ୍ତ ବଜାର ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ 'ମିଶନ ଶକ୍ତି ବଜାର' ସ୍ଥାପନ କରାଯାଇଛି । ଆଗାମୀ ୫ ବର୍ଷରେ ଆହୁରି ୫,୦୦୦ 'ମିଶନ ଶକ୍ତି ବଜାର' ଓ ବିକ୍ରୟ କେନ୍ଦ୍ର ଆରମ୍ଭ କରିବାକୁ ଯୋଜନା ରହିଛି ।
- ବିଜୁଳି ବିତରଣ କମ୍ପାନିଗୁଡ଼ିକରେ ମିଟର୍ ରିଡିଂ, ବିଲ୍ ସଂଗ୍ରହ, ଶସ୍ୟ କ୍ରୟ, ମିଶନ୍ ଶକ୍ତି କାଫେ, ଜଳ ସାଥୀ ପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମିଶନ ଶକ୍ତି ମା'ମାନଙ୍କୁ ନିୟୋଜିତ କରାଯାଇଛି ।
- କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ବିକାଶ ପାଇଁ ବିଜୁ କନ୍ୟାରତ୍ନ (ଆମ କନ୍ୟା ଆମ ରତ୍ନ) ଯୋଜନା ଆରମ୍ଭ କରାଯାଇଛି ।
- ମହିଳା ସରକାରୀ କର୍ମଚାରୀଙ୍କ ପାଇଁ ଅଧିକ ୧୦ଦିନ ସାମୟିକ ଛୁଟିର ବ୍ୟବସ୍ଥା ହୋଇଛି । ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କର ଏହା ଅନ୍ୟତମ ବଳିଷ୍ଠ ପଦକ୍ଷେପ ।
- ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଆଶା, ଅଙ୍ଗନବାଡି କର୍ମଚାରୀ, ମିଶନ ଶକ୍ତି କମ୍ୟୁନିଟି କ୍ୟାଡର, ବ୍ୟାଙ୍କ ମିତ୍ର ଓ କୃଷି ମିତ୍ରଙ୍କ ପାରିଶ୍ରମିକ ନିକଟରେ ବୃଦ୍ଧି କରାଯାଇଛି ।
- ମିଶନ ଶକ୍ତି ଗ୍ରାମ ପଞ୍ଚାୟତ ଓ ବ୍ଲକ ସ୍ତରରେ ଫେଡେରେସନ କର୍ମଚାରୀଙ୍କ ବୈଠକ ଭତ୍ତା ୫୦୦ ଟଙ୍କା ବୃଦ୍ଧି କରାଯାଇଛି । ଏହାଦ୍ୱାରା ୧.୨୬ ଲକ୍ଷ କର୍ମଚାରୀ ଲାଭବାନ ହେଉଛନ୍ତି ।
- ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଅପରାଧକୁ ରୋକିବା ପାଇଁ ୫୩୭ଟି ପୋଲିସ ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଛି । ଏହାସହ ପୋଲିସ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମହିଳା ହେଲ୍ପ ଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି ।
- ନବଜାତ ଶିଶୁ ଓ ମା'ଙ୍କ ପୋଷଣ ସୁନିଶ୍ଚିତ କରିବା ପାଇଁ 'ମମତା ଯୋଜନା'ରେ ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା'ଙ୍କୁ ଦିଆଯାଉଥିବା ସହାୟତା ରାଶି ୫୦୦୦ ଟଙ୍କାରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।
- ମହିଳା ସଶକ୍ତିକରଣ ଦିଗରେ ନିରନ୍ତର ପ୍ରୟାସ ଦ୍ୱାରା ୫୫%ରୁ ଅଧିକ ମହିଳା, ପଞ୍ଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ହୋଇଛନ୍ତି । ସେହିପରି ୩୦ଟି ଜିଲ୍ଲା ପରିଷଦ ସଭାପତିଙ୍କ ମଧ୍ୟରେ ୨୧ ଜଣ ମହିଳା ନେତୃତ୍ୱ ନେଇଛନ୍ତି । ସମାଜର ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ବଡ଼ ସଫଳତା ।

## କୃଷକ

- ଚାଷୀଙ୍କ ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର 'କୃଷି ବଜେଟ୍' ଆଣିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ । ଏହା ଅଧୀନରେ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ୧ ଲକ୍ଷ କୋଟିରୁ ଅଧିକ ବଜେଟ୍ ଅନୁଦାନ ବ୍ୟବସ୍ଥା କରାଯାଇଛି ।
- ବିଗତ ୫ ବର୍ଷରେ 'କାଳିଆ ଯୋଜନା' ଅଧୀନରେ ରାଜ୍ୟରେ ୬୪ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୧,୫୦୦ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।
- ଓଡ଼ିଶା ତଥା ଅନ୍ୟ ରାଜ୍ୟର ଘରୋଇ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀଙ୍କ ପିଲାମାନଙ୍କ ପାଇଁ 'କାଳିଆ ଛାତ୍ରବୃତ୍ତି' ଆରମ୍ଭ କରାଯାଇଛି ।
- ବିଗତ ୪ ବର୍ଷ ମଧ୍ୟରେ ଚାଷୀଭାଇମାନଙ୍କୁ ୧.୪୫ ଲକ୍ଷ କୋଟି ଟଙ୍କାରୁ ଅଧିକ କୃଷି ଋଣ ପ୍ରଦାନ କରାଯାଇଛି । ଏହାସହ ୧ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଓ ୧-୩ ଲକ୍ଷ ପର୍ଯ୍ୟନ୍ତ ୨% ସୁଧରେ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟ ସରକାର ୫,୭୦୦ କୋଟି ଖର୍ଚ୍ଚ କରିବାକୁ ଯାଉଛନ୍ତି ।
- କୃଷକମାନଙ୍କୁ ବିନାମୂଲ୍ୟରେ ଫସଲ ବୀମା ଯୋଗାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ । ଓଡ଼ିଶା ସରକାର ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ୩ ବର୍ଷ ଧରି ଫସଲ ବୀମା ରାଶି ଭରଣା କରିବେ ।
- ବିଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୨୦ ଲକ୍ଷ ଏକର ଚାଷ ଜମିକୁ ଜଳସେଚନ ସୁବିଧା କରାଯାଇଛି । ସେଥିମଧ୍ୟରୁ କେତେକ ପ୍ରମୁଖ ଜଳସେଚନ ପ୍ରକଳ୍ପର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

| କ୍ରମାଙ୍କ | ପ୍ରକଳ୍ପର ନାମ | ଖର୍ଚ୍ଚ (କୋଟି) | ଜଳସେଚନ ହେଉଥିବା ଜମି (ଏକର) | ଉପକୃତ ହେଉଥିବା ଅଞ୍ଚଳ |
|---|---|---|---|---|
| ୧ | ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ | ୧୦,୨୧୦ | ୧,୭୩,୦୦୦ | ମୟୂରଭଞ୍ଜ ଓ ବାଲେଶ୍ୱରର ୧୦ଟି ବ୍ଲକ |
| ୨ | ଲୋୟର୍ ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗିର | ୫,୨୬୦ | ୧,୦୦,୦୦୦ | ବଲାଙ୍ଗିର ଓ ସୋନପୁରର ୪ଟି ବ୍ଲକ |
| ୩ | ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ | ୪,୮୨୫ | ୨,୦୮,୫୦୦ | ଅନୁଗୁଳ, ଢେଙ୍କାନାଳ, କଟକ ଓ ଯାଜପୁରର ୧୫ଟି ବ୍ଲକ |
| ୪ | ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କେନ୍ଦୁଝର | ୩,୩୨୫ | ୧,୫୦,୦୦୦ | କେନ୍ଦୁଝର ଓ ବାଲେଶ୍ୱରର ୧୦ଟି ବ୍ଲକ |
| ୫ | ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ, ବରଗଡ଼ | ୨,୭୭୫ | ୭୭,୫୦୦ | ବରଗଡ଼ ଓ ସୋନପୁରର ୪ଟି ବ୍ଲକ |
| ୬ | କାନୁପୁର ଜଳସେଚନ ପ୍ରକଳ୍ପ, କେନ୍ଦୁଝର | ୨,୪୪୦ | ୭୩,୦୦୦ | କେନ୍ଦୁଝରର ୫ଟି ବ୍ଲକ |
| ୭ | ରେଙ୍ଗାଲି ବାମ ପାର୍ଶ୍ୱ କେନାଲ୍ | ୨,୨୫୫ | ୯୭,୫୦୦ | ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝରର ୬ଟି ବ୍ଲକ |
| ୮ | ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପ | ୧,୬୫୯ | ୫୭,୫୦୦ | ନୟାଗଡ଼ର ୫ଟି ବ୍ଲକ |
| ୯ | ନବରଙ୍ଗପୁର ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ | ୧,୨୭୧ | ୪୮,୫୦୦ | ନବରଙ୍ଗପୁରର ୨ଟି ବ୍ଲକ |
| ୧୦ | ଦେଓ ଜଳସେଚନ ପ୍ରକଳ୍ପ | ୧,୨୨୭ | ୨୫,୦୦୦ | ମୟୂରଭଞ୍ଜର ୩ଟି ବ୍ଲକ |

- **ମିଲେଟ୍ସ ମିଶନ୍: ୨୦୧୭ଠାରୁ ରାଜ୍ୟରେ ମିଲେଟ୍ସ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମିଲେଟ୍ସ ମିଶନ୍ ଆରମ୍ଭ କରିଛନ୍ତି । ମିଲେଟ୍ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । କେନ୍ଦ୍ର ସରକାର ଓ ନୀତି ଆୟୋଗ ମଧ୍ୟ ଓଡ଼ିଶା ମିଲେଟ୍ସ ମିଶନକୁ ଏକ 'ଶ୍ରେଷ୍ଠ ମଡେଲ' ଭାବେ ଗ୍ରହଣ କରିଛନ୍ତି ।**
- **ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥା (PDS)ରେ ଓଡ଼ିଶା ତୃତୀୟ ସର୍ବଶ୍ରେଷ୍ଠ ଖାଦ୍ୟ ଯୋଗାଣକାରୀ ରାଜ୍ୟ । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ (NFSA) ଅଧୀନରେ ପ୍ରଥମଥର ପ୍ରକାଶିତ ରାଜ୍ୟ ମାନକ ସୂଚକାଙ୍କରେ ଓଡ଼ିଶା ସବୁଠୁ ଆଗରେ ରହିଛି ।**

# ଜନଜାତି

- **ରାଜ୍ୟର ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ୧୪ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି । ରାଜ୍ୟର ୨୩ଟି ଜିଲ୍ଲାର ୧୭୭ଟି ବ୍ଲକର ପ୍ରାୟ ୮୦ ଲକ୍ଷ ଜନଜାତି ଭାଇଭଉଣୀମାନେ ଏହାଦ୍ୱାରା ଉପକୃତ ହେଉଛନ୍ତି ।**

- ଲାଭ ଯୋଜନା: ଜଙ୍ଗଲଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଖର୍ଚ୍ଚରେ 'ଲଘୁ ବନଜାତ ଦ୍ରବ୍ୟ କ୍ରୟ ଯୋଜନା (ଲାଭ)'ର ଶୁଭାରମ୍ଭ କରିଛନ୍ତି ।
- ୯ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରାଯାଇଛି । ଏଥିରେ ଅତିରିକ୍ତ ସହାୟତା ରାଶି ଓ ପ୍ରୋତ୍ସାହନ ରାଶି, ବର୍ଦ୍ଧିତ ମୂଲ୍ୟ ଏବଂ ସାମାଜିକ ସୁରକ୍ଷା ସୁବିଧା ପାଇବା ପାଇଁ ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଇଛି । କେନ୍ଦୁପତ୍ର ତୋଳାଳିଙ୍କ ୨ ଝିଅଙ୍କ ବିବାହ ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନର ବ୍ୟବସ୍ଥା ହୋଇଛି ।
- ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୱେଷା ଯୋଜନା ଅଧୀନରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ମାଗଣା ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନ କରାଯାଉଛି । ପ୍ରତିବର୍ଷ ଏହି ଯୋଜନାରେ ୫,୦୦୦ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆକାଂକ୍ଷା ଯୋଜନାରେ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ପାଇଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଲାଗି ସହରାଞ୍ଚଳରେ ହଷ୍ଟେଲ ବ୍ୟବସ୍ଥା କରାଯାଇଛି ।
- ଜନଜାତିଙ୍କ ଉପରେ ହୋଇଥିବା ମୋଟ ୪୮,୦୧୮ଟି ଛୋଟ ଆଇନଗତ ମାମଲାକୁ ଉପଯୁକ୍ତ ଯାଞ୍ଚ ପରେ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ହୋଇଛି ।
- ଓଡ଼ିଶାର ଅନୁସୂଚିତ ଜନଜାତିଙ୍କ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ଏକ ସ୍ୱତନ୍ତ୍ର ଜନଜାତି ଭାଷା କମିଶନ୍ ଗଠନ ପ୍ରସ୍ତାବକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି । ଏହାଦ୍ୱାରା ରାଜ୍ୟର ୨୧ଟି ଜନଜାତି ଭାଷାର ଆହୁରି ପ୍ରସାର ହୋଇପାରିବ ।
- ମାତୃଭାଷାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରି ରାଜ୍ୟ ସରକାର ସଂଶୋଧିତ ବହୁଭାଷୀ ଶିକ୍ଷା ନୀତି ଆଣିଛନ୍ତି । ଏହା ବିଭିନ୍ନ ଜନଜାତି ଭାଷା ଉପରେ ଗବେଷଣା ଏବଂ ସ୍ନାତକୋତ୍ତର ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ସହ ଜନଜାତିଙ୍କ ଭାଷା ପାଠ୍ୟକ୍ରମରେ ଗୋଟିଏ ସ୍ୱତନ୍ତ୍ର ଅଧ୍ୟାୟ ସ୍ଥାନିତ କରିବାକୁ ଏଥିରେ ପ୍ରସ୍ତାବ ରହିଛି । ଏହା ବ୍ୟତୀତ ସ୍କୁଲ କଲେଜ ପାଠ୍ୟକ୍ରମରେ ମଧ୍ୟ ଜନଜାତି ଭାଷା ଆଧାରିତ ଗୋଟିଏ ବିଷୟ ସ୍ୱତନ୍ତ୍ର ଭାବେ ସାମିଲ କରିବାକୁ ପ୍ରସ୍ତାବ ରହିଛି । ଏହା ଭବିଷ୍ୟତ ପିଢ଼ିଙ୍କୁ ଜନଜାତି ଭାଷାଗୁଡ଼ିକ ସମ୍ପର୍କରେ ଅଧିକ ସଚେତନ କରି ଭାଷାକୁ ଆହୁରି ସମୃଦ୍ଧ କରିବ ।
- ଓଡ଼ିଶାର ୧୬୯ଟି ଜନଜାତି ତାଲିକା ଓ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ 'ମୁଣ୍ଡାରି', 'କୁଇ', 'ସଉରା' ଓ 'ହୋ' ଭାଷାକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି ।
- ଭୁବନେଶ୍ୱରରେ ଆଦିବାସୀ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଜନଜାତିମାନଙ୍କର ସ୍ୱତନ୍ତ୍ର କଳା, ସଂସ୍କୃତି ଏବଂ ଐତିହ୍ୟକୁ ଏହି 'ଆଦିବାସୀ ଭବନ'ରେ ପ୍ରଦର୍ଶନ କରାଯିବ ।
- ଜନଜାତି ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶାର ୬୨ଟି ଜନଜାତି ସମୁଦାୟ ଓ ୧୩ଟି ଆପଦଗ୍ରସ୍ତ ଆଦିମ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ପ୍ରାୟ ୧୧,୦୦୦ଟି ପବିତ୍ର ସ୍ଥାନର ସଂରକ୍ଷଣ ଓ ରୂପାନ୍ତରଣ କରାଯାଇଛି ।
- ୮ଟି ଆଦିବାସୀବହୁଳ ଜିଲ୍ଲାରେ ୮ଟି ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି ।

# ଅର୍ଥନୀତି ଏବଂ ଅଭିବୃଦ୍ଧି

- ଓଡ଼ିଶା ସାରା ଦେଶର ଦ୍ରୁତ ଅଭିବୃଦ୍ଧିଶାଳୀ ରାଜ୍ୟଙ୍କ ମଧ୍ୟରେ ଅନ୍ୟତମ । ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ତୁଳନାରେ ଏହା ବହୁ ଅଧିକ ।
- ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାର ବାର୍ଷିକ ମୁଣ୍ଡପିଛା ଆୟ ଅନେକ ଗୁଣା ବୃଦ୍ଧି ପାଇଛି । ୨୦୧୮-୧୯ରେ ₹୯୮,୦୦୫ ଥିବାବେଳେ, ୨୦୨୩-୨୪ରେ ଏହା ₹୧,୬୦,୪୩୭ ଛୁଇଁଛି ଯାହାକି ଜାତୀୟ ହାରଠୁ ଢେର୍ ଅଧିକ । ଫଳରେ ଓଡ଼ିଶା କ୍ଷିପ୍ର ଗତିରେ ବିକାଶ ପଥରେ ଆଗକୁ ବଢ଼ି ଜାତୀୟ ବାର୍ଷିକ ମୁଣ୍ଡପିଛା ଆୟ ମଧ୍ୟରେ ଥିବା ଦୂରତା ହ୍ରାସ କରିଚାଲିଛି ।
- ଓଡ଼ିଶା ବିଗତ ୩ ବର୍ଷ ମଧ୍ୟରେ କୌଣସି ବାହ୍ୟ ଋଣ ଗ୍ରହଣ କରିନାହିଁ । କୋଭିଡ ମହାମାରୀ ଭଳି ପ୍ରତିକୂଳ ସ୍ଥିତିରେ ମଧ୍ୟ ଓଡ଼ିଶା ଏହାର ମୋଟ ଜିଡିପିର ୨୦%ରୁ କମରେ ଋଣବୋଝକୁ କମାଇ ରଖିପାରିଛି ।

- ଗତ ୫ ବର୍ଷ ମଧ୍ୟରେ ଆମ ରାଜ୍ୟ ଓଡ଼ିଶାର ରାଜସ୍ୱରେ ଉଲ୍ଲେଖନୀୟ ଅଭିବୃଦ୍ଧି ଲାଭ କରିଛି । କୋଭିଡ୍ ପରି ବିପର୍ଯ୍ୟୟ ସମୟରେ ରାଜ୍ୟରେ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୨୨.୩% ହାସଲ କରିଛି ।
- କୋଭିଡ୍ ମହାମାରୀ ବର୍ଷରେ କେନ୍ଦ୍ରୀୟ ଅନୁଦାନର ଅହେତୁକ ହ୍ରାସ ମଧ୍ୟରେ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ସାଜି ସମସ୍ତଙ୍କ ଆଗରେ ଉଦାହରଣ ସୃଷ୍ଟି କରିଛି ।
- ରାଜ୍ୟର ଆର୍ଥିକ ନିଅଣ୍ଟକୁ FRBM ସୀମା ମଧ୍ୟରେ ରଖି ଋଣ ଆଦିକୁ ପୁଞ୍ଜି ବିସ୍ତାରରେ ବିନିଯୋଗ କରାଯାଉଛି ।
- ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଦିଗରେ ୨୦୦୫ରୁ ଆମ ରାଜ୍ୟ ୧୯ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିଥିବାବେଳେ ୭ ଲକ୍ଷ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।
- ଆରବିଆଇର ସଦ୍ୟତମ ରିପୋର୍ଟ ଅନୁଯାୟୀ, ବ୍ୟାଙ୍କ ସହାୟତାପ୍ରାପ୍ତ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଶ୍ରେଷ୍ଠ ତିନୋଟି ରାଜ୍ୟ ମଧ୍ୟରେ ରହିଛି । ଏହିଭଳି ନିବେଶରେ ୨୦୨୨-୨୩ରେ ଅନୁମୋଦିତ ମୋଟ ପ୍ରକଳ୍ପ ମୂଲ୍ୟର ୧୧.୮% ପୁଞ୍ଜି ନିବେଶ ଓଡ଼ିଶାକୁ ଆସିଛି । ସେହିପରି ବଡ଼ ବଡ଼ ଶିଳ୍ପକୁ ଆକୃଷ୍ଟ କରିବା ଦିଗରେ ୧୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ।
- ସିଏମଆଇଇ-ସିଆଇଆଇ ଦ୍ୱାରା ନିକଟରେ ପ୍ରକାଶିତ ରିପୋର୍ଟରେ ଓଡ଼ିଶା ନୂତନ ପୁଞ୍ଜି ନିବେଶ ଆକୃଷ୍ଟ କରିବାରେ ମହାରାଷ୍ଟ୍ର ପରେ ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଛି ।
- ୨୦୧୬-୧୭ରେ ଜାତୀୟ ରପ୍ତାନି ହାରରେ ଓଡ଼ିଶାର ଅଂଶ ୨.୨% ଥିବାବେଳେ ୨୦୨୨-୨୩ରେ ଏହା ୪.୧%କୁ ବୃଦ୍ଧି ପାଇଛି । ମାତ୍ର ୬ ବର୍ଷ ମଧ୍ୟରେ ଏହା ୧.୮ ଗୁଣା ବଢ଼ିଛି ।
- ନୀତି ଆୟୋଗଙ୍କ ସଦ୍ୟତମ ରିପୋର୍ଟ ଅନୁଯାୟୀ, ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ସବୁକ୍ଷେତ୍ରରେ ଓଡ଼ିଶାର ଦାରିଦ୍ର୍ୟ ୪୮% ହ୍ରାସ ପାଇଛି । ଏହି ସମୟସୀମା ମଧ୍ୟରେ ପ୍ରାୟ ୧ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାର ଉପରକୁ ଉଠିପାରିଛନ୍ତି ।

## ଶିଳ୍ପ ବିକାଶ

- ଦ୍ରୁତ ଶିଳ୍ପ ଅଭିବୃଦ୍ଧି ଏବଂ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଆମ ରାଜ୍ୟ ଶିଳ୍ପ ନୀତି -୨୦୨୨ କାର୍ଯ୍ୟକାରୀ କରିଛି । ନିବେଶକଙ୍କ ସୁବିଧା ଏବଂ ଟ୍ରାକିଂ ପାଇଁ ଏକକ ୱିଣ୍ଡୋ 'ଗୋ-ସ୍ୱିଫ୍ଟ' ପୋର୍ଟାଲ୍ ତିଆରି ହୋଇଛି । ୨୦୧୬, ୨୦୧୮ ଏବଂ ୨୦୨୨ରେ ତିନୋଟି ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଜରିଆରେ ବିପୁଳ ପୁଞ୍ଜିନିବେଶ ଆକୃଷ୍ଟ କରାଯାଇପାରିଛି ।
- ରାଜ୍ୟରେ ବିଗତ ୫ ବର୍ଷରେ ୧୧,୬୨୩ ଏକର ଅଞ୍ଚଳରେ ୧୨୬ଟି ଶିଳ୍ପାଞ୍ଚଳ ବିକଶିତ କରାଯାଇଛି । ଶିଳ୍ପ ଭିତ୍ତିଭୂମି ବଜେଟ୍ ୨୦୧୫-୧୬ରେ ୫୦ କୋଟି ଟଙ୍କାରୁ ବଢ଼ି ୨୦୨୩-୨୪ରେ ୫୫୬ କୋଟି ଟଙ୍କାରେ ପହଞ୍ଚିଛି ।
- ଭୁବନେଶ୍ୱରରେ ଇନଫୋଭ୍ୟାଲି ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର, କଳିଙ୍ଗନଗରରେ ଜାତୀୟ ପୁଞ୍ଜିନିବେଶ ଓ ଉତ୍ପାଦନ ଜୋନ୍, ୫ଟି ସ୍ଥାନରେ ଖାଦ୍ୟ ପ୍ରକ୍ରିୟାକରଣ ପାର୍କ, ପାରାଦୀପରେ ପ୍ଲାଷ୍ଟିକ୍ ପାର୍କ, ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ ଓ ଧାମନଗରରେ ବୟନଶିଳ୍ପ ପାର୍କ ଆଦି ପ୍ରମୁଖ ପାର୍କ/କ୍ଲଷ୍ଟରଗୁଡ଼ିକୁ ବିକଶିତ କରାଯାଇଛି ।
- ବିଗତ ୫ ବର୍ଷରେ ଶିଳ୍ପ ସ୍ଥାପନ ଓ ପୁଞ୍ଜି ବିନିଯୋଗ ପାଇଁ ଗୋ ସ୍ୱିଫ୍ଟ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ୍ ମାଧ୍ୟମରେ ସହଜରେ ୧,୮୬୦ରୁ ଅଧିକ ପ୍ରକଳ୍ପ ଅନୁମୋଦନ ହୋଇଛି । ଏହା ମାଧ୍ୟମରେ ₹୧୧.୬୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସଫଳ ହୋଇଛି ।
- ବିଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରମୁଖ ଶିଳ୍ପ କ୍ଷେତ୍ରରେ ଦ୍ରୁତ ଓ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ସିମେଣ୍ଟ (୨୨ ଗୁଣା), ଷ୍ଟିଲ୍ (୧୫ ଗୁଣା), ଆଲୁମିନିୟମ୍ (୭.୫ଗୁଣା) ଓ ଶକ୍ତି (୩.୫ ଗୁଣା) ଅଭିବୃଦ୍ଧି ଘଟିଛି ।
- ଧାତବ ଓ ଖଣିଜ ଶିଳ୍ପରେ ବ୍ୟାପକ ନିବେଶ ଜାରି ରହିଛି । କଞ୍ଚାମାଲର ଉପଲବ୍ଧତା ବଢ଼ାଇବା ସହ ଆମ ରାଜ୍ୟ ପ୍ରମୁଖ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନିଙ୍କୁ ଆକର୍ଷିତ କରିଛି । ଜେଏସଡବ୍ଲୁ, ଟାଟା ଷ୍ଟିଲ୍, ଜେଏସପିଏଲ୍, ଆର୍ସେଲର ମିତ୍ତଲ୍ ଏବଂ ନିପ୍ପନ୍ ଷ୍ଟିଲ୍ ଭଳି କମ୍ପାନିଙ୍କ ନିବେଶ ଦ୍ୱାରା ଓଡ଼ିଶା ଦେଶରେ ଷ୍ଟିଲ୍ ହବରେ ପରିଣତ ହୋଇଛି ।

- ସେହିଭଳି ବେଦାନ୍ତ, ନାଲକୋ, ହିଣ୍ଡାଲକୋ, କଳିଙ୍ଗ ଆଲୁମିନିୟମ୍ ଓ ଆଦାନି ଗ୍ରୁପର ନିବେଶ ଓଡ଼ିଶାକୁ ଆଲୁମିନିୟମ୍ ହବରେ ପରିଣତ କରିଛି ।
- ଆର୍ସେଲର୍ ମିତ୍ତଲ୍ ଏବଂ ନିପ୍ପନ୍ ଷ୍ଟିଲର ସହଭାଗିତାରେ ଗଠିତ ଏଏମ୍ଏନ୍ଏସ୍ ଇଣ୍ଡିଆ, କେନ୍ଦ୍ରାପଡ଼ାରେ ପରିବେଶ-ଅନୁକୂଳ ଜ୍ଞାନକୌଶଳ ସହ ୨୪ ନିୟୁତ ଟନ୍ ବାର୍ଷିକ କ୍ଷମତାବିଶିଷ୍ଟ ବିଶ୍ୱର ଅନ୍ୟତମ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧.୦୨ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା କରିଛି ।
- ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ୍ ପାୱାର୍ ଲିମିଟେଡ୍ (JSPL), ଏହାର ଓଡ଼ିଶା ପ୍ଲାଣ୍ଟକୁ ବିଶ୍ୱର ବୃହତ୍ତମ ତଥା ସବୁଜ ପ୍ଲାଣ୍ଟ ଭାବେ ବିକଶିତ କରିବାକୁଯାଉଛି ।
- ବିଗତ ୫ ବର୍ଷରେ ଓଡ଼ିଶା ଆଇଟି ଏବଂ ଆଉଟସୋର୍ସିଂ କ୍ଷେତ୍ରରେ ଅନେକ ପ୍ରମୁଖ ପୁଞ୍ଜି ନିବେଶ ଆକୃଷ୍ଟ କରିଛି । ଆଇବିଏମ୍, ଆକ୍ସେଞ୍ଚର୍, କଗ୍ନିଜାଣ୍ଟ ଭଳି ପ୍ରମୁଖ ଆଇଟି କମ୍ପାନି ସହ କଂସଲଟାନ୍ସି ଏବଂ ଅଡିଟ୍ ସଂସ୍ଥା - ପିଡବ୍ଲୁସି, ଡେଲଏଟ୍ ଓ ଇୱାଇ ଓଡ଼ିଶାରେ ନିଜର କାର୍ଯ୍ୟାଳୟ ଖୋଲିଛନ୍ତି ।
- ବିଶ୍ୱର ପ୍ରମୁଖ ପେଶାଦାର ସେବାଯୋଗାଣକାରୀ ସଂସ୍ଥା କନସେନଟ୍ରିକ୍ସ ବିପିଓ ଓଡ଼ିଶାରେ ନିଜ ଶାଖା ଖୋଲିଥିବାବେଳେ ଆଇସିଆଇସିଆଇ ବ୍ୟାଙ୍କ ଓ ଏଚଡିଏଫସି ବ୍ୟାଙ୍କ ଓଡ଼ିଶାରେ ନିଜର କଲ୍ ସେଣ୍ଟର ଆରମ୍ଭ କରିଛନ୍ତି ।
- ସେହିପରି ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ପୁଞ୍ଜିନିବେଶ ଆକର୍ଷିତ କରିଛି । ଚୌଦ୍ୱାର ଓ ସମ୍ବଲପୁରରେ ୱେଲସ୍ପନ ଗ୍ରୁପ୍ ଏହାର ବୃହତ କାରଖାନା ସ୍ଥାପନ କରୁଛି । ଏହାସହ ଆଦିତ୍ୟ ବିର୍ଲା ଫ୍ୟାସନ୍ ଓ ରିଟେଲ୍ସ , ସାହି ଏକ୍ସପୋର୍ଟ ଭଳି ବଡ଼ ବଡ଼ ଉଦ୍ୟୋଗ ମଧ ଓଡ଼ିଶାରେ ନିବେଶ କରିଛନ୍ତି ।
- ସବୁଜ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ, ସ୍ୱତନ୍ତ୍ର ଷ୍ଟିଲ୍ ଓ ରସାୟନ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଏସବୁର ଉତ୍ପାଦ ଆଦି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ହୋଇଛି ।
- ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧମରେ ଆମ ରାଜ୍ୟ ନୂତନ ଷ୍ଟାର୍ଟ-ଅପ୍ ସବୁ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଷ୍ଟାର୍ଟ ଅପ୍ ପାଇଁ ଓ-ହବରେ ଷ୍ଟେଟ୍-ଅଫ୍-ଦି-ଆର୍ଟ ଭିତ୍ତିଭୂମି ସୁବିଧା ମଧ ପ୍ରଦାନ କରାଯାଇଛି ।
- ଶିଳ୍ପ ଅନୁକୂଳ ବାତାବରଣ ସୁନିଶ୍ଚିତ କରି ଆମ ରାଜ୍ୟ ଭାରତ ସରକାରଙ୍କ ଦ୍ୱାରା ଇଜ୍ ଅଫ୍ ଡୁଇଂ ବିଜିନେସ୍ ରାଙ୍କିଂରେ 'ଆଚିଭର୍ସ' ରାଜ୍ୟ ଭାବେ ଶ୍ରେଣୀଭୁକ୍ତ ହୋଇଛି ।

# ଶିକ୍ଷା

- ଶିକ୍ଷା ପାଇଁ ୨୦୧୯-୨୦ ରୁ ୨୦୨୩-୨୪ ମଧ୍ୟରେ ୧.୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ବଜେଟ୍ ଆବଣ୍ଟନ କରାଯାଇଛି ।
- 5T ଉପକ୍ରମରେ ୮,୬୮୧ ହାଇସ୍କୁଲକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୧୦ ଲକ୍ଷ ୮୦ ହଜାର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ବିଜ୍ଞାନ ପ୍ରୟୋଗଶାଳା, ଆଇସିଟି ଲ୍ୟାବ ଆଦିର ସୁବିଧା ପାଇପାରୁଛନ୍ତି । ଏହି ରୂପାନ୍ତରଣ ଲାଗି ୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।
- ସେହିପରି ୧,୦୦୦ କୋଟି ଟଙ୍କା ବ୍ୟୟରେ ୧,୯୫୦ ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜର ରୂପାନ୍ତରଣ କରାଯାଇଛି ।
- ଏହାବ୍ୟତୀତ ସରକାରୀ ଅନୁଦାନ ଏବଂ ପୂର୍ବତନ ଛାତ୍ରଛାତ୍ରୀମାନଙ୍କର ସହାୟତାରେ ମୋ ସ୍କୁଲ୍ ଅଭିଯାନ ଅଧୀନରେ ଥିବା ୫୪,୪୬୫ଟି ବିଦ୍ୟାଳୟ ଏବଂ ମୋ କଲେଜ ଅଭିଯାନ ଅଧୀନରେ ଥିବା ୮୬ଟି କଲେଜରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୃଷ୍ଟି ହୋଇଛି ।
- ରାଜ୍ୟ ବୋର୍ଡ ଅଧୀନରେ ଥିବା ସରକାରୀ ସ୍କୁଲ ଓ କଲେଜରୁ ଦଶମ ଓ ଦ୍ୱାଦଶ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜ୍ୟର ମେଡିକାଲ୍ ଓ ଇଞ୍ଜିନିୟରିଂ କଲେଜରେ ୧୫% ସିଟ୍ ସଂରକ୍ଷଣ କରାଯାଇଛି । ଏହି ସଂରକ୍ଷଣ ସମାନ୍ତରାଳ ଭାବେ ଅନ୍ୟ ସଂରକ୍ଷଣ ଓ ଅଣସଂରକ୍ଷିତବର୍ଗଙ୍କ ପାଇଁ ଲାଗୁ ହୋଇଛି ।

- +୩ ଏବଂ ପିଜି ଛାତ୍ରଛାତ୍ରୀମାନଙ୍କୁ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ୫ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଛନ୍ତି । ଏଥିଲାଗି ବାର୍ଷିକ ୫୩୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ।
- ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ବିତରଣ କରାଯାଇଛି । ଏହା ଏକ ଅନନ୍ୟ, ଅଭିନବ ଏବଂ ବୈଷୟିକ ଜ୍ଞାନକୌଶଳଦ୍ୱାରା ପରିଚାଳିତ ସ୍ମାର୍ଟ କାର୍ଡ । ଏହା ଛାତ୍ରଛାତ୍ରୀମାନଙ୍କୁ ଏକାଡେମିକ୍ ଏବଂ ଅଣ-ଏକାଡେମିକ୍ କ୍ଷେତ୍ରରେ ଆହୁରି ସକ୍ଷମ ହେବାକୁ ପ୍ରେରଣା ଯୋଗାଇବ । ଛାତ୍ରଛାତ୍ରୀମାନେ ଏହା ଦ୍ୱାରା ମୋବାଇଲ୍ ରିଚାର୍ଜ, ପରିବହନରେ ରିହାତି, ପୁସ୍ତକ କ୍ରୟରେ ରିହାତି, ଲାଇବ୍ରେରୀ ଏବଂ କ୍ରୀଡ଼ା ସୁବିଧା, ଅନଲାଇନ୍ କୋଚିଂ ଇତ୍ୟାଦିର ସୁବିଧା ପାଇପାରିବେ । ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବାବେଳେ ପଞ୍ଜିକରଣ ଏବେ ମଧ୍ୟ ଜାରି ରହିଛି ଏବଂ ୧୫ ଅଗଷ୍ଟ ୨୦୨୪ରୁ କାର୍ଡ ବଣ୍ଟନ ଆରମ୍ଭ କରାଯିବ ।
- ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ହାସଲ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆରମ୍ଭ ହୋଇଛି ।
- ରାଜ୍ୟର ୩୧୩ ବ୍ଲକରେ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି । ଏଠାରେ ରାଜ୍ୟର ୨,୧୫,୦୦୦ ଛାତ୍ରଛାତ୍ରୀ ବିଶେଷ କରି ଗ୍ରାମାଞ୍ଚଳ ଏବଂ ପୌରାଞ୍ଚଳର ଛାତ୍ରାଛାତ୍ରୀଙ୍କୁ ମାଗଣା ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି । ଏହି ବିଦ୍ୟାଳୟଗୁଡ଼ିକ CBSE ସହିତ ଅନୁବନ୍ଧିତ ହୋଇ ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଛନ୍ତି ।
- ୧୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲୋକାର୍ପଣ କରାଯାଇଛି । CBSE ଦଶମ ଶ୍ରେଣୀ ପାସ୍ କରିବା ପରେ ରାଜ୍ୟର ୧,୦୦୦ ଜଣ ମେଧାବୀ ଛାତ୍ରଛାତ୍ରୀ ଏଠାରେ ପଢ଼ିବାର ସୁଯୋଗ ପାଉଛନ୍ତି । ଏହାସହ ସେମାନଙ୍କୁ NEET, JEE ଏବଂ ଅନ୍ୟ ପ୍ରବେଶିକା ପରୀକ୍ଷା ପାଇଁ ଗୁଣାତ୍ମକ କୋଚିଂ ପ୍ରଦାନ କରିବାର ଯୋଜନା ରହିଛି ।
- ଓଡ଼ିଆ ଭାଷା ସଂସ୍କୃତି ଅଧ୍ୟୟନ ତଥା ଗବେଷଣା ପାଇଁ ପୁରୀ ଜିଲ୍ଲା ସତ୍ୟବାଦୀରେ ୭୩ କୋଟି ଟଙ୍କା ବ୍ୟୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ଲୋକାର୍ପଣ କରାଯାଇଛି ।
- OUAT, ଭୁବନେଶ୍ୱରର ରୂପାନ୍ତରଣ ପାଇଁ ୧୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଏହାବ୍ୟତୀତ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ (OUTR), ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (VSSUT), ବୁର୍ଲାର ରୂପାନ୍ତରଣ ପାଇଁ ଯଥାକ୍ରମେ ୧,୫୦୦ କୋଟି ଏବଂ ୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର ଯୋଜନା କରିଛନ୍ତି ।

## ସ୍ୱାସ୍ଥ୍ୟ

- ଗତ ୫ ବର୍ଷରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ୫୦,୦୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୦ ପ୍ରତିଶତ ଲୋକ ଅନ୍ତର୍ଭୁକ୍ତ ହୋଇଛନ୍ତି । ଯେଉଁଥିରେ ପ୍ରାରମ୍ଭରୁ ୨୫ ଲକ୍ଷ ୩୭ ହଜାରଟି କ୍ଲେମ୍ ବାବଦରେ ମୋଟ ୫,୪୮୨ କୋଟି ଟଙ୍କା ମୂଲ୍ୟର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ୧୭ଟି ରାଜ୍ୟରେ ୭୦୦ଟି ପ୍ରମୁଖ ବେସରକାରୀ ଡାକ୍ତରଖାନାରେ ଏହି କାର୍ଡ ସୁବିଧା ଲୋକମାନେ ପାଇପାରୁଛନ୍ତି ।
- ରାଜ୍ୟର ଗ୍ରାମୀଣ ଲୋକଙ୍କୁ ମାଗଣାରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ପାଇଁ ବିଏସକେୱାଇ ନବୀନ କାର୍ଡ ଜାରି କରାଯାଇଛି ।
- ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ରାଜ୍ୟରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆମ ହସ୍ପିଟାଲ୍ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ଅଧୀନରେ ମୋଟ ୧,୮୫୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆସନ୍ତା ୫ ବର୍ଷ ମଧ୍ୟରେ ରୂପାନ୍ତରଣ କରାଯିବ । ଏଥିଲାଗି ୩,୧୭୮.୭୩ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରଥମ ପର୍ଯ୍ୟାୟରେ ୫୨୦ କୋଟି ଟଙ୍କା ବ୍ୟୟରେ ୧୪୦ଟି ଡାକ୍ତରଖାନାର ରୂପାନ୍ତରଣ କରାଯାଇଛି ।
- ଏସସିବି ମେଡିକାଲରେ ଏମ୍ସ+ ସୁବିଧା ଉପଲବ୍ଧ କରାଇବା ପାଇଁ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରିରହିଛି । ଏଥିଲାଗି ୪,୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ।

- ବ୍ରହ୍ମପୁର ଏମକେସିଜି ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍, ବୁର୍ଲାର ଭିମସାର, ରାଉରକେଲା ସରକାରୀ ହସ୍ପିଟାଲ ଏବଂ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ରୂପାନ୍ତରଣ ପାଇଁ ଯଥାକ୍ରମେ ୯୫୦ କୋଟି, ୯୫୦ କୋଟି, ୬୬୦ କୋଟି ଏବଂ ୯୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଯୋଜନା ରହିଛି ।
- ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଗୁଣବତ୍ତାକୁ ପୂରଣ କରି ରାଜ୍ୟରେ ଅଧିକ ସଂଖ୍ୟକ ଭଲ ଡାକ୍ତର ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।
- ୮ଟି ନୂଆ ମେଡିକାଲ୍ କଲେଜ ଏବଂ ୨ଟି ସ୍ନାତକୋତ୍ତର ସଂସ୍ଥାନ ପ୍ରତିଷ୍ଠା କରାଯାଇଛି ।
  - ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାରିପଦା (୨୦୧୭)
  - ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ (୨୦୧୭)
  - ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱର (୨୦୧୮)
  - ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବଲାଙ୍ଗିର (୨୦୧୮)
  - ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ (୨୦୨୧)
  - ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ସୁନ୍ଦରଗଡ଼ (୨୦୨୧)
  - ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ, କେନ୍ଦୁଝର (୨୦୨୨)
  - ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଭବାନୀପାଟଣା (୨୦୨୩)
  - ଅନ୍ୟ ୨ଟି ମେଡିକାଲ କଲେଜର କାର୍ଯ୍ୟ ଜାରି ରହିଛି,
    - ଫୁଲବାଣୀ ମେଡିକାଲ କଲେଜ
    - ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁର
- ପିପିପି ମୋଡ୍ ରେ ୪ଟି ମଲ୍ଟି-ସ୍ପେସିଆଲିଟି ଏବଂ ଗୋଟିଏ ସୁପର-ସ୍ପେସିଆଲିଟି କ୍ୟାନସର୍ କେୟାର ହସ୍ପିଟାଲ୍ ପ୍ରତିଷ୍ଠା କରାଯାଇଛି ।
- ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧ଟି କ୍ୟାନସର କେୟାର୍ ୟୁନିଟ୍ କାମ ଜାରି ରହିଛି । ଏଥିଲାଗି ୧,୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ।
- ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ କିଡନୀ ରୋଗୀଙ୍କୁ ମାଗଣାରେ ଜୀବନରକ୍ଷାକାରୀ ଡାଏଲିସିସ୍ ସେବା ଯୋଗାଇବା ପାଇଁ 'ସହାୟ' ଯୋଜନା ୨୦୧୮ରେ ଆରମ୍ଭ ହୋଇଥିଲା । ଏହି ସେବା ଯୋଗାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ । ପ୍ରଥମ ପର୍ଯ୍ୟାୟରେ, ଏହି ସେବା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ କରାଯାଇଥିଲା । ଏହାପରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ମଧ୍ୟ ଏହି ସେବା ଉପଲବ୍ଧ କରାଯାଇଛି । ୧୬ଟି ଡାଏଲିସିସ୍ କେନ୍ଦ୍ର ଖୋଲା ଯାଇଥିବାବେଳେ ଉପଖଣ୍ଡସ୍ତରରେ ଆଉ ୧୬ଟି ଡାଏଲିସିସ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ ।
- ନିରାମୟ ଯୋଜନା ଅଧୀନରେ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ୬୦୦ କୋଟି ଟଙ୍କା ମୂଲ୍ୟର ଔଷଧ ମାଗଣାରେ ଯୋଗାଇ ଦିଆଯାଇଛି ।
- ନିଦାନ ଯୋଜନା ଅଧୀନରେ ସରକାରୀ ଡାକ୍ତରଖାନାରେ ୧୫୦ କୋଟି ଟଙ୍କା ମୂଲ୍ୟର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।
- ଡିସେମ୍ବର ୨୦୨୩ରେ ୨,୪୭୩ ଜଣ ମେଡିକାଲ ଅଫିସର ରାଜ୍ୟ ଚିକିତ୍ସା ସେବାରେ ଯୋଗଦେଇଛନ୍ତି । ସେମାନଙ୍କ ମଧ୍ୟରେ ୨,୩୯୨ ଜଣ ଏମବିବିଏସ ଡାକ୍ତର ଏବଂ ୮୧ ଜଣ ଡେଣ୍ଟାଲ୍ ସର୍ଜନ ଅଛନ୍ତି । ଏହି ନିଯୁକ୍ତି ସହିତ ରାଜ୍ୟର ସମସ୍ତ ଏମବିବିଏସ୍ ଡାକ୍ତର ପଦବୀ ପୂରଣ ହୋଇଛି ।
- ଉନ୍ନତ ସେବା ଯୋଗାଇବାକୁ ପ୍ରୋତ୍ସାହିତ କରିବା ଏବଂ ଏହାଦ୍ୱାରା ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ମଜଭୁତ କରିବା ପାଇଁ ନର୍ସିଂ, ଫାର୍ମାସି ଏବଂ ସହଯୋଗୀ ମେଡିକାଲ୍ ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡରେ ବୃଦ୍ଧି କରାଯାଇଛି ।

# ଭିତ୍ତିଭୂମି ବିକାଶ

- ଅବଢ଼ା ଯୋଜନାରେ ଶ୍ରୀକ୍ଷେତ୍ରକୁ ଏକ ଐତିହ୍ୟ ସହରଭାବେ ଗଢ଼ିତୋଳିବା ପାଇଁ ପୁରୀରେ ୪,୨୨୪ କୋଟି ଟଙ୍କା ବ୍ୟୟରେ ଅନେକ ବିକାଶ କାର୍ଯ୍ୟ ହୋଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ୮୦୦ କୋଟି ଟଙ୍କା ବ୍ୟୟରେ ଶେଷ କରାଯାଇଛି । ତୀର୍ଥଯାତ୍ରୀମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ କାର୍ଯ୍ୟ ଜାରି ରହିଛି ।
- ରାଜ୍ୟର ଅନ୍ୟାନ୍ୟ ଐତିହ୍ୟ ଏବଂ ତୀର୍ଥକ୍ଷେତ୍ରର ବିକାଶ କାର୍ଯ୍ୟ ମଧ କରାଯାଇଛି । ୩୦୬ କୋଟି ଟଙ୍କା ବ୍ୟୟରେ କୋଣାର୍କ ଐତିହ୍ୟ ପ୍ରକଳ୍ପ, ସମ୍ବଲପୁରରେ ୨୯୨ କୋଟି ଟଙ୍କା ବ୍ୟୟରେ ସମଲେଶ୍ୱରୀ ମନ୍ଦିର ବିକାଶ ପ୍ରକଳ୍ପ, ଭୁବନେଶ୍ୱରରେ ୨୧୪ କୋଟି ଟଙ୍କାର ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ, ଗଞ୍ଜାମରେ ୧୬୦ କୋଟି ଟଙ୍କା ବ୍ୟୟରେ ତାରାତାରିଣୀ ବିକାଶ ପ୍ରକଳ୍ପ କରାଯାଇଛି ।
- ବିଜୁ ଏକ୍ସପ୍ରେସ୍ ୱେ ପ୍ରଥମ ପର୍ଯ୍ୟାୟ ୩,୫୪୦ କୋଟି ଟଙ୍କା ଖର୍ଚ୍ଚରେ ଶେଷ ହୋଇଛି । ସେହିପରି ବ୍ରହ୍ମପୁରରୁ ଜୟପୁରକୁ ସଂଯୋଗ କରିବାକୁ ୫,୦୦୦ କୋଟି ଟଙ୍କା ବ୍ୟୟରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଜାରି ରହିଛି ।
- କଟକ ତାଳଦଣ୍ଡା କେନାଲର ରୂପାନ୍ତରଣ କରାଯିବା ସହ ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ କରାଯାଇଛି । ଫଳରେ କଟକ ସହରରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଛି ।
- ଦୁବାଇ, ସିଙ୍ଗାପୁର ଏବଂ ବ୍ୟାଙ୍କକକୁ ଅନ୍ତର୍ଜାତୀୟ ବିମାନ ସେବା ଉପଲବ୍ଧ ହୋଇଛି ।
- ଅନ୍ତଃରାଜ୍ୟ ଯୋଗାଯୋଗକୁ ସୁଗମ କରିବା ଲାଗି ରାଉରକେଲା, ଉତକେଲା, ଜୟପୁର, ରଙ୍ଗେଇଲୁଣ୍ଡା ଏବଂ ମାଲକାନଗିରିରେ ନୂଆ ବିମାନବନ୍ଦର ନିର୍ମାଣ କରାଯାଇଛି ।
- ରାଜ୍ୟ ସହଯୋଗରେ ଧାମରା ଓ ଗୋପାଳପୁର ବନ୍ଦର ପ୍ରତିଷ୍ଠା କରାଯାଇ କାର୍ଯ୍ୟକ୍ଷମ କରାଯାଇଛି ।
- ରାଜ୍ୟର ନିଜ ବଜେଟରୁ ୬,୦୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର-କଟକ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ।
- ବିଦ୍ୟୁତ୍ ସଂଯୋଗ କ୍ଷେତ୍ରରେ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି । ସହରାଞ୍ଚଳରେ ହାରାହାରି ବିଦ୍ୟୁତ୍ ସରବରାହ ସମୟ ୨୩.୬୭ ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ଏହି ସମୟ ୨୧.୯୬ ଘଣ୍ଟା ରହିଛି; ଯାହାକି ଜାତୀୟ ହାରାହାରି ସମୟଠାରୁ ଅଧିକ ।

# ଗ୍ରାମାଞ୍ଚଳ ବିକାଶ

- ରାଜ୍ୟରେ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାକୁ ପ୍ରୋତ୍ସାହନ, ସଂରକ୍ଷଣ ତଥା ସୁରକ୍ଷା ସହ ଗ୍ରାମୀଣ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୪,୨୦୦ କୋଟି ଟଙ୍କା ବଜେଟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଲାଗୁ କରାଯାଇଛି ।
- ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରକୁ ଟ୍ୟାପ୍ ଜଳ ସଂଯୋଗ କରାଇବା ପାଇଁ ୨୭,୦୦୦ କୋଟି ଟଙ୍କାର ଏକ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମାର୍ଚ୍ଚ ୨୦୨୪ ସୁଦ୍ଧା ୭୩.୧୩% ଘରକୁ ପାଇପ୍ ଜଳ ସଂଯୋଗ କରାଯାଇଛି ।
- ରାଜ୍ୟର ମୋଟ ୬,୭୯୮ ଗ୍ରାମପଞ୍ଚାୟତ ମଧ୍ୟରୁ ୪,୩୭୩ଟି ଅଣ ବ୍ୟାଙ୍କ ଗ୍ରାମପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଆରମ୍ଭ କରାଯାଇଛି । ଏଥିରେ ୧୫ ପ୍ରକାର ବ୍ୟାଙ୍କ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଉଛି ।
- ଲକ୍ଷ୍ମୀ ଯୋଜନାରେ ପ୍ରାୟ ସମସ୍ତ ଗ୍ରାମପଞ୍ଚାୟତରେ ବସ୍ ସେବା ଯୋଗାଇ ଦିଆଯାଉଛି । ଏହି ଯୋଜନା ଅଧୀନରେ ୧,୦୮୮ଟି ବସ୍ ଚଳାଚଳ କରୁଛି ଏବଂ ୭,୫୦୦ ନିଯୁକ୍ତି ସୃଷ୍ଟି ହୋଇଛି ।
- ଗ୍ରାମାଞ୍ଚଳରେ ଯୋଗାଯୋଗର ଉନ୍ନତି ଲାଗି ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ବିଜୁ ସେତୁ ଯୋଜନା ଅଧୀନରେ ୭୮୦ଟି ସେତୁ ନିର୍ମାଣ କରାଯାଇଛି ।

## ସହରାଞ୍ଚଳ ବିକାଶ

- ରାଜ୍ୟରେ ପ୍ରତିଷ୍ଠା ହୋଇଛି ୨ଟି ଅତ୍ୟାଧୁନିକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ୍ । ଭୁବନେଶ୍ୱର ବରମୁଣ୍ଡାରେ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ଓ କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ବସ୍ ଟର୍ମିନାଲ୍ ଲୋକାର୍ପିତ ହୋଇଛି । ଏଥିଲାଗି ଯଥାକ୍ରମେ ୨୧୦ କୋଟି ଏବଂ ୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।
- ରାଜ୍ୟରେ ସର୍ବସାଧାରଣ ପରିବହନ ଭିତ୍ତିଭୂମିକୁ ଆହୁରି ମଜଭୁତ କରିବାକୁ ଆଗମୀ ୪ ବର୍ଷରେ ୬,୧୬୪.୮୦ କୋଟି ବ୍ୟୟବରାଦରେ ଆମ ବସଷ୍ଟାଣ୍ଡ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏଥିମଧ୍ୟରୁ ୧୯୦ଟି ବସଷ୍ଟାଣ୍ଡର ରୂପାନ୍ତରଣ କାର୍ଯ୍ୟ ୨,୨୫୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଛି । ଏଥିମଧ୍ୟରୁ ୫୪ଟିର କାର୍ଯ୍ୟ ଶେଷ ହୋଇଛି ।
- କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଓ ଭୁବନେଶ୍ୱର ଆଦି ସହରାଞ୍ଚଳରେ ମୋ ବସ୍ ସୁଲଭ ମୂଲ୍ୟରେ ପରିବହନ ସେବା ଯୋଗାଉଛି ।
- ୨୪ଟି ସହରରେ ୨୪x୭ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି । ସିଙ୍ଗାପୁର, ଟୋକିଓ ପରି ବିକଶିତ ସହରର ସମକକ୍ଷ ହୋଇ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି ।
- ଓଡ଼ିଶା ସରକାର ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏଥିରେ ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ସହ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (MCC) ଏବଂ ସାମଗ୍ରୀ ପୁନରୁଦ୍ଧାର ସୁବିଧା (MRF) ଭଳି ୨ ପ୍ରକାର ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇଛି ।
- ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଡ୍ରେନ୍ କ୍ଲିନର୍, ସେପ୍ଟିକ୍ ଟ୍ୟାଙ୍କ ଏବଂ ସ୍ୱେରେଜ୍ ରକ୍ଷଣାବେକ୍ଷଣ କର୍ମଚାରୀ, ଟଏଲେଟ୍ କ୍ଲିନର୍ ଏବଂ FSTP/STP ଭଳି ପ୍ରମୁଖ ପରିମଳ କର୍ମଚାରୀ (CSW)ଙ୍କ ସୁରକ୍ଷା ତଥା ସମ୍ମାନ ପାଇଁ ଗରିମା ଯୋଜନା ଆରମ୍ଭ କରିଛନ୍ତି ।
- ଜାଗା ମିଶନ୍ ଅଧୀନରେ ୨,୫୪,୬୭୨ ଜଣ ବସ୍ତିବାସିନ୍ଦା ଜମି ଅଧିକାର ପ୍ରମାଣପତ୍ର ପାଇଛନ୍ତି ।
- ୨,୯୧୯ ବସ୍ତିକୁ ୧,୬୫୪ଟି ବିଜୁ ଆଦର୍ଶ କଲୋନିରେ ରୂପାନ୍ତରିତ କରାଯାଇଛି । ଏଠାରେ ସମସ୍ତ ମୌଳିକ ସୁବିଧା ସୁନିଶ୍ଚିତ ହେବା ଦ୍ୱାରା ୧୪,୩୦୦ ପରିବାର ଉପକୃତ ହୋଇଛନ୍ତି ।
- ୧୧୫ ପୌରାଞ୍ଚଳରେ ୧୬୯ଟି ଆହାର କେନ୍ଦ୍ର ସୁଲଭ ମୂଲ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଉଛି ।
- ସହରାଞ୍ଚଳରେ କର୍ମନିଯୁକ୍ତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବସ୍ତିବାସିନ୍ଦାଙ୍କୁ ନେଇ ମୁକ୍ତା ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହା ଅଧୀନରେ ୧,୨୫୬ କୋଟି ଟଙ୍କା ବ୍ୟୟରେ ୫୬,୦୦୦ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି । ଏଥିରେ ବର୍ଷ ବର୍ଷ ଧରି ଓଡ଼ିଆ ଭାଷାର ବିବର୍ତ୍ତନ ଏବଂ ବିକାଶକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରାଯାଇଛି । ଓଡ଼ିଆ ଭାଷାରେ ଦେଶବିଦେଶରେ ହେଉଥିବା ଗବେଷଣାକୁ ପ୍ରୋତ୍ସାହନ, ଓଡ଼ିଆ ପୁସ୍ତକକୁ ଅନ୍ୟ ଭାଷାରେ ଅନୁବାଦ, ଓଡ଼ିଆ ଭାଷାରେ ଶିକ୍ଷା ପ୍ରଦାନ ଦିଗରେ ଆମ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ।
- ସତ୍ୟବାଦୀ, ପୁରୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲୋକାର୍ପିତ ହୋଇଛି ।
- ଓଡ଼ିଆ ଭାଷାରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ JNU ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ।
- ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ହୋ, ମୁଣ୍ଡାରୀ, କୁଇ ଏବଂ ସଉରା ଭାଷା ସାମିଲ କରିବାକୁ ଦାବି କରାଯାଇଛି ।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରାଯାଇଛି ।

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ।
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆହୁରି ୩୦,୦୦୦ କଳାକାରଙ୍କୁ ସାମିଲ କରାଯାଇଛି । ଫଳରେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୮୦,୦୦୦କୁ ବୃଦ୍ଧି ପାଇଛି । ଏହି କଳାକାରମାନଙ୍କୁ ସରକାର ମାସିକ ସହାୟତା ଯୋଗାଇଦେବେ ।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋକୁ ଐତିହ୍ୟ ଗ୍ରାମଭାବେ ବିକଶିତ କରାଯାଇଛି । ଏଥିରେ ଏକ ସଂଗ୍ରହାଳୟ ନିର୍ମାଣ, ଉତ୍କଳମଣିଙ୍କ ପୈତୃକ ଘରର ପୁନରୁଦ୍ଧାର ଓ ନବୀକରଣ, ଗ୍ରାମର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ନିର୍ମାଣ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।
- ପ୍ରଖ୍ୟାତ ଓଡ଼ିଆ ଲେଖକ ମନୋଜ ଦାସ ଏବଂ ତାଙ୍କ ଭାଇ ଐତିହାସିକ ମନ୍ମଥ ଦାସଙ୍କ ପୈତୃକ ଘରକୁ ମନ୍ମଥ-ମନୋଜ ସ୍ମାରକୀ ଭାବରେ ବିକଶିତ କରାଯାଇଛି ।
- ଭୀମ ଭୋଇ ଏବଂ ମହିମା ଧର୍ମ ଉପରେ ଗବେଷଣା ଏବଂ ଅଧ୍ୟୟନ ପାଇଁ ଓଡ଼ିଶା ସରକାର ସମ୍ବଲପୁର ଜିଲ୍ଲାର କନ୍ଧରା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଖଲିଆପାଲିରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରୁଛନ୍ତି ।
- ପ୍ରମୁଖ ପ୍ରକଳ୍ପ
  - ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସଂଗ୍ରହାଳୟ(₹୩୯.୯୮ କୋଟି)
  - ମଧୁବାବୁ ସମାଧି ପୀଠ ବିକାଶ ପ୍ରକଳ୍ପ, କଟକ(₹୨୩.୧୫ କୋଟି)
  - ପଣ୍ଡିତ ରଘୁନାଥ ମୁର୍ମୁ ସମାଧି ପୀଠ ବିକାଶ ପ୍ରକଳ୍ପ, ରାଇରଙ୍ଗପୁର(₹୧୦.୬୦ କୋଟି)
  - ଜୟଦେବ ପୀଠ ବିକାଶ ପ୍ରକଳ୍ପ (₹୭.୦୭ କୋଟି)
  - ବୀର ସୁରେନ୍ଦ୍ର ସାଏ ଜନ୍ମପୀଠ ବିକାଶ ପ୍ରକଳ୍ପ, ଖିଣ୍ଡା (₹୬ କୋଟି)

## ସାମାଜିକ ସୁରକ୍ଷା ଓ ସଶକ୍ତିକରଣ

- ବୟସ୍କଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ପ୍ରଦାନ କରିବା ପାଇଁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଆରମ୍ଭ କରାଯାଇଛି ।
- ନିର୍ମାଣ ଶ୍ରମିକଙ୍କ ପେନସନ୍ ବୃଦ୍ଧି କରାଯାଇଛି । ୬୦ ବର୍ଷରୁ ଅଧିକ ବୟସର ଶ୍ରମିକମାନେ ୧,୦୦୦ ଟଙ୍କା ଏବଂ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ୧,୨୦୦ ଟଙ୍କା ଭତ୍ତା ପାଉଛନ୍ତି ।
- ରାଜ୍ୟର କଳା ଓ ସଂସ୍କୃତିକୁ ସମୃଦ୍ଧ କରିବାରେ ବୁଣାକାରଙ୍କ ବହୁମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗର ସହାୟତା ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ଅଧୀନରେ ୨,୭୫,୦୦୦ରୁ ଅଧିକ ବୁଣାକାର ଓ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।
- ଗ୍ରାମପଞ୍ଚାୟତରେ ନିୟୋଜିତ ସ୍ୱୟଂ ନିଯୁକ୍ତ କାରିଗରମାନଙ୍କ ବେତନ ୪,୦୦୦ ଟଙ୍କାରୁ ୬,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଫଳରେ ୧୩,୦୦୦ ଜଣ ସ୍ୱୟଂ ନିଯୁକ୍ତ କାରିଗର ଉପକୃତ ହୋଇଛନ୍ତି ।
- ମଧୁବାବୁ ପେନସନ୍ ଯୋଜନାରେ ବିଗତ ୫ ବର୍ଷ ମଧ୍ୟରେ ୮.୩୮ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି । ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ ଅନ୍ତର୍ଭୁକ୍ତ । ଏହି ଯୋଜନାରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୩୬.୬ ଲକ୍ଷରେ ପହଞ୍ଚିଛି । ଏହାସହ ମଧୁବାବୁ ପେନସନ୍ ରାଶିରେ ମାସିକ ୫୦୦ ଟଙ୍କା ବୃଦ୍ଧି କରାଯାଇଛି ।
- ସରକାର ସମସ୍ତ ୩୦ଟି ଜିଲ୍ଲାରେ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇଆଇସି) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିରେ ବୃଦ୍ଧାଶ୍ରମ, ନିରାଶ୍ରୟଙ୍କ ପାଇଁ ଘର, ଫିଜିଓଥେରାପି ସେଣ୍ଟର, ମେଡିକାଲ୍ ୟୁନିଟ୍, ପୁନର୍ବାସ କେନ୍ଦ୍ର ଏବଂ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟର ବ୍ୟବସ୍ଥା ରହିବ ।



# ପୁରସ୍କାର ଓ ପ୍ରଶଂସା

## ଅର୍ଥନୀତି

- ଓଡ଼ିଶାରେ ୨୦୧୫-୧୬ ଓ ୨୦୧୯-୨୧ ମଧ୍ୟରେ ଦାରିଦ୍ର୍ୟ ୪୮% ହ୍ରାସ ଘଟିଛି । ସେଥିପାଇଁ ଜାନୁଆରୀ ୧୬, ୨୦୨୪ରେ ପ୍ରକାଶିତ ନୀତି ଆୟୋଗଙ୍କ ରିପୋର୍ଟରେ ଓଡ଼ିଶା ଉଚ୍ଚ ପ୍ରଶଂସିତ ହୋଇଛି ।
- ରାଜ୍ୟ ମୋଟ ଘରୋଇ ଉତ୍ପାଦର ବକେୟା ଋଣ ଭାର ହ୍ରାସରେ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ସାରା ଦେଶରେ ରେକର୍ଡ ସୃଷ୍ଟି କରିଛି । ଏହିକ୍ଷେତ୍ରରେ ଓଡ଼ିଶାର ଋଣ ଭାର ସାରା ଦେଶରେ ସର୍ବନିମ୍ନ ।
- ଆର୍ଥିକ ପରିଚାଳନା କ୍ଷେତ୍ରରେ ବଡ଼ ବଡ଼ ରାଜ୍ୟ ତୁଳନାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ କେୟାର୍ ଏଜ୍ ଷ୍ଟେଟ୍ସ ରାଙ୍କିଂ ରିପୋର୍ଟରେ ସ୍ଥାନ ପାଇଛି ।
- ଟିକସ ସଂସ୍କାର କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଓଡ଼ିଶା ଟିଆଇଓଏଲ ନ୍ୟାସନାଲ ଟାକ୍ସେସନ ଆୱାର୍ଡ ୨୦୨୨ରେ ଟ୍ରୋଫି ଓ ଜିଏସଟି/ଷ୍ଟେଟ୍ ଭାଟ୍ ବର୍ଗରେ ସ୍ୱର୍ଣ୍ଣ ପୁରସ୍କାର ଜିତିଛି ।
- ୨୦୧୯-୨୦ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ରପ୍ତାନି କ୍ଷେତ୍ରରେ ୧୫୬% ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଓଡ଼ିଶା ଶ୍ରେଷ୍ଠ ରାଜ୍ୟର ସୁନାମ ଅର୍ଜନ କରିଛି ।
- ଟିକସ ସଂସ୍କାର କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରି ଓଡ଼ିଶା ୨୦୨୧ରେ ଟିଆଇଓଏଲ ନ୍ୟାସନାଲ ଟାକ୍ସେସନ୍ ଆୱାର୍ଡ ଓ ଜିଏସଟି/ଷ୍ଟେଟ୍ ଭାଟ୍ ବର୍ଗରେ ସ୍ୱର୍ଣ୍ଣ ପୁରସ୍କାର ଜିତିଛି ।
- ବଳକା ବଜେଟ୍ ସହ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରି ଓଡ଼ିଶା ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ଭାବେ ନିଜକୁ ପ୍ରତିପାଦିତ କରିଛି ।
- ବଜେଟ୍ ସ୍ୱଚ୍ଛତା କ୍ଷେତ୍ରରେ ଦେଶରେ ଓଡ଼ିଶା ତୃତୀୟ ରାଜ୍ୟ ଭାବେ ଗୌରବ ଅର୍ଜନ କରିଛି ।
- ସିଏମଆଇଇ ରିପୋର୍ଟ ଅନୁଯାୟୀ, ସବୁଠୁ କମ୍ ବେକାରି ହାର ୦.୯ % ସହ ଓଡ଼ିଶା ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ।

## କୃଷି ଓ କୃଷକ ସଶକ୍ତିକରଣ

- ମିଲେଟ୍ସ ବ୍ୟବହାର ଓ ପ୍ରସାର କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ବିଶ୍ୱ ମଡେଲ୍ ସାଜିଥିବାରୁ ଓଡ଼ିଶା 'ପୋଷକ ଅନାଜ୍ ପୁରସ୍କାର'ରେ ସମ୍ମାନିତ ହୋଇଛି । ଭାରତୀୟ ମିଲେଟ୍ସ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଏମ୍ଆର) ଦ୍ୱାରା ହାଇଦ୍ରାବାଦରେ ଆୟୋଜିତ ଅନ୍ତର୍ଜାତୀୟ ପୋଷକ ଶସ୍ୟ ସମ୍ମିଳନୀ (୫.୦)ରେ ଏହି ସମ୍ମାନ ହାସଲ କରିଛି ଆମ ରାଜ୍ୟ ।
- କୃଷିଜାତ ଉତ୍ପାଦ ବୃଦ୍ଧି କରି ଓଡ଼ିଶା କୃଷି ନେତୃତ୍ୱ ସମ୍ମାନ-୨୦୨୨ ହାସଲ କରିଛି ।
- ମିଲେଟ୍ସ ମିଶନକୁ ସୁଦୂରପ୍ରସାରୀ କରିଥିବାରୁ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା 'ବେଷ୍ଟ୍ ଷ୍ଟେଟ୍ ଫର୍ ସ୍କେଲିଂ ଅପ୍ ମିଲେଟ୍ସ ମିଶନ' ପୁରସ୍କାର ମିଳିଛି ।
- ରାସନ୍ ସାମଗ୍ରୀରେ ମିଲେଟ୍ସକୁ ସାମିଲ କରି ଓଡ଼ିଶା ନୀତି ଆୟୋଗ ଏବଂ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି ।
- ମିଲେଟର ପ୍ରସାର କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଇସିଏଆର-ଆଇଆଇଏମଆର୍ ଏବଂ ଏଫ୍ଏଓ ଦ୍ୱାରା ଓଡ଼ିଶାକୁ 'ପୋଷକ ଅନାଜ୍ ପୁରସ୍କାର' ପ୍ରଦାନ କରାଯାଇଛି ।
- ଓଡ଼ିଶାର ସ୍ଥାପତ୍ୟକଳାର ଚମତ୍କାର ନିଦର୍ଶନ କୃଷି ଭବନକୁ ସମ୍ମାନଜନକ ଏଜେଡ୍ ଆୱାର୍ଡ୍ସ-୨୦ର ସାମାଜିକ କଲ୍ୟାଣ ବର୍ଗରେ ପିପୁଲ୍ସ ଚଏସ ପୁରସ୍କାର ମିଳିଛି ।
- ମତ୍ସ୍ୟ, ପଶୁପାଳନ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଚାଷ ବିଭାଗରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ଉପକୂଳବର୍ତ୍ତୀ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ପୁରସ୍କୃତ ହୋଇଛି ।
- ଓଡ଼ିଶା ଶ୍ରେଷ୍ଠ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ଓ ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ କଳାହାଣ୍ଡି ଶ୍ରେଷ୍ଠ ଜିଲ୍ଲା ଭାବେ ସମ୍ମାନିତ ହୋଇଛି ।

## ଖାଦ୍ୟ ସୁରକ୍ଷା

- ୱାସିଂଟନ୍ ଡିସିରେ ଆୟୋଜିତ ପ୍ଲାନେଟ୍ ଏକ୍ସପ୍ଲୋର୍ ୨୦୨୩- ଟ୍ରାନ୍ସପରେନ୍ସି ଟୁ ଆକ୍ସନ୍ ସମ୍ମିଳନୀରେ ଆମ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଗ୍ଲୋବାଲ୍ ପ୍ଲାନେଟ୍ ପର୍ପୋଜ୍ ଆୱାର୍ଡ: ଡ୍ରାଇଭ୍ ଫର୍ ରେଜଲ୍ଟ ଭଳି ସମ୍ମାନଜନକ ପୁରସ୍କାର ମିଳିଛି ।
- ରାସନ୍ ଦୋକାନଗୁଡ଼ିକ ଜରିଆରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ବିବେଚିତ ହୋଇଛି ।
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରିତା କ୍ଷେତ୍ରରେ ସାଧାରଣ ରାଜ୍ୟ ତାଲିକା ସୂଚକାଙ୍କରେ ଓଡ଼ିଶା ଶୀର୍ଷ ସ୍ଥାନ ଅଧିକାର କରିଛି ।
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉତ୍କର୍ଷତ ପାଇଁ ଇଟି ଗଭର୍ନମେଣ୍ଟ ଇଟି ଡିଜିଟେକ୍-୨୦୨୨ ସମ୍ମିଳନୀରେ ଓଡ଼ିଶାକୁ ସମ୍ମାନିତ କରାଯାଇଛି ।

## ଶିଳ୍ପ

- ଭାରତୀୟ ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁସାରେ ନୂଆ ନିବେଶ କ୍ଷେତ୍ରରେ ଶୀର୍ଷ ୩ଟି ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା । ୨୦୨୨-୨୩ରେ ଦେଶର ମୋଟ ପ୍ରକଳ୍ପର ୧୧.୮% ଅର୍ଥ ଓଡ଼ିଶାରେ ନିବେଶ ହୋଇଛି ।
- ସିଏମଆଇଇ ଓ ସିଆଇଆଇ ରିପୋର୍ଟ ଅନୁସାରେ ୨୦୨୩ ଆର୍ଥିକ ବର୍ଷରେ ଓଡ଼ିଶାକୁ ଦ୍ୱିତୀୟ ସର୍ବାଧିକ ପୁଞ୍ଜି ନିବେଶ ଆସିଛି ।
- ଓଡ଼ିଶାର ଗୋ-ସ୍ୱିଫ୍ଟ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲକୁ ନ୍ୟାସନାଲ ଇ-ଗଭର୍ଣ୍ଣାନ୍ସ ଆୱାର୍ଡ-୨୦୨୦ରେ 'ରୌପ୍ୟ' ପୁରସ୍କାରରେ ସମ୍ମାନିତ କରାଯାଇଛି ।
- ଇଜ୍ ଅଫ୍ ଡୁଇଂ ବିଜନେସ୍ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ପାଇଁ ଓଡ଼ିଶା ୨୯ତମ ସ୍ଥାନରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ୬ ରାଜ୍ୟଙ୍କ ତାଲିକାରେ ସ୍ଥାନ ପାଇଛି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ବିଜନେସ୍ ରିଫର୍ମସ ଆକ୍ସନ୍ ପ୍ଲାନ-୨୦୨୦ ସମୀକ୍ଷା ରିପୋର୍ଟରେ ଏହା ପ୍ରକାଶ ପାଇଛି ।
- ରାଜ୍ୟଗୁଡ଼ିକର ଷ୍ଟାର୍ଟ ଅପ୍ ରାଙ୍କିଂ-୨୦୨୧ରେ ଓଡ଼ିଶା ଶ୍ରେଷ୍ଠ ୪ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯାଉଥିବା ପୁରସ୍କାର ବର୍ଗରେ ଓଡ଼ିଶା ପ୍ରଥମ ପୁରସ୍କାର ହାସଲ କରିଛି ।
- ୨୦୧୮, ୨୧ ଏବଂ ୨୨ ପାଇଁ ଷ୍ଟାର୍ଟଅପ୍ ରାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମାନ୍ୟତା ବଜାୟ ରଖିଛି ।
- ମୁମ୍ବାଇରେ କେମେଟେକ୍ ସିଇଡବ୍ଲୁ ଲିଡରସିପ୍ ଆଣ୍ଡ୍ ଏକ୍ସଲେନ୍ସ ଆୱାର୍ଡ ୨୦୧୯ ରେ ଇନଭେଷ୍ଟ ଇନ୍ ଓଡ଼ିଶାକୁ ସର୍ବୋତ୍ତମ ସୁଯୋଗ ସୃଷ୍ଟିକାରୀ ରାଜ୍ୟଭାବେ ସମ୍ମାନିତ କରାଯାଇଛି ।

## ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି

- ପ୍ରୟାଗରାଜରେ ଆୟୋଜିତ ୧୯ତମ ସିଏସଆଇ ଏସଆଇଜି ଇ-ଗଭର୍ଣ୍ଣାନ୍ସ ଆୱାର୍ଡ-୨୦୨୧ର ରାଜ୍ୟବର୍ଗରେ ଓଡ଼ିଶାକୁ ଉତ୍କର୍ଷତା ପାଇଁ ସମ୍ମାନ(ଆୱାର୍ଡ ଅଫ୍ ଏକ୍ସଲେନ୍ସ) ମିଳିଛି ।
- କାଗଜବିହୀନ ପରିକଳ୍ପନା କ୍ଷେତ୍ରରେ ଶ୍ରେଷ୍ଠ ବିଧାନସଭା ଭାବେ ଓଡ଼ିଶା ବିଧାନସଭା ଓ ଆମ ରାଜ୍ୟକୁ ଏକମାତ୍ର ରାଜ୍ୟ ଓ ବିଧାନସଭା ଭାବେ ଉତ୍କର୍ଷତା ପୁରସ୍କାର ମିଳିଛି ।
- ଓଡ଼ିଶା ୱାନ୍, ମୋ ସେବା କେନ୍ଦ୍ର ଦ୍ୱାରା ସମସ୍ତ ସରକାରୀ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରିଛି । ଏପିଏସି ନ୍ୟୁଜ୍ ନେଟୱର୍କ ଦ୍ୱାରା ଡିଜିଟାଲୀ ସଶକ୍ତ ରାଜ୍ୟ ଭାବେ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ଚଳିତ ବର୍ଷରେ ଡିଜିଟାଲ୍ ସଶକ୍ତ ରାଜ୍ୟ ଭାବେ ସମ୍ମାନିତ କରାଯାଇଛି ।
- ମୋ ସରକାର ଓ 5T ଅଭିଯାନ ପାଇଁ ଇଲେଟ୍ସ ଟେକ୍ନୋମିଡିଆ ନଲେଜ୍ ଏକ୍ସଚେଞ୍ଜ୍ ସମ୍ମିଳନୀରେ ଇ ଆଣ୍ଡ ଆଇଟି ବିଭାଗକୁ ଉତ୍କର୍ଷ ପୁରସ୍କାର ମିଳିଛି ।

- କ୍ଲାଉଡ୍ ଇନଫ୍ରାଷ୍ଟ୍ରକ୍ଚର ଆଣ୍ଡ ଆଉଟ୍ସସିଂ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଇ ଆଣ୍ଡ ଆଇଟି ବିଭାଗକୁ ଜି-କ୍ଲାଉଡ୍ ଆଣ୍ଡ ଡାଟା ସେଣ୍ଟର ଆୱାର୍ଡ-୨୦୨୦ ମିଳିଛି ।
- ରାଜ୍ୟ ସରକାରଙ୍କ ସମନ୍ୱିତ ଆଇନଗତ ସମୀକ୍ଷା ବ୍ୟବସ୍ଥା(ଇଣ୍ଟିଗ୍ରେଟେଡ୍ ଲିଗାଲ୍ ମନିଟରିଂ ସିଷ୍ଟମ୍)-ଆଏଲଏମଏସ ଏବଂ କୋଭିଡ୍-ଡ୍ୟାସବୋର୍ଡକୁ ଏକ୍ସପ୍ରେସ୍ କମ୍ପ୍ୟୁଟର-ଟେକ୍ ସଭା ଆୱାର୍ଡ ମିଳିଛି ।
- ଇ-ଟେଣ୍ଡରିଂ କ୍ଷେତ୍ରରେ ସ୍ୱଚ୍ଛତା, ଟିମ୍‌ୱାର୍କ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରକୁ ଗୁରୁତ୍ୱ ଦିଆଯାଉଥିବାରୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶାକୁ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପୁରସ୍କାର ମିଳିଛି ।

## ସୁଶାସନ

- ଭି-ଏକ୍ସଲେନ୍ସ ବର୍ଗରେ ଭୁବନେଶ୍ୱର ଲ୍ୟାଣ୍ଡ ୟୁଜ୍ ଇଣ୍ଟେଲିଜେନ୍ସ ସିଷ୍ଟମ (BLUIS)କୁ ସ୍ୱର୍ଣ୍ଣ ପୁରସ୍କାର ମିଳିଛି ।
- ଅନ୍ତଃସଞ୍ଚାଳିତ ଆପରାଧିକ ଆଇନ ବ୍ୟବସ୍ଥା ଆଇସିଜେଏସ୍ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶାକୁ ପ୍ରଥମ ପୁରସ୍କାର ମିଳିଛି ।
- ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁସାରେ ବୃହତ୍ ଓ ମଧ୍ୟମ ବର୍ଗର ରାଜ୍ୟଗୁଡ଼ିକ ମଧ୍ୟରେ ପୋଲିସ ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି ।
- ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ (DILRMP)କୁ କାର୍ଯ୍ୟକାରୀ କରିବା ଦିଗରେ ଉଲ୍ଲେଖନୀୟ ସଫଳତା ପାଇଁ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ଭୂମି ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

- ଶିଶୁ ମାନଙ୍କ ବୟସ ତୁଳନାରେ ଉଚ୍ଚତା କମ୍ ଅନୁପାତକୁ ହ୍ରାସ କରିବା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନକୁ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (IFPRI) ମାନ୍ୟତା ପ୍ରଦାନ କରିଛି । ଅନ୍ୟ ବଡ଼ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ବୟସ ତୁଳନାରେ ଉଚ୍ଚତା କମ୍ ଅନୁପାତକୁ ୩ ଗୁଣ ହ୍ରାସ କରିବାରେ ସକ୍ଷମ ହୋଇଛି ।
- ତୃତୀୟ ସର୍ବଶ୍ରେଷ୍ଠ ସୁଖୀ ରାଜ୍ୟ ଭାବେ ଓଡ଼ିଶାକୁ ହାପି ପ୍ଲସ ସର୍ଭେରେ ମାନ୍ୟତା ମିଳିଛି । ଦ ୱିକ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ ହୋଇଛି ।
- କୋଭିଡ୍ ଆହ୍ୱାନ ସତ୍ତ୍ୱେ ଓଡ଼ିଶାରେ ସଫଳତାର ସହ ୯୦% ଶିଶୁଙ୍କ ଟିକାକରଣ କରାଇଥିବାରୁ ୟୁନିସେଫ୍ ଏହାର ପ୍ରଶଂସା କରିଛି । ଏହି ସମୟରେ ଜାତୀୟ ଟିକାକରଣ ହାର ମାତ୍ର ୭୬.୪% ରହିଥିଲା ।
- ବିଶ୍ୱ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତୀକରଣ ଦିବସ ୨୦୨୨ ଅଭିଯାନରେ ସର୍ବାଧିକ ଆଭା ଆଇଡି ପ୍ରସ୍ତୁତ କରିଥିବାରୁ ଓଡ଼ିଶାକୁ ପ୍ରଥମ ପୁରସ୍କାର ମିଳିଛି ।
- ସାମ୍ପଲ୍ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ଅନୁସାରେ ୨୦୦୫ରୁ ୨୦୨୦ ମଧ୍ୟରେ ରାଜ୍ୟରେ ଶିଶୁ ମୃତ୍ୟୁ ହାର ସର୍ବାଧିକ ହ୍ରାସ ପାଇଛି । ସେହିପରି ୨୦୧୫-୧୭ ଓ ୨୦୧୮-୨୦ ମଧ୍ୟରେ ଦେଶରେ ମାତୃମୃତ୍ୟୁ ହ୍ରାସ କରିବା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ଆମ ଓଡ଼ିଶା ।
- ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ରିପୋର୍ଟ ଅନୁସାରେ ଓଡ଼ିଶାର ୯୦.୫% ଶିଶୁଙ୍କର ସମ୍ପୂର୍ଣ୍ଣ ଟିକାକରଣ କରାଯାଇଛି; ଯାହା ଦେଶରେ ସର୍ବାଧିକ ।
- ୨୦୨୦ ରିପୋର୍ଟ ଅନୁସାରେ ଯକ୍ଷ୍ମା ଦୂରୀକରଣ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ।
- ଓଡ଼ିଶାର ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଅତି ଉତ୍ତମ ଏବଂ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) କହିବା ସହ ଏହାର ପ୍ରଶଂସା କରିଛନ୍ତି ।

# ନଗର ଉନ୍ନୟନ

- କୋଭିଡ୍ ସମୟରେ ସହରାଞ୍ଚଳରେ ରୋଜଗାର ସୃଷ୍ଟି ପାଇଁ ଆରମ୍ଭ ହୋଇଥିବା ଓଡ଼ିଶା ଅର୍ବାନ୍ ଏମ୍ପ୍ଲଏମେଣ୍ଟ ଇନିସିଏଟିଭ୍‌କୁ ୨୦୨୧-୨୦୨୨ରେ ଡବ୍ଲୁଆରଆଇ ରସ୍ ସିଟିଜ୍ ରସ୍ ସେଣ୍ଟର ପୁରସ୍କାର ମିଳିଛି ।
- ଜାଗା ମିଶନ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ୱାର୍ଲ୍ଡ ହାବିଟାଟ୍ ବ୍ରୋଂଜ୍ ଆୱାର୍ଡ-୨୦୨୩ ମିଳିଛି ।
- ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟକୁ ଆଇଏସସି-ଫିକି ପରିମଳ ଜାତୀୟ ପୁରସ୍କାର ମିଳିଛି ।
- ଶ୍ରେଷ୍ଠ ସହରାଞ୍ଚଳ ପରିବହନ କାର୍ଯ୍ୟକ୍ରମ ପାଇଁ କ୍ରୁଟ୍, ଭୁବନେଶ୍ୱରକୁ ୧୬ତମ ଅର୍ବାନ ମୋବିଲିଟି ଇଣ୍ଡିଆ ସମ୍ମିଳନୀରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି ।
- ଇଣ୍ଡିଆ ସ୍ମାର୍ଟ ସିଟି ଆୱାର୍ଡ ପ୍ରତିଯୋଗିତାରେ ଭୁବନେଶ୍ୱରକୁ ବେଷ୍ଟ ସ୍ମାର୍ଟ ସିଟି ଭାବେ ପୁରସ୍କାର ମିଳିଛି ।
- ଇଜ୍ ଅଫ୍ ମୁଭିଂ ଇଣ୍ଡେକ୍ସ ଇଣ୍ଡିଆ ରିପୋର୍ଟ-୨୦୨୨ ଅନୁସାରେ ସହଜ ଓ ନିରବଚ୍ଛିନ୍ନ ପରିବହନ କ୍ଷେତ୍ରରେ ଭୁବନେଶ୍ୱର ତୃତୀୟ ସର୍ବଶ୍ରେଷ୍ଠ ସହର ଭାବେ ସ୍ଥାନ ପାଇଛି ।
- ଆଇଏସସି-ଫିକି ସାନିଟେସନ୍ ପୁରସ୍କାର-୨୦୨୨ କାର୍ଯ୍ୟକ୍ରମରେ ଓଡ଼ିଶାକୁ ୩ଟି ସମ୍ମାନଜନକ ପୁରସ୍କାର ମିଳିଛି । ଶ୍ରେଷ୍ଠ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ମଡେଲ, ୱିମେନ୍ ଚେଞ୍ଜ୍ ମେକର୍ସ ଇନ୍ ସାନିଟେସନ୍ ଏବଂ ପରିମଳ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଜ୍ଞାନକୌଶଳ ଉପଯୋଗ କରିବା ବର୍ଗରେ ଓଡ଼ିଶା ପୁରସ୍କୃତ ହୋଇଛି ।
- ଗମନାଗମନ ଓ ପରିବହନ ବର୍ଗରେ କ୍ରୁଟ୍ ଭୁବନେଶ୍ୱରକୁ ଶ୍ରେଷ୍ଠ ବସ ପରିବହନ ସେବା ପାଇଁ ଭାରତର ଶ୍ରେଷ୍ଠ ଅଭିନବ ବସ୍ ପରିବହନ ବ୍ୟବସ୍ଥା- ମୋଷ୍ଟ ଇନୋଭେଟିଭ୍ ବସ୍ ଟ୍ରାଂଜିଟ୍ ସିଷ୍ଟମ ଇନ୍ ଇଣ୍ଡିଆ ପୁରସ୍କାର ମିଳିଛି ।
- ଜାଗା ମିଶନ ପାଇଁ ଓଡ଼ିଶା ଶ୍ରେଷ୍ଠ ନୀତି ପରିଚାଳନା ବିଭାଗରେ PMAY-U ପୁରସ୍କାର ୨୦୨୧ ପାଇଛି ।
- ତୁର୍କିରେ ବିଶ୍ୱ ଆବାସ ଦିବସ-୨୦୨୨ (ୱାର୍ଲ୍ଡ ହାବିଟାଟ ଡେ') ପାଳନ ଅବସରରେ କ୍ରୁଟ୍ ଭୁବନେଶ୍ୱରକୁ ୟୁଏନ୍-ହାବିଟାଟ୍ ସ୍କ୍ରୋଲ୍ ଅଫ୍ ଅନର୍ ମିଳିଛି । ୨୪୪ ପ୍ରତିଯୋଗୀଙ୍କୁ ପଛରେ ପକାଇ କ୍ରୁଟ୍ ଭୁବନେଶ୍ୱର ଏହି ସମ୍ମାନ ହାସଲ କରିଛି ।
- ମହିଳା ଓ କିନ୍ନରଙ୍କୁ ନିଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ରୁଟ୍ ଭୁବନେଶ୍ୱରକୁ ୟୁଏନ୍ ପବ୍ଲିକ ସର୍ଭିସ ଆୱାର୍ଡ ମିଳିଛି ।
- ରାଉରକେଲା ସ୍ମାର୍ଟ ସିଟି ବ୍ଲୁମବର୍ଗ ଫିଲାନଥ୍ରୋପିଜ ମେୟର ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ବିଶ୍ୱର ୬୦୦ ସହରକୁ ପଛରେ ପକାଇ ଦେଶର ଏକମାତ୍ର ସହର ଭାବେ ପୁରସ୍କାର ଜିତିଛି । ଖାଦ୍ୟ ନଷ୍ଟ ହ୍ରାସ କରିବା ଦିଗରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଶୀତଳଭଣ୍ଡାରର ସୁବିଧା ସୁନିଶ୍ଚିତ କରି ରାଉରକେଲା ସ୍ମାର୍ଟ ସିଟି ଏହି ସମ୍ମାନଜନକ ପୁରସ୍କାର ଜିତିଛି ।
- ଜାଗା ମିଶନ ପାଇଁ ଓଡ଼ିଶା ଏସିଆ ପାସିଫିକ୍ ଇନୋଭେସନ ଆୱାର୍ଡ-୨୦୨୧ରେ ସମ୍ମାନିତ ହୋଇଛି ।
- ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରେ ସାମାଜିକ, ଅର୍ଥନୈତିକ ଓ ପରିବେଶ ସୁରକ୍ଷା ଆଦିକୁ ଗୁରୁତ୍ୱ ଦେଇ କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶାକୁ ପଞ୍ଚମ ଗୁଆଙ୍ଗଝୋ ପୁରସ୍କାର ମିଳିଛି ।
- ଆଇଏସସି-ଫିକି ସାନିଟେସନ ପୁରସ୍କାର-୨୦୨୧ରେ ଓଡ଼ିଶା ୩ଟି ବର୍ଗରେ ସମ୍ମାନ ପାଇଛି । ପରିମଳ କର୍ମଚାରୀଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ 'ଗରିମା' କାର୍ଯ୍ୟକ୍ରମ, ଶ୍ରେଷ୍ଠ ଏଫ୍‌ଏସ୍ଏସ୍ଏମ୍ ମଡେଲ ପାଇଁ ଢେଙ୍କାନାଳ ମ୍ୟୁନିସିପାଲିଟି ଏବଂ ମଳ ଓ ନର୍ଦ୍ଦମା ପରିଚାଳନା ପାଇଁ ବହୁଚାରାମାତା କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କାର ମିଳିଛି ।
- ଜାଗା ମିଶନ ପାଇଁ ଶ୍ରେଷ୍ଠ ରାଜ୍ୟ ଏବଂ ସହରାଞ୍ଚଳର ସମସ୍ତର ପରିବାରକୁ ପାଇପ୍ ଜଳ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପବ୍ଲିକ୍ ହେଲଥ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ(ଏଫ୍ଏଚ୍ଇଓ)କୁ ଜନାଗ୍ରହ ସିଟି ଗଭର୍ନାନ୍ସ ଆୱାର୍ଡ-୨୦୨୦ରେ ଶ୍ରେଷ୍ଠ ସିଭିକ୍ ଏଜେନ୍ସି ସମ୍ମାନ ମିଳିଛି ।
- କ୍ଷମତାର ବିକେନ୍ଦ୍ରୀକରଣ ଓ ନାଗରିକ ସଶକ୍ତିକରଣ ଦିଗରେ ପଦକ୍ଷେପ ପାଇଁ ସହରାଞ୍ଚଳ ପ୍ରଶାସନ କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟଭାବେ ପ୍ରଜା ଫାଉଣ୍ଡେସନ ଅର୍ବାନ ଗଭର୍ଣ୍ଣାନ୍ସ ଇଣ୍ଡେକ୍ସ-୨୦୨୦ରେ ଓଡ଼ିଶା ସ୍ଥାନ ପାଇଛି ।
- କୋଭିଡ୍-୧୯ ସମୟରେ ସହରାଞ୍ଚଳ ଗମନାଗମନ ଓ ପରିବହନ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ କ୍ରୁଟ୍, ଭୁବନେଶ୍ୱରକୁ ୧୩ ତମ ଅର୍ବାନ ମୋବିଲିଟି ଇଣ୍ଡିଆ କନଫରେନ୍ସରେ ଉତ୍କର୍ଷ ପୁରସ୍କାର ମିଳିଛି ।

- ସହରାଞ୍ଚଳ ଗରିବଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଓଡ଼ିଶାର ଜାଗା ମିଶନ ବିଶ୍ୱସ୍ତରରେ ଏକ ଉଦାହରଣ ସାଜିଛି ।
- ଜାଗା ମିଶନ ଜରିଆରେ ଲକ୍ଷାଧିକ ଗରିବ ସହରାଞ୍ଚଳ ବାସିନ୍ଦାଙ୍କୁ ଜମି ଅଧିକାର ଦେଇ ସଶକ୍ତ କରିଥିବାରୁ ଓଡ଼ିଶା ଓ ଟାଟା ଟ୍ରଷ୍ଟକୁ ଇଣ୍ଡିଆ ଜିଓସ୍ପାସିଆଲ ଏକ୍ସଲେନ୍ସ ଆୱାର୍ଡ ମିଳିଛି ।
- ଇଣ୍ଡିଆ ଟୁଡେ ପକ୍ଷରୁ ଷ୍ଟେଟ୍ ଅଫ ଷ୍ଟେଟ୍ସ କନକ୍ଲେଭରେ ସ୍ୱଚ୍ଛତା କ୍ଷେତ୍ରରେ ସର୍ବାଧିକ ସୁଧାର ଆଣିଥିବା ବଡ଼ ରାଜ୍ୟଭାବେ ଓଡ଼ିଶାକୁ ପୁରସ୍କାର ମିଳିଛି ।
- ଭୁବନେଶ୍ୱର ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ ସୁଲଭ ମୂଲ୍ୟରେ ଆଧୁନିକ ପରିବହନ ସେବା ଯୋଗାଇଥିବାରୁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଅର୍ବାନ ମୋବିଲିଟି କନଫରେନ୍ସରେ କ୍ରୁଟ୍‌କୁ ବେଷ୍ଟ ସିଟି ବସ୍ ସର୍ଭିସ ଆୱାର୍ଡ ମିଳିଛି ।

## କ୍ରୀଡ଼ା ଓ ଯୁବ ସେବା

- କ୍ରୀଡ଼ାର ପ୍ରସାର ପାଇଁ ଦଶନ୍ଧିର ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ ସ୍ପୋର୍ଟ୍‌ଷ୍ଟାର ଏସେସ ଆୱାର୍ଡ ମିଳିଛି; ଯାହାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିଛନ୍ତି ।
- ଏକ ପ୍ରଗତିଶୀଳ କ୍ରୀଡ଼ା ନୀତି ଜରିଆରେ ଦେଶରେ ଏବଂ ବିଶ୍ୱରେ ହକିର ପ୍ରସାର ଲାଗି ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ମାନଜନକ ଏଫଆଇଏଚ୍ ପ୍ରେସିଡେଣ୍ଟ୍ସ ଆୱାର୍ଡ ପ୍ରଦାନ କରିଛି ।

## ଅନ୍ୟାନ୍ୟ ପୁରସ୍କାର

- ଖଣି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶା ରାଷ୍ଟ୍ରୀୟ ଖଣିଜ ବିକାଶ ପୁରସ୍କାର ପାଇଛି ।
- ଚେନ୍ନାଇରେ ଆୟୋଜିତ ଟ୍ରାଭେଲ୍ ଏବଂ ଟୁରିଜିମ୍ ମେଳାରେ ଓଡ଼ିଶା ମୋଷ୍ଟ ପ୍ରମିଜିଂ ନିୟୁ ଡେଷ୍ଟିନେସନ୍ ମାନ୍ୟତା ପାଇଛି ।
- ପାସିଫିକ୍ ଏରିଆ ଟ୍ରାଭେଲ୍ ରାଇଟର୍ସ ଆସୋସିଏସନ୍ (PATWA) ଦ୍ୱାରା ନୂଆଦିଲ୍ଲୀରେ ଆୟୋଜିତ ସଫାରି ଇଣ୍ଡିଆ ଦକ୍ଷିଣ ଏସିଆ ଟ୍ରାଭେଲ୍ ଆୱାର୍ଡ ୨୦୨୨ ରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟର ମାନ୍ୟତା ହାସଲ କରିଛି ।
- ସହରାଞ୍ଚଳରେ ଶତ ପ୍ରତିଶତ ଘରକୁ ଟ୍ୟାପ୍ ଜଳ ସଂଯୋଗ ସହ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ସ୍ପେନର ମାଡ୍ରିଦରେ ଆୟୋଜିତ ଗ୍ଲୋବାଲ୍ ୱାଟର୍ ସମ୍ମିଳନୀରେ ଓଡ଼ିଶା 'ଗ୍ଲୋବାଲ ୱାଟର୍ ଲିଡର୍ ପୁରସ୍କାର-୨୦୨୨ ହାସଲ କରିଛି ।
- ସର୍ବୋତ୍ତମ ରକ୍ଷଣାବେକ୍ଷଣ ଏବଂ ସଂରଚନା ପାଇଁ ହୀରାକୁଦ ଡ୍ୟାମ୍ କେନ୍ଦ୍ର ଜଳସେଚନ ଓ ଶକ୍ତି ବୋର୍ଡ ଦ୍ୱାରା ପୁରସ୍କୃତ ହୋଇଛି ।
- ନୀତି ଆୟୋଗର ରପ୍ତାନୀ ପ୍ରସ୍ତୁତି ଏବଂ ପ୍ରତିଦ୍ୱନ୍ଦ୍ୱିତା ରିପୋର୍ଟରେ ଓଡ଼ିଶା ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ।
- ୟୁଏନ ଏସଡିଜି ଉପରେ ଆଧାରିତ ନୀତି ଆୟୋଗର ଆଇଭିଏନଆର ୨୦୨୦ ରିପୋର୍ଟରେ ଓଡ଼ିଶା ଉଚ୍ଚ ପ୍ରଶଂସିତ ହୋଇଛି । ରାଜ୍ୟର ସ୍ୱେଚ୍ଛାକୃତ ଶିକ୍ଷାଦାନ କାର୍ଯ୍ୟକ୍ରମ, ସ୍ମାର୍ଟ କ୍ଲାସରୁମ୍ ମଡେଲ୍, ସ୍ୱୀକୃତି ଯୋଜନା ଆଦି ସୁନାମ ଆଣିଛି ।
- ଇଣ୍ଡିଆ ଟୁଡେ ଷ୍ଟେଟ୍ ଅଫ୍ ଷ୍ଟେଟ୍ସ ୨୦୨୨ରେ ଓଡ଼ିଶାର ଚମତ୍କାରିତା
  - ✓ ଶ୍ରେଷ୍ଠ ବିକଶିତ ବଡ଼ ରାଜ୍ୟ - ତୃତୀୟ ସ୍ଥାନ
  - ✓ ସ୍ୱଚ୍ଛତା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ - ପଞ୍ଚମ ସ୍ଥାନ
  - ✓ ପରିବେଶ ସୁରକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବଡ଼ ରାଜ୍ୟ - ପଞ୍ଚମ ସ୍ଥାନ
  - ✓ ପର୍ଯ୍ୟଟନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବଡ଼ ରାଜ୍ୟ - ଷଷ୍ଠ ସ୍ଥାନ
  - ✓ ସମନ୍ୱିତ ବିକାଶ କ୍ଷେତ୍ରରେ ବଡ଼ ରାଜ୍ୟ - ଷଷ୍ଠ ସ୍ଥାନ

# ନବୀନ ଓଡ଼ିଶା ପାଇଁ ଆମ ଘୋଷଣାପତ୍ର:
# ଲୋକଙ୍କ ଘୋଷଣାପତ୍ର

ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ ପାଇଁ ପ୍ରସ୍ତୁତ ହୋଇଛି ବିକାଶର ଏହି ଘୋଷଣାପତ୍ର । ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ନେଇ ବିଜୁବାବୁ ଦେଖିଥିବା ସ୍ୱପ୍ନକୁ ଏହା ସାର୍ଥକ କରୁଛି ।

ଆମ ରାଜ୍ୟ ଏବେ 'ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା' ଭାବେ ନିଜ ଗରିମା ବଢ଼ାଉଛି । ଏହାକୁ ଆହୁରି ବଳିଷ୍ଠ କରି ଆଗାମୀ ଦଶନ୍ଧିରେ ଓଡ଼ିଶା ସୃଷ୍ଟି କରିବାକୁ ଯାଉଥିବା ନୂଆ କୀର୍ତ୍ତିମାନର ଆଧାର ହେଉଛି ଏହି ଘୋଷଣାପତ୍ର । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ବିସ୍ତୃତ ମତାମତ ଏବଂ ବିଚାରଧାରାକୁ ସମୀକ୍ଷା କରି ଏହାକୁ ପ୍ରସ୍ତୁତ କରାଯାଇଛି । ଏହା ହେଉଛି ପ୍ରତିଟି ଓଡ଼ିଆର ଘୋଷଣାପତ୍ର; ଯେଉଁମାନଙ୍କ ଆଶା ଓ ଆକାଂକ୍ଷାରେ 'ନବୀନ ଓଡ଼ିଶା ଏବଂ ସମୃଦ୍ଧ ଓଡ଼ିଶା' ପ୍ରତିଫଳିତ ହେଉଛି ।

ଆମେ ଆଗାମୀ ପାଳିରେ ବିକାଶର ମାନକୁ ଉଚ୍ଚ କରି ରୂପାନ୍ତରଣ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବାବେଳେ, ଆମ ସମନ୍ୱିତ ସୁଶାସନ ଏବଂ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଆମ ପରିଚୟ ସାଜିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଜାରି ରଖିବା ପାଇଁ ଆମେ ସଙ୍କଳ୍ପବଦ୍ଧ ।

ଏବେ ଆମେ ଏପରି ଏକ ଓଡ଼ିଶା ଗଠନ ପାଇଁ ପ୍ରସ୍ତୁତ ହେଉଛୁ ଯାହାର ମୂଳ ହେବ ସୁଦୃଢ଼ ଏବଂ ଡେଣା ହେବ ସଶକ୍ତ ।



5T
ନବୀନ
ଗ୍ୟାରେଣ୍ଟି



# ନବୀନ ଓଡ଼ିଶା

# ଅଭିମୁଖ୍ୟ ୨୦୩୬

ବିଜୁ ଜନତା ଦଳ

୨୦୩୬ରେ ଓଡ଼ିଶା ରାଜ୍ୟ ଗଠନର ଗୌରବମୟ ୧୦୦ ବର୍ଷ ପୂରଣ ହେବାକୁଯାଉଛି । ତେଣୁ ବିକାଶର ଏହି ଧାରାକୁ ଆହୁରି ବଳିଷ୍ଠ କରି ଆମେ ଗଠନ କରିବାକୁ ଯାଉଛୁ

# ‘ନବୀନ ଓଡ଼ିଶା’

ଯାହା ହେବ ପ୍ରଗତିଶୀଳ, ସମନ୍ୱିତ, ଆକାଂକ୍ଷିତ, ବିକଶିତ ଏବଂ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ; ଯେଉଁଠି ପ୍ରତିଟି ନାଗରିକ ସମାନ ସୁଯୋଗ ପାଇ ଏକ ସୁଖୀ ଜୀବନ ଅଭିମୁଖେ ଅଗ୍ରସର ହେବେ ।

## "ନବୀନ ଓଡ଼ିଶା"
## ହେବ ଏକ ସଶକ୍ତ ଓଡ଼ିଶା

ଯେଉଁଠି ଆମ ଯୁବବର୍ଗଙ୍କ ସ୍ୱପ୍ନ ହେବ ସାକାର

ଯେଉଁଠି ମହିଳାମାନେ ଅଭିବୃଦ୍ଧି ଓ ବିକାଶରେ ହେବେ ସମାନ ଅଂଶୀଦାର

ଯେଉଁଠି ସମସ୍ତ ଦୁର୍ବଳବର୍ଗ ହେବେ ବିକାଶଧାରାରେ ଅନ୍ତର୍ଭୁକ୍ତ

**ଯେଉଁଠି ଦାରିଦ୍ର୍ୟ ଅତୀତର କାହାଣୀ ସାଜିବ । ଓଡ଼ିଶା ଦେଶର ଶ୍ରେଷ୍ଠ ତିନି ରାଜ୍ୟ ମଧ୍ୟରେ ରହିବ ।**

ଆଗାମୀ ୧୨ ବର୍ଷ ହେବ ରାଜ୍ୟ ରୂପାନ୍ତରଣର ଯୁଗ । ଏହାକୁ ସଫଳ କରିବା ପାଇଁ ଆମେ 5T ନୀତି

✓ ସ୍ୱଚ୍ଛତା ✓ ପ୍ରଯୁକ୍ତିବିଦ୍ୟା ✓ ଟିମୱାର୍କ ✓ ସମୟାନୁବର୍ତ୍ତିତା ✓ ରୂପାନ୍ତରଣ

ଅନୁସରଣ କରି ରାଜ୍ୟ ପାଇଁ ଆଭିମୁଖ୍ୟ -୨୦୩୬ ପ୍ରସ୍ତୁତ କରିବୁ ।

## 5T ଏବଂ ମୋ ସରକାର
## ମାନଦଣ୍ଡ ହେବ ସୁଶାସନର ମାର୍ଗଦର୍ଶକ

### ସୁଶାସନର ସମନ୍ୱିତ ମଡେଲ୍

ସମାଜର ସବୁବର୍ଗଙ୍କ ବିକାଶ ଏବଂ ଧାଡ଼ି ଶେଷରେ ଥିବା ବ୍ୟକ୍ତି ନିକଟରେ ସମସ୍ତ ସୁବିଧା ପହଞ୍ଚିବା କରିବୁ ସୁନିଶ୍ଚିତ ।

### ସୁଶାସନର ଦାୟିତ୍ୱସମ୍ପନ୍ନ ମଡେଲ୍

ଆମ ସରକାର ଏକ ଦାୟିତ୍ୱସମ୍ପନ୍ନ ସରକାର ଏବଂ ନାଗରିକଙ୍କ ସମସ୍ତ ଅଭିଯୋଗକୁ ଠିକ୍ ସମୟରେ ଏବଂ ସମ୍ବେଦନଶୀଳଭାବେ ସମାଧାନ କରିବାକୁ ପ୍ରୟାସ କରିବ ।

### ସୁଶାସନର ସହଭାଗୀ ମଡେଲ୍

ନବୀନ ଓଡ଼ିଶା ଗଠନରେ ରାଜ୍ୟର ପ୍ରତିଟି ନାଗରିକ ହେବେ ସହଭାଗୀ; ଯେଉଁଠାରେ ନିରନ୍ତର ଭାବେ ସମସ୍ତ ହିତାଧିକାରୀଙ୍କଠାରୁ ମତାମତ ଗ୍ରହଣ କରାଯିବ ।

୨୦୩୬ ସୁଦ୍ଧା ଓଡ଼ିଶା ରାଜ୍ୟ ଗଠନର ଶତବାର୍ଷିକୀ ମଧ୍ୟରେ ଆମେ ନବୀନ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବୁ; ଯାହା ହେବ ସୁଖୀ, ସଶକ୍ତ ଏବଂ ସମୃଦ୍ଧ ।

# ନବୀନ ଓଡ଼ିଶାର ପ୍ରମୁଖ ଲକ୍ଷ୍ୟ

## ସୁଖୀ ଓଡ଼ିଶା

- ✓ ଆମ ରାଜ୍ୟର ପ୍ରତ୍ୟେକ ନାଗରିକ ଏକ ସୁସ୍ଥ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ସମ୍ମାନଜନକ ଜୀବନଯାପନ କରିବେ ।
- ✓ ଆମ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଗୁଣାତ୍ମକ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ପାନୀୟ ଜଳ, ୨୪ ଘଣ୍ଟା ବିଦ୍ୟୁତ୍ ସରବରାହ, ସନ୍ତୁଳିତ ଖାଦ୍ୟ ଏବଂ ଏକ ସୁସ୍ଥ ନିରାମୟ ପରିବେଶ ସହ ସମସ୍ତ ମୌଳିକ ସୁବିଧା ପାଇବେ ।
- ✓ ଆମ ରାଜ୍ୟର ପ୍ରତିଟି ନାଗରିକ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ସହ ସ୍ୱପ୍ନକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ହାସଲ କରିବେ ।

## ସଶକ୍ତ ଓଡ଼ିଶା

- ✓ ଆମ ସମାଜର ପ୍ରତ୍ୟେକସ୍ତରର ନାଗରିକ ରାଜ୍ୟର ବିକାଶ ତଥା ନବୀନ ଓଡ଼ିଶା ଗଠନର କର୍ଣ୍ଣଧାର ସାଜିବେ ।
- ✓ ପ୍ରତ୍ୟେକ ଯୁବ ଓଡ଼ିଆ ନିଜ ଭବିଷ୍ୟତ ଗଢ଼ିବା ପାଇଁ ସକ୍ଷମ ହେବାକୁ ସଶକ୍ତ ହେବେ ।
- ✓ ପାରମ୍ପରିକ ଭାବେ ସମାଜର ଅନଗ୍ରସର ବର୍ଗ ଯଥା ମହିଳା, ଜନଜାତି, ଅନୁସୂଚିତ ଜାତି, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଶ୍ରମିକ ଏବଂ ଗରିବଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରି ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଓ ନିର୍ଦ୍ଦିଷ୍ଟ ପଦକ୍ଷେପମାନ ନିଆଯିବ ।

## ସମୃଦ୍ଧ ଓଡ଼ିଶା

- ✓ ବିକାଶର ବିବିଧ ମାନଦଣ୍ଡରେ ଓଡ଼ିଶା, ଦେଶର ସର୍ବଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ସ୍ଥାନ ପାଇବ । ମୁଣ୍ଡପିଛା ଆୟ, ବିବିଧ କ୍ଷେତ୍ରର ଦାରିଦ୍ର୍ୟ ସୂଚକାଙ୍କ, ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ସମେତ ବିଭିନ୍ନ ବିକାଶ ସୂଚକାଙ୍କରେ ସର୍ବୋତ୍ତମ ସଫଳତା ହାସଲ କରିବ ।
- ✓ ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ରାଜ୍ୟର କୋଣଅନୁକୋଣରେ ଅଭିବୃଦ୍ଧି ତଥା ସମୃଦ୍ଧି ପାଇଁ ଆଧୁନିକ ସୁବିଧା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରାଯିବ ।
- ✓ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ହିତକୁ ଦୃଷ୍ଟିରେ ରଖି ଜଙ୍ଗଲ, ନଦୀ ଓ ସମୁଦ୍ର ପରି ଆମ ପ୍ରାକୃତିକ ସମ୍ପଦକୁ ସଂରକ୍ଷଣ କରିବା ଦିଗରେ ବିକାଶର ଏକ ସ୍ଥାୟୀ ମଡେଲ୍ ଗ୍ରହଣ କରାଯିବ ।



# ନବୀନ ଓଡ଼ିଶାର କର୍ଣ୍ଣଧାର



# ଯୁବ ଓଡ଼ିଶା

## ନବୀନ ଓଡ଼ିଶା

# ଆମ ଗ୍ୟାରେଣ୍ଟି

5T ନବୀନ ଗ୍ୟାରେଣ୍ଟି

ଆଗାମୀ ୧୦ ବର୍ଷ ହେବ 'ଯୁବବର୍ଗଙ୍କ ଦଶନ୍ଧି' । ଓଡ଼ିଶାରେ ଯୁବବର୍ଗଙ୍କ ଏକ ଉଲ୍ଲେଖନୀୟ ସଂଖ୍ୟା ରହିଛି । ଏହି ଯୁବବର୍ଗ ହିଁ ଉତ୍ସାହ ଏବଂ ନିଷ୍ଠାର ସହ ନବୀନ ଓଡ଼ିଶା ଗଠନର କର୍ଣ୍ଣଧାର ସାଜିବେ । ତେଣୁ, ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସଶକ୍ତ କରିବା ସହ ଆଗାମୀ ଦିନର ଆହ୍ୱାନକୁ ସାମ୍ନା କରିବା ଲାଗି ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ଆମେ ସଙ୍କଳ୍ପବଦ୍ଧ । ଯୁବବର୍ଗଙ୍କଦ୍ୱାରା, ଯୁବବର୍ଗଙ୍କ ନେତୃତ୍ୱରେ ଏବଂ ଯୁବବର୍ଗଙ୍କ ସେବା ପାଇଁ ଉତ୍ସର୍ଗୀକୃତ ହୋଇ ଗଠନ ହେବ 'ନବୀନ ଓଡ଼ିଶା' ।

୧. **ଯୁବ ବଜେଟ୍:** ଯୁବପିଢ଼ିଙ୍କ କଲ୍ୟାଣ ପାଇଁ ଆଗାମୀ ୧୦ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ନବୀନ ଓଡ଼ିଶା ଯୁବ ବଜେଟ୍ ପ୍ରସ୍ତୁତ କରାଯିବ । ସାଧାରଣ ବଜେଟ୍ ଏବଂ ଜେଣ୍ଡର୍ ବଜେଟ୍ ଭାବେ ପ୍ରତିବର୍ଷ ଏହାକୁ ବିଧାନସଭାରେ ଉପସ୍ଥାପନ କରାଯିବ ।

୨. **ଛାତ୍ରଛାତ୍ରୀମାନଙ୍କୁ ସହାୟତା: ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଆମେ ଅନେକ ପଦକ୍ଷେପ ଗ୍ରହଣ କରିବୁ, ଯଥା:**

- ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ- ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଲାଗୁ କରାଯାଇସାରିଛି । ଏହା ଏକ ଅନନ୍ୟ, ଅଭିନବ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସ୍ମାର୍ଟ କାର୍ଡ । ଏହା ଛାତ୍ରଛାତ୍ରୀମାନଙ୍କୁ ଏକାଡେମିକ୍ ଏବଂ ଅଣ-ଏକାଡେମିକ୍ କ୍ଷେତ୍ରରେ ଆହୁରି ସକ୍ଷମ କରିବାକୁ ପ୍ରେରଣା ଯୋଗାଇବ । ଛାତ୍ରଛାତ୍ରୀମାନେ ଏହାଦ୍ୱାରା ମୋବାଇଲ୍ ରିଚାର୍ଜ, ଯାତ୍ରାରେ ରିହାତି, ପୁସ୍ତକ କ୍ରୟରେ ରିହାତି, ଲାଇବ୍ରେରୀ ଏବଂ କ୍ରୀଡ଼ାକ୍ଷେତ୍ରରେ ସୁବିଧା, ଅନଲାଇନ୍ କୋଚିଂ ଇତ୍ୟାଦିର ସୁବିଧା ପାଇପାରିବେ । ଏହି କାର୍ଡ ଗୋଲ୍ଡ, ସିଲଭର ଏବଂ ପ୍ଲାଟିନମ୍ ବର୍ଗକୁ ଅପଗ୍ରେଡ୍ ହୋଇପାରିବ ।
- ନୂଆ-ଓ ଛାତ୍ରବୃତ୍ତିର କଭରେଜ ବୃଦ୍ଧି କରାଯିବ । କମ୍ପାନି ଇଣ୍ଟର୍ଣ୍ଣସିପ୍, ଇଂରାଜୀ ଶିକ୍ଷା, ଇଣ୍ଟରଭ୍ୟୁ ପରିଚାଳନା ଏବଂ ଆତ୍ମରକ୍ଷା ଭଳି କୋର୍ସର ସୁବିଧା ଉପଲବ୍ଧ କରାଯିବ ।
- ଉଚ୍ଚଶିକ୍ଷା ପାଇଁ କମ୍ ସୁଧ ହାରରେ ଆମେ ଋଣ ବ୍ୟବସ୍ଥା କରିବୁ ।
- ଯୁବବର୍ଗଙ୍କ ପାଇଁ 'ନବୀନ ଓଡ଼ିଶା' ପୋର୍ଟାଲର ବିକାଶ କରାଯିବ । ଗୋଟିଏ ପ୍ଲାଟଫର୍ମରେ ଅନଲାଇନ୍ କ୍ଲାସ୍, କ୍ୟାରିଅର କାଉନସେଲିଂ, ନିଯୁକ୍ତି ସୁଯୋଗ, ନେଟୱର୍କିଂ ସୁବିଧା ଆଦି ଉପଲବ୍ଧ ରହିବ ।
- ସାରା ରାଜ୍ୟର କଲେଜଗୁଡ଼ିକରେ ନୂଆ-ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ ।
- ଶିକ୍ଷା/କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବା ପାଇଁ ଯୁବବର୍ଗଙ୍କୁ ରିହାତି ମୂଲ୍ୟରେ ଯାତାୟାତ ସୁବିଧା ।
- ନୂଆ-ଓ ଛାତ୍ରବୃତ୍ତି ଜରିଆରେ ଛାତ୍ରମାନଙ୍କୁ ବାର୍ଷିକ ୧୨,୦୦୦ ଟଙ୍କା ଏବଂ ଛାତ୍ରୀମାନଙ୍କୁ ୧୪,୦୦୦ ଟଙ୍କା ପ୍ରଦାନ କରାଯିବ ।

୩. **'ଯୁବବର୍ଗ'ଙ୍କ ଦକ୍ଷତା ବିକାଶ: ଦକ୍ଷତା ବିକାଶ କରି ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବା ସହିତ:**

- ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରି ଭାରତ ତଥା ବିଦେଶରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ 'ସ୍କିଲ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରାଯିବ ।
- ବିଭିନ୍ନ ଶିଳ୍ପୋଦ୍ୟୋଗ ସହ ସହଭାଗିତାରେ 'ଶିଖ ଓ ରୋଜଗାର କର' ଭଳି କାର୍ଯ୍ୟକ୍ରମ ଆରମ୍ଭ ହେବ ।
- ନୂତନ ଉନ୍ନତ ଅଭିଳାଷା (NUA) ଓଡ଼ିଶା ଯୋଜନାରେ ଯୁବବର୍ଗଙ୍କୁ ଆଧୁନିକ କୌଶଳ ତାଲିମ ପ୍ରଦାନ କରାଯିବ ।
- ୫୦ଟି ଉଚ୍ଚ ପ୍ରଦର୍ଶନକାରୀ ଆଇଟିଆଇ/ ଧନ୍ଦାମୂଳକ କଲେଜ୍ / ପଲିଟେକ୍ନିକ୍ ପ୍ରତିଷ୍ଠା ହେବ, ଏହା ଶିଳ୍ପ ଚାହିଦା ପାଠ୍ୟକ୍ରମ ଏବଂ କୌଶଳ ଉପରେ ଶିକ୍ଷା ଏବଂ ତାଲିମ୍ ପ୍ରଦାନ କରିବା ସହ ଶିଳ୍ପମାନଙ୍କ ସହଭାଗିତାରେ ନିଯୁକ୍ତି ସୁନିଶ୍ଚିତ କରିବ ।
- ନୂଆ ଯୁଗର ଜ୍ଞାନକୌଶଳ ପାଇଁ ପ୍ରତିଷ୍ଠାନ ନିର୍ମାଣ ଲାଗି ସହାୟତା ପ୍ରଦାନ କରାଯିବ ।
- ଟେକ୍ନୋଲୋଜି କ୍ଷେତ୍ରରେ ନିଯୁକ୍ତି ଲାଗି ଯୁବବର୍ଗଙ୍କୁ ପ୍ରସ୍ତୁତ କରିବାକୁ ଆଇଟି କମ୍ପାନିମାନଙ୍କ ସହଭାଗିତାରେ ସଫ୍ଟୱେୟାର୍ ଟ୍ରେନିଂ ସେଣ୍ଟର୍ ସ୍ଥାପନ କରାଯିବ ।
- ରୋଜଗାରଭିତ୍ତିକ ଦକ୍ଷତା ପାଇଁ 'ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ' ସ୍ଥାପନ କରାଯିବ ।
- ଢେଙ୍କାନାଳରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର ପ୍ରତିଷ୍ଠା କରାଯିବ ।



## ୪. ଯୁବବର୍ଗଙ୍କ ପାଇଁ ନିଯୁକ୍ତି

- ରାଜ୍ୟରେ ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବୁ ।
- ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପାଇଁ ନିୟମିତ ଓ ସ୍ୱଚ୍ଛ ନିଯୁକ୍ତି ସୁନିଶ୍ଚିତ କରିବୁ ।
- ଯୁବବର୍ଗଙ୍କ ପାଇଁ ସରକାରୀ କ୍ଷେତ୍ରରେ ୨ ଲକ୍ଷ ନିଯୁକ୍ତି ପ୍ରଦାନ ।

## ୫. ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗ ପାଇଁ ସହାୟତା

- ବ୍ୟବସାୟ କରୁଥିବା ଯୁବବର୍ଗଙ୍କୁ 'ସ୍ୱୟମ୍ ଓଡ଼ିଶା' ଯୋଜନାରେ ବିନା ସୁଧରେ ମିଳୁଥିବା ଋଣ ୧ ଲକ୍ଷ ରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ଆମେ ରାଜ୍ୟରେ ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ଆହୁରି ମଜଭୁତ କରିବୁ ଏବଂ ସକ୍ରିୟ ଭାବରେ ଯୁବକମାନଙ୍କର ଉଦ୍ୟୋଗକୁ ସମର୍ଥନ କରିବୁ । "ଓ ହବ" କୁ ଆହୁରି ବିସ୍ତାର କରାଯିବ ଏବଂ ଷ୍ଟାର୍ଟ ଅପ୍ ପାଇଁ ପ୍ଲଗ୍ ଆଣ୍ଡ ପ୍ଲେ କୋ ୱାର୍କିଂ ପ୍ଲେସ ସହ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯିବ ।

**୬. ଯୁବଗୋଷ୍ଠୀଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଫିଟନେସକୁ ପ୍ରୋତ୍ସାହନ:** ଦେଶର ସ୍ପୋର୍ଟ୍ସ ହବ୍ ଭାବରେ ଓଡ଼ିଶାର ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବାକୁ ଆମେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବୁ ।

- ବିଭିନ୍ନ କ୍ରୀଡ଼ା ପାଇଁ ସ୍ପୋର୍ଟ୍ସ ଏକାଡେମୀ ପ୍ରତିଷ୍ଠା ସହ ସମସ୍ତ ଜିଲ୍ଲାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ ।
- ତୃଣମୂଳସ୍ତରରୁ ବୃତ୍ତିଗତ ସ୍ତର ପର୍ଯ୍ୟନ୍ତ ଗୁଣାତ୍ମକ ତାଲିମ ପ୍ରଦାନ କରାଯିବ ।
- କଟକର ବାରବାଟୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ସହ ଭୁବନେଶ୍ୱରରେ ଇନଡୋର ଆରେନା, ସମ୍ବଲପୁର ଫୁଟବଲ୍ ଷ୍ଟାଡିୟମ୍ ଏବଂ ବ୍ରହ୍ମପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବ ।
- ସୁସ୍ଥ ଏବଂ ନିରାମୟ ଜୀବନଶୈଳୀ ପାଇଁ କ୍ରୀଡ଼ା ଏବଂ ଫିଟନେସ୍ ଭଳି କାର୍ଯ୍ୟକଳାପରେ ନିୟୋଜିତ ରହିବାକୁ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରାଯିବ । ଏହାବାଦ୍ ଡ୍ରଗ୍ସ, ମଦ୍ୟପାନ, ଧୂମପାନ, ସୋସିଆଲ୍ ମିଡିଆଠାରୁ ଦୂରେଇ ରଖିବା ପାଇଁ ଆମେ କାର୍ଯ୍ୟକ୍ରମ ଆରମ୍ଭ କରିବୁ ।
- ରାଜ୍ୟର ପ୍ରମୁଖ ସହରରେ ଫିଟନେସ୍ ହବ୍ ସ୍ଥାପନ କରାଯିବ ।






# ସଶକ୍ତ ମହିଳାଙ୍କ ଓଡ଼ିଶା

## ନବୀନ ଓଡ଼ିଶା

# ଆମ ଗ୍ୟାରେଣ୍ଟି



ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଅଭିବୃଦ୍ଧି କାହାଣୀର ମୂଳଦୁଆ ପାଲଟିଛି ମହିଳା ସଶକ୍ତିକରଣ । ରାଜ୍ୟ ସରକାର ମହିଳାମାନଙ୍କ ପାଇଁ କରିଥିବା ଫ୍ଲାଗସିପ୍ କାର୍ଯ୍ୟକ୍ରମ "ମିଶନ ଶକ୍ତି" ଦ୍ୱାରା ରାଜ୍ୟରେ ବହୁ ସଂଖ୍ୟକ ମହିଳା ଉପକୃତ ହୋଇଛନ୍ତି । "ନବୀନ ଓଡ଼ିଶା" ରେ ରାଜ୍ୟର ମହିଳାମାନେ ଆର୍ଥିକ ସହାୟତା, ପ୍ରୋତ୍ସାହନ, କଲ୍ୟାଣ କାର୍ଯ୍ୟକ୍ରମ, ସୁରକ୍ଷା ଏବଂ ନିରାପତ୍ତା ପାଇଁ ନିଆଯାଇଥିବା ପଦକ୍ଷେପ ମାଧ୍ୟମରେ ଅଧିକ ସଶକ୍ତ ହେବେ ।

୧. **ଜେଣ୍ଡର ବଜେଟ୍ ରେ ଆବଣ୍ଟନ ବୃଦ୍ଧି:** ଝିଅ, ଭଉଣୀ ଏବଂ ମା'ମାନଙ୍କ ପାଇଁ ଜେଣ୍ଡର ବଜେଟ୍ ରେ ଆବଣ୍ଟନକୁ ୨୦୩୬ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବ । ଏହା ଫଳରେ ରାଜ୍ୟର ୫୦ ପ୍ରତିଶତ ଲୋକ ଉପକୃତ ହେବେ ।

୨. **'ମିଶନ ଶକ୍ତି' ଯୋଜନାକୁ ମଜଭୁତ କରାଯିବ:**

- ବିଜେଡି ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ୍ ନୁହେଁ । ଏହା ଆମ ସୁଶାସନର ପରିଚୟ । ମିଶନ୍ ଶକ୍ତି ଆମ ଗର୍ବ । ଆଗକୁ ଏସଏଚଜିଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାରେ ଆମେ ୧ ନମ୍ବର ରାଜ୍ୟ ହେବୁ । ଏହାସହ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇଦିଆଯିବ ।
- ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରି ସ୍ୱୟଂସହାୟକ ଗୋଷ୍ଠୀକୁ ଲଘୁ ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରାଯିବ ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟବସାୟ କରିବା ଯୋଗ୍ୟ କରିବା ସହ ସ୍ଥାୟୀ ତଥା ସମୃଦ୍ଧ କରିବା ପାଇଁ ସରକାରଙ୍କ ତରଫରୁ ଆଗାମୀ ୧୦ ବର୍ଷରେ ୨୦,୦୦୦ କୋଟି ଟଙ୍କାର କାମ ଯୋଗାଇଦିଆଯିବ ।
- ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସମସ୍ତ ଜିଲ୍ଲାରେ ହେବାକୁ ଥିବା ମିଶନ ଶକ୍ତି ବିଜିନେସ୍ ପାର୍କକୁ ମିଶନ ମୋଡ୍ ରେ କାର୍ଯ୍ୟକାରୀ କରାଯିବ ।
- ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ମିଶନ ଶକ୍ତି ସଦସ୍ୟାଙ୍କ ପାଇଁ ପେନସନ୍ ସୁବିଧା କରାଯିବ ।
- ମିଶନ ଶକ୍ତି ସଦସ୍ୟାମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରତିଷ୍ଠା ହେବ ଦକ୍ଷତା ବିକାଶ ସମ୍ବଳ କେନ୍ଦ୍ର ।
- ପଞ୍ଚାୟତସ୍ତର ପର୍ଯ୍ୟନ୍ତ ମିଶନ ଶକ୍ତି ବଜାର ବ୍ୟବସ୍ଥାକୁ ବିସ୍ତାର କରାଯିବ ।
- ମିଶନ ଶକ୍ତି ସଦସ୍ୟାଙ୍କ ଦୁର୍ଘଟଣା ଏବଂ ଜରୁରୀକାଳିନ ସହାୟତା ପାଇଁ ସ୍ୱତନ୍ତ୍ର କର୍ପସ ପାଣ୍ଠି ଗଠନ କରାଯିବ ।
- ମିଶନ ଶକ୍ତି ମହାସଂଘରେ ଆବଶ୍ୟକତା ଅନୁଯାୟୀ ଇସି ସଦସ୍ୟାଙ୍କ ସଂଖ୍ୟା ବୃଦ୍ଧି କରାଯିବ । ସହରାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଗ୍ରାମାଞ୍ଚଳ ଢାଞ୍ଚାରେ ବିକଶିତ କରାଯିବ ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ପରି ଆର୍ଥିକ ସହାୟତା ଯୋଗାଇଦିଆଯିବ ।

୩. **ବାଳିକାମାନଙ୍କ ପାଇଁ ଶିକ୍ଷା:**

- ବାଳିକାମାନଙ୍କ ପାଇଁ ଶିକ୍ଷା ପ୍ରାଥମିକତା । ଯେଉଁ କାରଣ ପାଇଁ ବାଳିକା ମାନେ ସ୍କୁଲ ଓ କଲେଜ ଛାଡୁଛନ୍ତି ସେହି ସମସ୍ୟାର ସମାଧାନ କରିବୁ ।
- ନୂଆ-ଓ ଛାତ୍ରବୃତ୍ତି ଫଳରେ ଆର୍ଥିକ ସମସ୍ୟା ଯୋଗୁଁ ବାଳିକାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେବ ନାହିଁ ।
- ବୈଷୟିକ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବାଳିକାମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯିବ ।
- ନର୍ସିଂ ପାଠ୍ୟକ୍ରମ ପରି ମହିଳାକୈନ୍ଦ୍ରିକ ଚାକିରୀ ଭିତ୍ତିକ କାର୍ଯ୍ୟକ୍ରମଗୁଡିକ ଆହୁରି ବିସ୍ତାରିତ ଏବଂ ଶକ୍ତିଶାଳୀ ହେବ ।
- ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ମହିଳାଙ୍କ ଉପରେ ଧ୍ୟାନ ଦେଇ ଆଇଟିଆଇ / ଧନ୍ଦାମୂଳକ ପାଠ୍ୟକ୍ରମରେ ଅତି କମରେ ୨୦ ଟି ନୂତନ ବଜାର-ଆବଶ୍ୟକତା ପାଠ୍ୟକ୍ରମ ଉପସ୍ଥାପନ କରିବୁ ।
- ରାଜ୍ୟର ବାଳିକାମାନଙ୍କୁ ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ବିଶେଷ ଗୁରୁତ୍ୱ ଦେଇ ଆମେ ରାଜ୍ୟର ସମସ୍ତ ହାଇସ୍କୁଲରେ ଏଆଇ ଏବଂ ଡିଜିଟାଲ୍ ଟେକ୍ନୋଲୋଜି ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ବିଜ୍ଞାନ, ଟେକ୍ନୋଲୋଜି, ଇଂଜିନିୟରିଂ ଓ ଗଣିତ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବୁ ।

# ଆମ ଗ୍ୟାରେଣ୍ଟି

5T ନବୀନ ଗ୍ୟାରେଣ୍ଟି

### ୪. କାର୍ଯ୍ୟରତ ମହିଳା ଏବଂ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ:

- ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷୁଦ୍ର ଋଣ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଗଠନ କରାଯିବ ।
- କର୍ମ କ୍ଷେତ୍ରରେ ଶିଶୁ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ । କର୍ମଜୀବୀ ମହିଳାଙ୍କ ପାଇଁ ୫୦୦ଟି ସୁଲଭ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା ହେବ । ଶିଳ୍ପ-ବ୍ୟବସାୟିକ ପ୍ରତିଷ୍ଠାନ ନିକଟରେ କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ୍ ସୁବିଧା କରାଯିବ ।
- ମହିଳା-ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଏବଂ ବ୍ୟବସାୟକୁ ସମର୍ଥନ କରିବା ଏବଂ ୨୦୩୦ ସୁଦ୍ଧା କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ହାରକୁ ୧୦% ବୃଦ୍ଧି କରିବା ଲକ୍ଷ୍ୟରେ ଆମେ ଉଦ୍ୟୋଗ ଏବଂ ନବସୃଜନ ହବ୍ ପ୍ରତିଷ୍ଠା କରିବୁ ।

### ୫. ମହିଳାମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବୁ:

- ତୃଣମୂଳସ୍ତରରେ ଥିବା ମହିଳା କର୍ମୀ ଯଥା: ଆଶା, ଅଙ୍ଗନବାଡ଼ି ଓ ଗୋଷ୍ଠୀ ସହାୟିକାମାନଙ୍କୁ ସାମାଜିକ ସୁରକ୍ଷା ପେନସନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବୁ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଜାରି ରହିବା ସହ ଏହାର ଆହୁରି ବିସ୍ତାର କରାଯିବ । ୪୦ ବର୍ଷରୁ ଅଧିକ ବୟସର ମହିଳାମାନେ ସାଧାରଣତଃ ଦେଖାଦେଉଥିବା ସ୍ତନ ଓ ଗର୍ଭାଶୟ କର୍କଟ ପରି ପ୍ରଜନନାଙ୍ଗ କର୍କଟ ସ୍କ୍ରିନିଂ ଆଦି ଚିକିତ୍ସାର ସୁବିଧା ପାଇବେ ।
- ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ମାଗଣା ଟିକା, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇବା ବ୍ୟତୀତ ମମତା ଯୋଜନା ଅଧୀନରେ ଥିବା ମା'ମାନଙ୍କୁ ୧୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ ଜାରି ରହିବ ।
- ସମସ୍ତ ଜିଲ୍ଲା ଡାକ୍ତରଖାନାରେ ମମତା ସୁପର ସ୍ପେଶାଲିଟି ବିଭାଗ ଖୋଲାଯିବା ସହ ବିଶେଷଜ୍ଞ ନିଯୁକ୍ତି ଏବଂ ନବଜାତ, ପ୍ରସୂତି ଏବଂ ସର୍ଜିକାଲ୍ ସେବା ପାଇଁ ଉତ୍ସର୍ଗୀକୃତ ଆଇସିୟୁ ବ୍ୟବସ୍ଥା କରାଯିବ ।
- 'ଖୁସି' ଯୋଜନାରେ ସମସ୍ତ ସ୍କୁଲ ଓ କଲେଜକୁ ସାନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନ୍ ପ୍ରଦାନ କରାଯିବ ।
- ସମସ୍ତ ବିଧବା, ନିରାଶ୍ରୟ, ଛାଡ଼ପତ୍ର ପାଇଥିବା ମହିଳା, ଅବିବାହିତ ମହିଳା (୩୦ ବର୍ଷ ବୟସରୁ ଅଧିକ) ଙ୍କୁ ସାମାଜିକ ସୁରକ୍ଷା ପେନସନ୍ ଯୋଜନାରେ ସାମିଲ କରାଯିବ ।

### ୬. ମହିଳା ସଶକ୍ତିକରଣ ପଦକ୍ଷେପ:

- ଗତିଶୀଳତା ହିଁ ସଶକ୍ତିକରଣ: ଉପଯୁକ୍ତ ବୟସ ବର୍ଗର ମହିଳାମାନେ ସାଇକେଲ, ସ୍କୁଟି ଏବଂ ସୁଲଭ ପରିବହନ (ଲକ୍ଷ୍ମୀ ବସରେ ମାତ୍ର ୫ ଟଙ୍କାରେ ଯାତ୍ରା) ଯୋଗାଣ ମାଧ୍ୟମରେ ମହିଳାମାନେ ସଶକ୍ତ ହେବା ନେଇ ସୁନିଶ୍ଚିତ କରିବୁ ।
- ବାଳିକା ଏବଂ ମହିଳାଙ୍କ ପାଇଁ କ୍ରୀଡା କାର୍ଯ୍ୟକ୍ରମ ସାରା ରାଜ୍ୟରେ ଆହୁରି ବ୍ୟାପକ ହେବ ।
- ବିଶେଷକରି ସରକାରୀ କାର୍ଯ୍ୟାଳୟ, କୋର୍ଟ, ବସ୍ ଷ୍ଟାଣ୍ଡ, ରାଜପଥ ଏବଂ ଧାର୍ମିକ ଅନୁଷ୍ଠାନରେ ମହିଳାମାନଙ୍କ ପାଇଁ ପାନୀୟଜଳ, ଶୌଚାଳୟର ଉପଲବ୍ଧତା ସୁନିଶ୍ଚିତ କରିବୁ ।
- ମହିଳାଙ୍କ ସୁରକ୍ଷା ବିଜେଡିର ପ୍ରାଥମିକତା । ଆମର ଝିଅ ଏବଂ ମହିଳାଙ୍କ ସୁରକ୍ଷାକୁ ବଢାଇବା ପାଇଁ ବିଶ୍ୱର ସର୍ବୋତ୍ତମ ବ୍ୟବସ୍ଥାକୁ ଗ୍ରହଣ କରିବା ସମ୍ପର୍କରେ ପରାମର୍ଶ ଦେବା ପାଇଁ ଏକ ବିଶେଷଜ୍ଞ ପ୍ୟାନେଲ୍ ଗଠନ କରାଯିବ । ଭାରତରେ ମହିଳାମାନଙ୍କ ପାଇଁ ଓଡ଼ିଶାକୁ ସବୁଠାରୁ ସୁରକ୍ଷିତ ସ୍ଥାନ କରିବାକୁ ଆମେ କାର୍ଯ୍ୟ ଜାରି ରଖିବୁ ।

# କୃଷକଙ୍କ ଓଡ଼ିଶା

## ନବୀନ ଓଡ଼ିଶା



# ଆମ ଗ୍ୟାରେଣ୍ଟି

5T ନବୀନ ଗ୍ୟାରେଣ୍ଟି

"ନବୀନ ଓଡ଼ିଶା" ରେ କୃଷକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । "ନବୀନ ଓଡ଼ିଶା" ରେ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶ ହେବା ସହ ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ କୃଷି ରାଜ୍ୟରେ ପରିଣତ କରିବ । କୃଷକମାନଙ୍କୁ ସଶକ୍ତିକରଣ ଏବଂ ପରିବର୍ତ୍ତନ ପ୍ରକ୍ରିୟାରେ ଅଂଶୀଦାର କରିବା ଦ୍ୱାରା ହିଁ ଏହା ହାସଲ କରିହେବ । ଜଳସେଚନ ସମ୍ପ୍ରସାରଣ ସେବା, ଅମଳ ଓ କ୍ରୟରେ ସ୍ୱଚ୍ଛତା ଭଳି କୃଷି ସହାୟତା ବ୍ୟବସ୍ଥା ମଧ୍ୟ ମଜଭୁତ ହେବ ।

୧. **କାଳିଆ ଯୋଜନା:** କ୍ଷୁଦ୍ର, ନାମମାତ୍ର ତଥା ଭୂମିହୀନ ଚାଷୀଭାଇଙ୍କ ପାଇଁ କାଳିଆ ଯୋଜନା କାର୍ଯ୍ୟକାରିତାକୁ ଆହୁରି ମଜଭୁତ କରିବୁ । ଏହି ଯୋଜନା ଅଧୀନରେ ଆର୍ଥିକ ସହାୟତା ସହ ଅନ୍ୟ ସୁବିଧା ଉପଲବ୍ଧ କରିବା ଜାରି ରଖିବୁ ।

୨. **ଚାଷୀମାନଙ୍କୁ ବିନା ସୁଧରେ ଋଣ:** ଚାଷୀଭାଇମାନଙ୍କୁ ବିନା ସୁଧରେ ଦିଆଯାଉଥିବା ଋଣକୁ ୧ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବୁ । ଅଧିକରୁ ଅଧିକ ସଂଖ୍ୟାରେ ଚାଷୀ ଏହି ଋଣ ସୁବିଧା ପାଇବା ସହ ଚାଷକ୍ଷେତ୍ରରେ ଏହାକୁ ଉପଯୋଗ କରିବା ନେଇ ସୁନିଶ୍ଚିତ କରିବୁ । କୃଷି ଉପକରଣ କ୍ରୟ ଲାଗି ମିଳୁଥିବା ରିହାତିରେ ପ୍ରୋତ୍ସାହନ ଦିଆଯିବ ।

୩. **ଫସଲବୀମାକୁ ମଜଭୁତ କରାଯିବ:** ବୀମା କମ୍ପାନୀଗୁଡିକ ସହିତ ସମନ୍ୱୟ ରକ୍ଷା କରି କୃଷକମାନଙ୍କୁ ପ୍ରାକୃତିକ ଆପଦରୁ ସୁରକ୍ଷା କରିବା ଏବଂ ଠିକ ସମୟରେ ସଠିକ୍ ମୂଲ୍ୟାଙ୍କନ କରି ବୀମା ରାଶି ପ୍ରଦାନ କରିବା ପ୍ରକ୍ରିୟାକୁ ସୁଗମ କରିବା ନେଇ ସୁନିଶ୍ଚିତ କରିବୁ ।

୪. **ସର୍ବନିମ୍ନ ସହାୟକ ମୂଲ୍ୟ (MSP):** ଆମେ ଭାରତ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବାକୁ କାର୍ଯ୍ୟ କରିବୁ । ଏହା ସହ ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ମାଧ୍ୟମରେ କ୍ରୟ ପ୍ରକ୍ରିୟା ଆହୁରି ମଜଭୁତ କରିବାକୁ ଆମେ ସୁନିଶ୍ଚିତ କରିବୁ ।

୫. **ଚାଷୀ ପରିବାର ପାଇଁ ସାମାଜିକ ସୁରକ୍ଷା ମଜଭୁତ କରିବା:** କୃଷକ ପରିବାରମାନଙ୍କ ପାଇଁ ମଜଭୁତ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବୁ, ଯାହାଦ୍ୱାରା ପିଲାମାନଙ୍କର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମସ୍ୟାର ଖର୍ଚ୍ଚଭାର ସରକାର ଉଠାଇବେ । ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ସ୍କୁଲରେ ପିଲାମାନଙ୍କର ମାଗଣା ଗୁଣାତ୍ମକ ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି, ବିଏସକେୱାଇ ଯୋଜନାରେ ସମସ୍ତ କୃଷକ ପରିବାରର ସ୍ୱାସ୍ଥ୍ୟସେବା କଭରେଜ୍ ଏବଂ କୃଷକ ପରିବାରର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଦ୍ଧକ୍ୟ ପେନସନ୍ ଯୋଗାଇ ଦିଆଯିବ । ଝିଅ ବିବାହ ପାଇଁ ଚାଷୀ ପରିବାରଙ୍କୁ ୨୫,୦୦୦ ଟଙ୍କାର ସହାୟତା ମିଳିବ ।

୬. **ଫସଲ ବିବିଧକରଣକୁ ପ୍ରୋତ୍ସାହନ:** ଆମେ ଫସଲ ବିବିଧକରଣ ପାଇଁ ପ୍ରୋତ୍ସାହନ, ମୂଲ୍ୟ ସହାୟତା, ତାଲିମ କାର୍ଯ୍ୟକ୍ରମ, ସମ୍ପ୍ରସାରଣ ସେବା ଇତ୍ୟାଦି ପାଇଁ ସହାୟତା ପ୍ରଣାଳୀକୁ ଆହୁରି ମଜବୁତ ଏବଂ ବିସ୍ତାରିତ କରିବୁ ।

୭. ମିଲେଟ୍ସ **ମିଶନକୁ ଆହୁରି ସୁଦୃଢ଼ କରାଯିବ:** ଓଡ଼ିଶାର ମିଲେଟ ମିଶନର ସଫଳତା ପାଇଁ କାର୍ଯ୍ୟ କରିବୁ ଏବଂ କାର୍ଯ୍ୟକ୍ରମକୁ ବିସ୍ତାରିତ କରିବୁ । ଏକାଧିକ ସ୍ୱାସ୍ଥ୍ୟ ସୁବିଧା ସହିତ ଜଳବାୟୁ ଅନୁକୂଳ ଖାଦ୍ୟ ଭାବରେ ଆମେ ସକ୍ରିୟ ଭାବରେ ମିଲେଟକୁ ପ୍ରୋତ୍ସାହିତ କରିବୁ । ଆମେ କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନଙ୍କ ଉପରେ ବିଶେଷ କରି ମିଲେଟ ଉତ୍ପାଦନ ଏବଂ କ୍ରୟ ପାଇଁ ଆଦିବାସୀ ଅଞ୍ଚଳ ଉପରେ ଧ୍ୟାନ ଦେବୁ ।

୮. **ଉଦ୍ୟାନ କୃଷି ଏବଂ ପନିପରିବା ଉତ୍ପାଦନ:** ଓଡ଼ିଶା ପାଇଁ ଉପଯୁକ୍ତ ଉଦ୍ୟାନ କୃଷି ଏବଂ ପନିପରିବା ଉତ୍ପାଦନକୁ ପ୍ରୋତ୍ସାହନ ଏବଂ ସମର୍ଥନ ଦେବୁ । ବେସରକାରୀ ଏବଂ କମ୍ୟୁନିଟି ସଙ୍ଗଠନ ସହଭାଗୀତାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ । କୋରାପୁଟ କଫି ପରି ପ୍ରତିଷ୍ଠିତ ବ୍ରାଣ୍ଡଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦିଆଯିବ ।

୯. **ପ୍ରାକୃତିକ ଚାଷ ଉପରେ ଧ୍ୟାନ:** ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବା ଉପରେ ଆମର ବିଶେଷ ଧ୍ୟାନ ରହିବ ଏବଂ ପରିବେଶ ଅନୁକୂଳ ତଥା ଜଳବାୟୁ-ସ୍ଥିର ଚାଷ ଅଭ୍ୟାସ ପାଇଁ ଆବଶ୍ୟକ ସହାୟତା ପ୍ରଣାଳୀ ଏବଂ ତାଲିମ ପ୍ରଦାନ କରାଯିବ ।

# ଆମ ଗ୍ୟାରେଣ୍ଟି



**୧୦. ଜଳସେଚନ ସୁବିଧାର ବିସ୍ତାର:** ଆମେ ଜଳସମ୍ପଦ ବିକାଶରେ ବିପୁଳ ପୁଞ୍ଜି ବିନିଯୋଗ କରିବୁ । ସମସ୍ତ ଜଳସେଚନ ପ୍ରକଳ୍ପ, ପ୍ରମୁଖ ପ୍ରକଳ୍ପଗୁଡିକ ସମୟସୀମା ମଧ୍ୟରେ ଶେଷ ହେବାନେଇ ସୁନିଶ୍ଚିତ କରିବୁ । ଆସନ୍ତା ୧୦ ବର୍ଷରେ ୨୦ ଲକ୍ଷ ଏକର ଜମିକୁ ଜଳସେଚନ କରିବା ନେଇ ଲକ୍ଷ୍ୟ ରଖିଛୁ । ଦକ୍ଷ ଜଳ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଆମେ ଅତ୍ୟାଧୁନିକ ଜ୍ଞାନ କୌଶଳ, ତାଲିମ ପ୍ରୋଗ୍ରାମ ଏବଂ ମନିଟରିଂ ସିଷ୍ଟମରେ ବିନିଯୋଗ କରିବୁ ।

**୧୧. କୃଷି ସମ୍ପ୍ରସାରଣ ସେବାକୁ ମଜଭୁତ କରାଯିବ:** ଓଡ଼ିଶାରେ କୃଷି ସମ୍ପ୍ରସାରଣ ସେବାକୁ ଆହୁରି ମଜଭୁତ କରି କୃଷକମାନଙ୍କୁ ସଶକ୍ତିକରଣ କରାଯିବ । ସର୍ବୋତ୍ତମ ଏବଂ ସମୟାନୁବର୍ତ୍ତୀ ସମ୍ପ୍ରସାରଣ ସେବା ଯୋଗାଇବା ପାଇଁ ଆମେ ବେସରକାରୀ ଏବଂ କମ୍ୟୁନିଟି ସଂଗଠନ ସହ ସହଭାଗିତାରେ କାର୍ଯ୍ୟ କରିବୁ । ସମସ୍ତ ସେବାଗୁଡିକ କୃଷକକୈନ୍ଦ୍ରିକ ହେବ ଏବଂ ଉତ୍ସଗୁଡିକୁ ଅନୁକୂଳ କରିବା ଲାଗି ଟେକ୍ନୋଲୋଜି ଏବଂ ତାଲିମ ପ୍ରୋଗ୍ରାମର ବ୍ୟାପକ ବ୍ୟବହାର କରାଯିବ ।

**୧୨. ଅପଚୟ ଏବଂ ଖାଦ୍ୟ ପ୍ରକ୍ରିୟାକରଣକୁ ହ୍ରାସ କରିବା ପାଇଁ ଏକୀକୃତ ଯୋଜନା:** ସଂରକ୍ଷଣ ସୁବିଧା, ଗ୍ରେଡିଂ ଏବଂ ସର୍ଟିଂ ୟୁନିଟ୍, ଶୀତଳ ଭଣ୍ଡାର ସୁବିଧା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ନେଟୱାର୍କ ମାଧ୍ୟମରେ କୃଷିଜାତ ଦ୍ରବ୍ୟର ଅପଚୟକୁ ହ୍ରାସ କରିବାକୁ ଆମେ ଏକୀକୃତ ଯୋଜନା ସୁନିଶ୍ଚିତ କରିବୁ । କୃଷକମାନଙ୍କୁ ସେମାନଙ୍କର କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବାରେ ସକ୍ଷମ କରିବାକୁ ଆମେ ଏହି କ୍ଷେତ୍ରରେ ବ୍ୟକ୍ତିଗତ ସହଭାଗୀତା ଏବଂ ବିନିଯୋଗକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବୁ ।

**୧୩. ସମବାୟ ବ୍ୟାଙ୍କ ଏବଂ ପାକ୍ସ କୁ ମଜଭୁତ କରାଯିବ:** ଆମେ ସମବାୟ ବ୍ୟାଙ୍କ ଏବଂ ପାକ୍ସର ନେଟୱାର୍କକୁ ଆହୁରି ମଜଭୁତ କରିବୁ । ଫଳରେ କୃଷକମାନେ ଠିକ ସମୟରେ, ସ୍ୱଚ୍ଛତା ସହ ସେବା ପାଇପାରିବେ ।

**୧୪. ଆନୁଷଙ୍ଗିକ କ୍ଷେତ୍ରଗୁଡିକ ଉପରେ ଧ୍ୟାନ ଦିଆଯିବ:** ଗୋପାଳନ, କୁକୁଡ଼ାପାଳନ, ମତ୍ସ୍ୟପାଳନ, ଉଦ୍ୟାନ କୃଷି ଇତ୍ୟାଦି ସହିତ ଜଡ଼ିତ ଚାଷ ପାଇଁ ଆମେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବୁ । ଆମେ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ବିବିଧକରଣ ଦିଗରେ କୃଷକମାନଙ୍କୁ ପ୍ରୋତ୍ସାହିତ କରିବୁ ।

**୧୫. ଚାଷୀ ପରିବାର ପାଇଁ ମାଗଣା ବିଜୁଳି:** ଚାଷୀଙ୍କ ପାଇଁ ମାଗଣା ବିଜୁଳି ଉପଲବ୍ଧ ହେବ । ପମ୍ପସେଟ୍ ପରି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିବା ପାଖାପାଖି ୧.୬୬ ଲକ୍ଷ ଚାଷୀ, ବିଶେଷକରି ପଶ୍ଚିମ ଓଡ଼ିଶାର ଚାଷୀ ପାଇଁ ବେଶ୍ ଲାଭଦାୟକ ହେବ ।

**୧୬. ମତ୍ସ୍ୟଚାଷୀଙ୍କ ପାଇଁ ସହାୟତା:** ମାଛଧରା ନିଷେଧ ସମୟରେ ମତ୍ସ୍ୟଜୀବୀଙ୍କ ପାଇଁ ବାର୍ଷିକ ୧୫ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ । କାଳିଆ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ଦିଗରେ ପଦକ୍ଷେପ ନିଆଯିବ ।

**୧୭. ମଣ୍ଡିଗୁଡ଼ିକର ଆଧୁନିକୀକରଣ:** ଚାଷୀମାନଙ୍କ ପାଇଁ ମଣ୍ଡିଗୁଡ଼ିକରେ ଅତ୍ୟାଧୁନିକ ଷ୍ଟୋରେଜ୍ ସୁବିଧା ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ ।

**୧୮. ବିବାହ ସହାୟତା:** ଝିଅ ବିବାହ ପାଇଁ ଚାଷୀ ପରିବାରଙ୍କୁ ୨୫,୦୦୦ ଟଙ୍କାର ସହାୟତା ମିଳିବ ।





# ଶ୍ରମିକର ଓଡ଼ିଶା

**ନବୀନ ଓଡ଼ିଶା**

# ଆମ ଗ୍ୟାରେଣ୍ଟି



ଶ୍ରମିକମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ । ସେମାନେ ସମାଜ ନିର୍ମାଣରେ ବିପୁଳ ଯୋଗଦାନ ଦେଇଥାନ୍ତି । ଯେହେତୁ ଆମ ରାଜ୍ୟରେ ଶିଳ୍ପାୟନ ଏବଂ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି, ଶ୍ରମିକମାନେ ଭବିଷ୍ୟତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସେହିଭଳି, ରାସ୍ତାକଡ଼ ବିକ୍ରେତା ଏବଂ ଡ୍ରାଇଭର ମାନେ ମଧ ଆମର ସାମାଜିକ ବିଧି ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଆଗାମୀ ଦଶନ୍ଧିରେ ଆମେ ଏହି ଶ୍ରମିକମାନଙ୍କ ଦକ୍ଷତା ଏବଂ ଅଭିଜ୍ଞତାକୁ ଉପଯୋଗ କରି 'ନବୀନ ଓଡ଼ିଶା "ନିର୍ମାଣ କରିବୁ । ତେଣୁ, ଏହି ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଆମେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତିବଦ୍ଧ ।

### ୧. ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପାଇଁ ପଦକ୍ଷେପ:

ମହିଳା ଶ୍ରମିକଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠି ଦୁଇଗୁଣ ହେବ । ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ମାଧମରେ ଶ୍ରମିକଙ୍କ ବିକାଶ ପାଇଁ ଆମେ ଅନେକ ପଦକ୍ଷେପ ନେବୁ, ଯେଉଁଥିରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ ହେବ:

- ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ।
- ଆଣସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ମୃତ୍ୟୁ ବାବଦରେ ପରିବାରକୁ ରେ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ।
- ଶ୍ରମିକ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ କନ୍ୟା ସନ୍ତାନଙ୍କ ବିବାହ ପାଇଁ ଆର୍ଥିକ ସହାୟତା ।
- ମହିଳା ଶ୍ରମିକଙ୍କୁ ମାତୃତ୍ୱ ଜନିତ ଆର୍ଥିକ ତଥା ସ୍ୱାସ୍ଥ୍ୟସେବା ସୁବିଧା ।
- ବିଏସକେୱାଇ ଅଧୀନରେ ମହିଳା ନିର୍ମାଣ ଶ୍ରମିକଙ୍କୁ ସାମିଲ କରାଯିବ ।
- ଶିଳ୍ପ-ବ୍ୟବସାୟିକ ପ୍ରତିଷ୍ଠାନ ନିକଟରେ ୫୦୦ଟି ସୁଲଭ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା ।

### ୨. ରାସ୍ତାକଡ଼ ବିକ୍ରେତାମାନଙ୍କ ପାଇଁ ପଦକ୍ଷେପ:

- ଆମେ ରାଜ୍ୟରେ ରାସ୍ତାକଡ଼ ବିକ୍ରେତାମାନଙ୍କୁ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇଁ ଋଣ ସୁବିଧା ପ୍ରଦାନ କରିବୁ ।
- ସହରାଞ୍ଚଳ, ପ୍ରମୁଖ ସହର ଏବଂ ଅଞ୍ଚଳମାନଙ୍କରେ ଉଠାଦୋକାନୀଙ୍କ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ ସହ ବିନା ପ୍ରତିବନ୍ଧକରେ ବ୍ୟବସାୟ ସୁବିଧା କରାଯିବ ।
- ଉଠା ଦୋକାନୀଙ୍କ ପଞ୍ଜିକରଣ ସହ ପରିଚୟପତ୍ର ପ୍ରଦାନ ବ୍ୟବସ୍ଥା ହେବ ।

### ୩. ଡ୍ରାଇଭରମାନଙ୍କ ପାଇଁ ପଦକ୍ଷେପ:

- ରାଜ୍ୟରେ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ରାଜପଥ କଡ଼ରେ ଆନୁଷଙ୍ଗିକ ସୁବିଧା ଥିବା ବିଶ୍ରାମାଗାର ନିର୍ମାଣ କରିବୁ ।
- ଅଟୋ, ଟ୍ୟାକ୍ସି, ଟ୍ରକ୍ ଏବଂ ଅନ୍ୟାନ୍ୟ ଡ୍ରାଇଭରମାନଙ୍କ ପାଇଁ ବିକାଶମୂଳକ ପଦକ୍ଷେପ ନିଆଯିବ ।
- ଅଟୋ ରିକ୍ସା ଚାଳକମାନଙ୍କୁ ଇ-ରିକ୍ସା ବ୍ୟବହାର ନିମିତ୍ତ ବନ୍ଧକମୁକ୍ତ ଋଣ ପ୍ରଦାନ କରାଯିବ ।

### ୪. ଶ୍ରମିକମାନଙ୍କର ପଞ୍ଜିକରଣ

- ଧାର୍ଯ୍ୟଲକ୍ଷ୍ୟ ସୁବିଧା ଯୋଗାଇବା ପାଇଁ ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କର ପଞ୍ଜୀକରଣ ପର୍ଯ୍ୟାୟକ୍ରମେ ଜାରି ରହିବ ।





# ସଭିଙ୍କ ବିକାଶର ଭରସା

## ନବୀନ ଓଡ଼ିଶା

# ଆମ ଗ୍ୟାରେଣ୍ଟି



"ନବୀନ ଓଡ଼ିଶା" ଏପରି ଏକ ରାଜ୍ୟର ପ୍ରତୀକ ହେବ ଯେଉଁଠାରେ ସମାଜର ପ୍ରତ୍ୟେକ ବର୍ଗ - ସେ ଆଦିବାସୀ ହୁଅନ୍ତୁ, ଅନୁସୂଚିତ ଜାତି ହୁଅନ୍ତୁ, ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତି ହୁଅନ୍ତୁ କିମ୍ବା ଅନ୍ୟ କୌଣସି ଅବହେଳିତ ସମ୍ପ୍ରଦାୟର ହୁଅନ୍ତୁ ସମସ୍ତେ ଏକ ସୁସ୍ଥ, ସମୃଦ୍ଧ ଏବଂ ମର୍ଯ୍ୟାଦାଜନକ ଜୀବନ ଅନୁଭବ କରିବେ । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ, ଆମେ ସମାଜର ଅବହେଳିତ ବର୍ଗଙ୍କ ଉତ୍ଥାନ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିବୁ ।

## ୧. ସ୍ୱତନ୍ତ୍ର ବିକାଶ ପରିଷଦ ଜରିଆରେ ଆଦିବାସୀ ସଂସ୍କୃତି ଓ ଭାଷାକୁ ପ୍ରୋତ୍ସାହନ

- ପରିଷଦର ପରାମର୍ଶ ଆଧାରରେ ବିକାଶମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବ୍ୟୟବରାଦକୁ ଦ୍ୱିଗୁଣିତ କରିବୁ ।
- ରାଜ୍ୟର ବିକାଶରେ ଆଦିବାସୀ ସମ୍ପ୍ରଦାୟର ଅବଦାନକୁ ସ୍ୱୀକୃତି ଦିଆଯିବା ସହ ରାଜ୍ୟର ଆଦିବାସୀ ଆଇକନ୍ ମାନଙ୍କୁ ସମ୍ମାନିତ କରାଯିବ ।
- ଶିକ୍ଷା, ଗବେଷଣା ଏବଂ ଡିଜିଟାଲ ମାଧ୍ୟମରେ ଆଦିବାସୀ ଭାଷା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ ।
- ରାଜ୍ୟରେ ୨ଟି ଆଦିବାସୀ ସଂଗ୍ରହାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ ।
- ଜନଜାତି ଭାଷା କମିଶନକୁ ଆହୁରି ସୁଦୃଢ଼ କରାଯିବ ।

**୨. ଆଦିବାସୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏବଂ ଉପଯୁକ୍ତ ପୋଷଣ:** ପ୍ରାଥମିକତା ଭିତ୍ତିରେ ଆଦିବାସୀ ଅଞ୍ଚଳରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ ପାଇଁ ଆମେ ପଦକ୍ଷେପ ଗ୍ରହଣ କରିବୁ ।

## ୩. କ୍ଷୁଦ୍ର ଜଙ୍ଗଲ ଉତ୍ପାଦ ପାଇଁ ସହାୟତା

- କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଏବଂ ଏହାର ବଜାରୀକରଣ ପାଇଁ ଆମେ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବୁ ।
- କେନ୍ଦୁପତ୍ର ବିଡ଼ା ପିଛା ଦର ୨ ଟଙ୍କାକୁ ବୃଦ୍ଧି କରାଯିବା ସହ ତୋଳାଳିଙ୍କ ପାଇଁ ୫୦ ପ୍ରତିଶତ ଓ ବନ୍ଧାଳିଙ୍କ ପାଇଁ ୧୦ ପ୍ରତିଶତ ବୋନସ୍ ଯୋଗାଇଦିଆଯିବ ।
- କେନ୍ଦୁପତ୍ର ତୋଳାଳିଙ୍କୁ ଜୀବନ ବୀମା ସୁବିଧା ପ୍ରଦାନ ସହ ବିଏସକେୱାଇରେ ସାମିଲ କରାଯିବ ।
- ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍. ଏସ୍. ପି.) ରେ କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ କ୍ରୟ ଜାରି ରଖିବା ସହ କଳାବଜାରିକୁ ରୋକାଯିବ ।
- କ୍ଷୁଦ୍ର ଜଙ୍ଗଲ ଉତ୍ପାଦର ପ୍ରକ୍ରିୟାକରଣ ଏବଂ ସଂଯୋଜନକୁ ପ୍ରୋତ୍ସାହିତ କରିବା ପାଇଁ ଲାଭ ଯୋଜନା ଜାରି ରଖିବୁ ।

## ୪. ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା:

- ଆଶ୍ରମ ସ୍କୁଲଗୁଡ଼ିକୁ 5T ଅଧୀନକୁ ଆଣି ଏହାର ବିକାଶ କରାଯାଇ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରାଯିବ ।
- ଆବାସିକ ବିଦ୍ୟାଳୟଗୁଡ଼ିକର ହଷ୍ଟେଲ୍ ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯିବ ।
- ସରକାରୀ ସ୍କୁଲର ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପରେ ସେମାନଙ୍କର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।
- ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବାପାଇଁ ଆଶାୟୀ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା କୋଚିଂ ଏବଂ ମାଗଣା ରହଣି ସୁବିଧା ସହ ଅନୁସୂଚିତ ଜନଜାତିବହୁଳ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟରେ କୋଚିଂ ଏକାଡେମୀ ତଥା ଛାତ୍ରାବାସ ପ୍ରତିଷ୍ଠା କରାଯିବ ।
- ଆଦିବାସୀ ଯୁବକମାନଙ୍କୁ ଛାତ୍ରାବାସ ସୁବିଧା ସହିତ ମାଗଣାରେ ଦକ୍ଷତା ତାଲିମ ପ୍ରଦାନ କରିବା ଜାରି ରହିବ ଏବଂ ସେମାନଙ୍କୁ ନିଯୁକ୍ତି ପାଇବାରେ କିମ୍ବା ସେମାନଙ୍କର ଲଘୁ ଉଦ୍ୟୋଗ ଆରମ୍ଭ କରିବାରେ ସାହାଯ୍ୟ କରାଯିବ ।

### ୫. ଆଦିବାସୀ ଏବଂ ଅନ୍ୟାନ୍ୟ ଅବହେଳିତ ସମ୍ପ୍ରଦାୟ ପାଇଁ ନିଯୁକ୍ତି ସୁଯୋଗ

- ପ୍ରଶିକ୍ଷଣ, ଦକ୍ଷତା ବିକାଶ ଏବଂ ବିକ୍ରି ପାଇଁ ଅନୁସୂଚିତ ଜନଜାତି ବ୍ଲକରେ କ୍ଷୁଦ୍ର ଜଙ୍ଗଲ ଉତ୍ପାଦ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ।
- ଆଦିବାସୀ ଅଞ୍ଚଳରେ କ୍ଲଷ୍ଟର-ଆଧାରିତ ଚାଷକୁ ପ୍ରୋତ୍ସାହନ ଏବଂ ଅଣ-କୃଷି ଜୀବିକା କାର୍ଯ୍ୟକଳାପର ବିକାଶ ମାଧ୍ୟମରେ ପରିବାରଗୁଡ଼ିକର ଆୟ ବୃଦ୍ଧି କରାଯିବ ।
- ଆଦିବାସୀ ଅଞ୍ଚଳରେ ଇକୋ-ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯିବା ସହିତ ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବଗୋଷ୍ଠୀଙ୍କ ମଧ୍ୟରେ ସ୍ୱରୋଜଗାର ବୃଦ୍ଧି କରିବା ପାଇଁ ୧୦ ହଜାର ଯୁବକଯୁବତୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇଦିଆଯିବ । ୧୦ ବର୍ଷ ମଧ୍ୟରେ ଏଥିରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ସେହିପରି ଜନଜାତି ଯୁବକଯୁବତୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଋଣ ଉପରେ ସୁଧଛାଡ଼ କରାଯାଇ ସେମାନଙ୍କୁ ଉଦ୍ୟୋଗୀ ହେବାକୁ ଅଧିକ ପ୍ରୋତ୍ସାହିତ କରାଯିବ ।
- ଜନଜାତିବର୍ଗଙ୍କ ପାଇଁ ଥିବା ସମସ୍ତ ସରକାରୀ ପଦବୀ ପୂରଣ କରାଯିବ ।



# ଆମ ଗ୍ୟାରେଣ୍ଟି



## ୬. ଅନୁସୂଚିତ ଜାତି:

ଆମ ରାଜ୍ୟର ଜନସଂଖ୍ୟାରେ ଅନୁସୂଚିତ ଜାତିଙ୍କର ଏକ ଉଲ୍ଲେଖନୀୟ ଅଂଶ ରହିଛି । ରାଜ୍ୟର ବିକାଶରେ ସେମାନେ ପ୍ରମୁଖ ଭାଗିଦାର । ତେଣୁ ସେମାନଙ୍କର ବିଶେଷ କରି ଯୁବଗୋଷ୍ଠୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁଯାଉଛୁ ।

- ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଯୋଗାଇ ଦିଆଯିବ ।
- ବ୍ୟବସାୟ ପ୍ରତିଷ୍ଠା ପାଇଁ ସେମାନଙ୍କୁ ସ୍ୱୟମ୍ ଯୋଜନା ଅଧୀନରେ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇ ଦିଆଯିବ ।
- ସ୍ୱରୋଜଗାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ୧୦ ହଜାର ଅନୁସୂଚିତ ଜାତି ଓ ଜନଜାତି ଯୁବବର୍ଗଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ । ଏଥିପାଇଁ ଆଗାମୀ ୧୦ ବର୍ଷରେ ୧ ହଜାର କୋଟି ବ୍ୟୟ କରାଯିବ । ସେହିପରି ସେମାନଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ପଦବୀ ପୂରଣ କରାଯିବ ।

## ୭. ଅନ୍ୟାନ୍ୟ ପଛୁଆବର୍ଗ:

ଆମ ରାଜ୍ୟର ଜନସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସଂଖ୍ୟା ଉଲ୍ଲେଖନୀୟ । ରାଜ୍ୟର ବିକାଶରେ ସେମାନଙ୍କ ପ୍ରମୁଖ ଯୋଗଦାନ ରହିଛି । ତେଣୁ ଏହି ବର୍ଗ ତଥା ଯୁବଗୋଷ୍ଠୀଙ୍କ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ସୁନିଶ୍ଚିତ କରାଯିବ ।

- ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ପ୍ରାଥମିକତା ଭିତ୍ତିରେ ଛାତ୍ରବୃତ୍ତି ଯୋଗାଇ ଦିଆଯିବ ।
- ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏବଂ ହଷ୍ଟେଲର ସ୍ୱତନ୍ତ୍ର ସୁବିଧା କରାଯିବ ।
- ଆମେ ପର୍ଯ୍ୟାୟକ୍ରମେ ସମୟାନୁଯାୟୀ ଏହି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ କରିବୁ ।
- ସ୍ୱୟମ୍ ଯୋଜନା ଅଧୀନରେ ଓବିସି ବର୍ଗର ଯୁବଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇ ଦିଆଯିବ ।
- ସାଧାରଣ ଜନଗଣନା ସହ ଓବିସି ଓ ଏସସିବିସି ଜନଗଣନା ଦ୍ୱାରା ପଛୁଆ ବର୍ଗଙ୍କ ପାଇଁ ନ୍ୟାୟସଙ୍ଗତ ସଂରକ୍ଷଣ ସୁନିଶ୍ଚିତ କରିବାକୁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜାରି ରଖିବୁ । ଏଥିପାଇଁ ଆବଶ୍ୟକୀୟ ଆଇନଗତ ଓ ବୈଧାନିକ ପଦକ୍ଷେପ ନେବାକୁ ମଧ ଦାବି ଜାରି ରଖିବୁ । ବିଜେଡି ଷ୍ଟେଟ୍ ସର୍ଭେ ଡାଟା ସମସ୍ତ ଫୋରମରେ ପ୍ରକାଶିତ କରିବ ।

## ୮. ସଂଖ୍ୟାଲଘୁ:

ବିଜୁ ଜନତା ଦଳ ସବୁବେଳେ ସମାଜର ସମନ୍ୱିତ ବିକାଶ ଦିଗରେ କାମ କରିଆସିଛି । ଏଥିପାଇଁ ସଂଖ୍ୟାଲଘୁମାନେ ମଧ ନିଜକୁ ସଶକ୍ତ ଓ ସୁରକ୍ଷିତ ଅନୁଭବ କରିଆସିଛନ୍ତି । ବିଜେଡି ସବୁବେଳେ ଏହି ଧାରାକୁ ବଜାୟ ରଖିବ ।

- ସଂଖ୍ୟାଲଘୁଙ୍କ ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ଆରାଧନାସ୍ଥଳୀଗୁଡ଼ିକୁ 5T ଅଧୀନରେ ହାତକୁ ନିଆଯାଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ବିକାଶ କରାଯିବ ।
- ସ୍ୱୟମ୍ ଯୋଜନା ଅଧୀନରେ ସଂଖ୍ୟାଲଘୁ ଯୁବଗୋଷ୍ଠୀଙ୍କ ମଧରେ ସ୍ୱରୋଜଗାର ବୃଦ୍ଧି ପାଇଁ ପ୍ରୋତ୍ସାହିତ କରାଯିବ ।



# ନବୀନ ଓଡ଼ିଶାର

## ଆଧାର

# ଦ୍ରୁତ ବିକାଶଶୀଳ ଅର୍ଥନୀତି



# ଆମ ଗ୍ୟାରେଣ୍ଟି

ଜାତୀୟ ହାର ତୁଳନାରେ ଓଡ଼ିଶା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ରାଜ୍ୟ ଭାବେ ଉଭା ହୋଇଛି । ଆମେ ଦ୍ରୁତ ଶିଳ୍ପାୟନ ପଥରେ ଅଛୁ ଏବଂ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶ ଆକୃଷ୍ଟ କରିବାରେ ଦ୍ୱିତୀୟ ସ୍ଥାନରେ ରହିଛୁ । 'ନବୀନ ଓଡ଼ିଶା "ର ଲକ୍ଷ୍ୟକୁ ସାକାର କରିବା ପାଇଁ ଶିଳ୍ପାୟନ ଏବଂ ନିବେଶ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ନିମନ୍ତେ ଆମର ସମ୍ପୂର୍ଣ୍ଣ ଚେଷ୍ଟା ରହିବ । ପରିକଳ୍ପିତ ବୃଦ୍ଧି ହାରକୁ ଦୀର୍ଘସ୍ଥାୟୀ କରିବା ନେଇ ସୁନିଶ୍ଚିତ କରିବୁ । ଏହି ଅଭିବୃଦ୍ଧିରୁ ସମୃଦ୍ଧି ସମଗ୍ର ରାଜ୍ୟର ସମସ୍ତ ବର୍ଗଙ୍କ ନିକଟରେ ସମାନ ଭାବରେ ପହଞ୍ଚିବା ନେଇ ମଧ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିବୁ ।

## ୧. ଦ୍ରୁତ ଗତିରେ ଆର୍ଥିକ ଅଭିବୃଦ୍ଧି

- ଜାତୀୟ ହାର ଠାରୁ ଓଡ଼ିଶା ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହୋଇ ରହିବା ନେଇ ଆମେ ସୁନିଶ୍ଚିତ କରିବୁ ।
- ଆର୍ଥିକ ଶୃଙ୍ଖଳା ଏବଂ ବିପୁଳ ପୁଞ୍ଜି ନିବେଶ ସହିତ ଅର୍ଥ ବ୍ୟବସ୍ଥାର ପରିଚାଳନା କରି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦିଆଯିବ ।
- ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିବା ଏବଂ ଦେଶର ସର୍ବୋତ୍ତମ ନୀତି ଏବଂ ପ୍ରୋତ୍ସାହନ ପ୍ରଦାନ କରିବୁ ।
- ଧାତବ ଏବଂ ଖଣିଜ ଭିତ୍ତିକ ଶିଳ୍ପ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ହବ୍ ଭାବରେ ମଜଭୁତ କରିବା ସହ ବିଭିନ୍ନ ଶିଳ୍ପରେ ଅର୍ଥବ୍ୟବସ୍ଥାର ବିବିଧକରଣ କରାଯିବ ।
- ଇଲେକ୍ଟ୍ରୋନିକ୍ ଉତ୍ପାଦନ କ୍ଷେତ୍ର ସମେତ ଆଇଟି ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ।
- ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ଦିଗରେ ସର୍ବୋତ୍ତମ ତାଲିମ କାର୍ଯ୍ୟକ୍ରମ କରିବା ସହ 'ସ୍କିଲ୍ଡ ଇନ୍ ଓଡ଼ିଶା "କୁ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରିବୁ ।
- ପର୍ଯଟନ ଭଳି ନିଯୁକ୍ତି ନିବିଡ଼ କ୍ଷେତ୍ରର ବିକାଶ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବୁ ।
- ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବା ସହ ଦେଶ ପାଇଁ ବିକାଶର ଏକ ସୁଦୃଢ଼ ଇଞ୍ଜିନ ବିକଶିତ କରିବୁ । ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି କେନ୍ଦ୍ର ଭାବେ ଓଡ଼ିଶାର ସାମର୍ଥ୍ୟକୁ ଆମେ ଉନ୍ମୁକ୍ତ କରିବୁ ।

## ୨. ଦ୍ରୁତ ଶିଳ୍ପାୟନ: ଓଡ଼ିଶା ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ଆକୃଷ୍ଟ କରିବା ଜାରି ରଖିବ ।

- ଓଡ଼ିଶା ଦେଶର ଦ୍ରୁତ ଗତିରେ ଶିଳ୍ପାୟନ ହେଉଥିବା ରାଜ୍ୟ ଭାବେ ଉଭା ହେବ ।
- ସମଗ୍ର ଭାରତ ଏବଂ ବିଶ୍ୱରୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ଭାରତର ସର୍ବୋତ୍ତମ ନୀତି ଢାଞ୍ଚା ଏବଂ ପ୍ରୋତ୍ସାହନ ବ୍ୟବସ୍ଥା କରାଯିବ । ଓଡ଼ିଶାରେ ଶିଳ୍ପ ନିବେଶ ସୁଯୋଗକୁ ଆମେ ସକ୍ରିୟ ଭାବେ ପ୍ରୋତ୍ସାହନ ଦେବୁ ଏବଂ ରାଜ୍ୟରେ ବ୍ୟାପକ ପୁଞ୍ଜି ନିବେଶ ନିମନ୍ତେ ପଦକ୍ଷେପ ନେବୁ ।
- 5Tର ନୀତି ମାଧ୍ୟମରେ ସର୍ବୋତ୍ତମ ଶାସନ ଢାଞ୍ଚା ପ୍ରଦାନ କରି "ବ୍ୟବସାୟର ସହଜତା" ଅଣାଯିବ ।
- ନୂଆ ଯୁଗର ଅର୍ଥନୀତି, ଯେପରିକି ଆଇଟି, ସେମିକଣ୍ଡକ୍ଟର ସର୍ଭିସ୍ ସେକ୍ଟର, ପର୍ଯ୍ୟଟନ ଓ ଚିକିତ୍ସା କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ ।
- ଶିଳ୍ପ ଗୁଡ଼ିକ ଜମି, ଜଳ, ବିଦ୍ୟୁତ୍ ଯୋଗାଣ, ସଡ଼କ, ରେଳପଥ, ବନ୍ଦର, ଉନ୍ନତ ମାନର କୁଶଳୀ ମାନବ ସମ୍ବଳ ଆଦି ଭଳି ସମସ୍ତ ସୁବିଧା ପାଇପାରିବେ ଏବଂ ପୁଞ୍ଜିନିବେଶ ପାଇଁ ଓଡ଼ିଶାକୁ ପ୍ରଥମ ପସନ୍ଦଯୋଗ୍ୟ କରିବା ଲାଗି ସରକାର ଉଦ୍ୟୋଗଗୁଡ଼ିକ ସହିତ ସକ୍ରିୟ ଭାବେ ସହଭାଗୀ ହେବେ ।
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେବା ସହ ରାଜ୍ୟର ଉଦ୍ୟୋଗୀମାନଙ୍କ ବିକାଶ ପାଇଁ ସର୍ବୋତ୍ତମ ନୀତିଗତ ଢାଞ୍ଚା ପ୍ରଦାନ କରାଯିବ ।

# ଆମ ଗ୍ୟାରେଣ୍ଟି



- ବିଜୁ ଏକ୍ସପ୍ରେସୱେ ସହିତ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ବିଜୁ ଅର୍ଥନୈତିକ କରିଡରର ବିକାଶ, ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ସୁବିଧା ସହିତ ସୁପରିକଳ୍ପିତ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବ ।
- ପାରାଦ୍ୱୀପ, ଧାମରା, ଗୋପାଳପୁର, ସୁବର୍ଣ୍ଣରେଖା ଏବଂ ଅନ୍ୟାନ୍ୟ ବନ୍ଦର ନିକଟରେ ବୃହତ ଶିଳ୍ପ କ୍ଷେତ୍ରର ବିକାଶ କରାଯିବ ଯାହାଦ୍ୱାରା ବନ୍ଦର ଭିତ୍ତିକ ଶିଳ୍ପ ଅଭିବୃଦ୍ଧି ସମ୍ଭବ ହୋଇପାରିବ ।
- ସମ୍ବଲପୁର ଏବଂ ପୁରୀ ଅଞ୍ଚଳରେ ଯୁଗପୋଯୋଗୀ ଅର୍ଥନୈତିକ ଉଦ୍ୟୋଗର ବିକାଶକୁ ପ୍ରାଥମିକତା ଦିଆଯିବ ।
- ପୋଷାକ ଶିଳ୍ପରେ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ସହାୟତା ପ୍ରଦାନ କରାଯିବ, ଯେଉଁଥିରେ ବିଶେଷ କରି ମହିଳାମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବାର ବିପୁଳ ସମ୍ଭାବନା ରହିଛି ।
- ସବୁଜ ହାଇଡ୍ରୋଜେନ୍, ସବୁଜ ଆମୋନିଆ ଇତ୍ୟାଦି ନୂତନ ଶିଳ୍ପ ପାଇଁ ଓଡ଼ିଶା ଏକ ହବ୍ ହେବ ।
- ଇଲେକ୍ଟ୍ରିକ୍ ଯାନ ଉତ୍ପାଦନରେ ଓଡ଼ିଶା ଅଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବ ।
- ଓଡ଼ିଶା ଔଷଧ ଏବଂ ଜୈବ ବିଜ୍ଞାନ କ୍ଷେତ୍ର ହବ୍ ରେ ପରିଣତ ହେବ ।
- କୃଷି ଭିତ୍ତିକ ଉଦ୍ୟୋଗ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଓଡ଼ିଶା ଆଡ଼କୁ ଆକୃଷ୍ଟ ହେଉଛନ୍ତି ଏବଂ ସେମାନଙ୍କୁ ସର୍ବୋତ୍ତମ ପ୍ରୋତ୍ସାହନ ଦିଆଯିବ ।
- ଓଡ଼ିଶାକୁ ଆସୁଥିବା ଉଦ୍ୟୋଗଗୁଡ଼ିକୁ ଅଧିକ ଦକ୍ଷ କରିବା ଦିଗରେ ପ୍ରାଥମିକତା ଦିଆଯିବ । ଆଧୁନିକ ଯୁଗର ଆବଶ୍ୟକତା ଅନୁଯାୟୀ ଗ୍ରୀନ୍ ଟେକ୍ନୋଲୋଜି, ସୁସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟସେବା, ଏଆଇ ସମ୍ବନ୍ଧୀୟ ଦକ୍ଷତା ଏବଂ ପର୍ଯ୍ୟଟନ ଆଦି ଦିଗରେ ଶିଳ୍ପକ୍ଷେତ୍ରର ଚାହିଦା ପୂରଣ ପାଇଁ ବୃତ୍ତିଗତ ଦକ୍ଷତା ବିକାଶ କରାଯିବ ।
- ରାଜ୍ୟରେ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତିର ବ୍ୟାପକ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶିଳ୍ପ ସଂସ୍ଥାନଗୁଡ଼ିକରେ ଦକ୍ଷତା ଅଡିଟ୍ କରାଯିବ ।

## ୩. ଓଡ଼ିଶା ଧାତୁ ଏବଂ ଖଣିଜ ଆଧାରିତ ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ହେବ

- ଓଡ଼ିଶାର ପ୍ରାକୃତିକ ସମ୍ବଳକୁ ଧାତୁ ଏବଂ ଖଣିଜ ଆଧାରିତ ଶିଳ୍ପ ଓ ନିମ୍ନଗାମୀ ଶିଳ୍ପର ନିରନ୍ତର ବିକାଶ ଦିଗରେ ସର୍ବୋତ୍ତମ ଭାବରେ ବ୍ୟବହାର କରି ଓଡ଼ିଶାକୁ ଏକ ପ୍ରମୁଖ ବିଶ୍ୱ ହବ୍ ଭାବରେ ଉଭା କରିବାକୁ ସୁନିଶ୍ଚିତ କରିବୁ ।
- ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍, ଜେଏସଡବ୍ଲ୍ୟୁ, ଟାଟା ଷ୍ଟିଲ୍ ଭଳି ବିଶ୍ୱ ସ୍ତରୀୟ ଇସ୍ପାତ ନିର୍ମାତାଙ୍କ ଦ୍ୱାରା ପୁଞ୍ଜି ବିନିଯୋଗକୁ ସୁନିଶ୍ଚିତ କରାଯିବା ସହ ଓଡ଼ିଶାକୁ ଏକ ପ୍ରମୁଖ ଇସ୍ପାତ ହବ୍ ଭାବରେ ପରିଣତ କରାଯିବ ।
- ବକ୍ସାଇଟ୍ ଏବଂ ଆଲୁମିନିୟମ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ ଉତ୍ପାଦନ କେନ୍ଦ୍ର ହେବ ।
- କଳିଙ୍ଗନଗର, ଝାରସୁଗୁଡ଼ା, ବଡବିଲ, ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ଇସ୍ପାତ ଆଧାରିତ ୟୁନିଟ ଏବଂ ଆଲୁମିନିୟମ ପାଇଁ ଡାଉନ ଷ୍ଟ୍ରିମ ପାର୍କର ବିକାଶ କରାଯିବ ।

## ୪. ଆଇ. ଟି. ଏବଂ ସେମିକଣ୍ଡକ୍ଟର ଉଦ୍ୟୋଗର ହବ ନିମନ୍ତେ ପଦକ୍ଷେପ

- ଭାରତ ତଥା ବିଶ୍ୱର ବୃହତ୍ କମ୍ପାନୀଗୁଡ଼ିକୁ ଆକୃଷ୍ଟ କରି ଭୁବନେଶ୍ୱରକୁ ଦେଶର ଆଇ. ଟି. ଅଭିବୃଦ୍ଧି ପାଇଁ ପରବର୍ତ୍ତୀ ଶ୍ରେଷ୍ଠ ଗନ୍ତବ୍ୟ ସ୍ଥଳରେ ପରିଣତ କରାଯିବ ।
- ରାଜ୍ୟରେ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି)/କେପିଓ/ବିପିଓ ପ୍ରତିଷ୍ଠା ଲାଗି ଆକୃଷ୍ଟ କରାଯିବ ।
- ସେମିକଣ୍ଡକ୍ଟର ଇକୋସିଷ୍ଟମ ସୃଷ୍ଟି କରିବା ଏବଂ ବୃହତ ସେମିକଣ୍ଡକ୍ଟର ଫେବ୍ରିକେସନ୍ ୟୁନିଟ ସ୍ଥାପନ କରିବାରେ ସାହାଯ୍ୟ କରିବା ସହିତ ଚିପ୍ ଡିଜାଇନ୍ ପାଇଁ ଇକୋସିଷ୍ଟମକୁ ମଜଭୁତ କରି ଓ-ଚିପ୍ ପ୍ରୋଗ୍ରାମ ବିସ୍ତାର କରାଯିବ ।

# ଆମ ଗ୍ୟାରେଣ୍ଟି


- ଡାଟା ସେଣ୍ଟର ବ୍ୟବସାୟ ପାଇଁ ଅନୁକୂଳ ନିବେଶ ଓ ପରିବେଶ ସୃଷ୍ଟି କରାଯିବ ।
- ରାଜ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇକୋସିଷ୍ଟମକୁ ବ୍ୟାପକ ପ୍ରୋତ୍ସାହନ ଦେବା ଲାଗି ପିପିପି ଜରିଆରେ ସୁପରକମ୍ପ୍ୟୁଟିଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲଷ୍ଟର ସୃଷ୍ଟି କରାଯିବ ।
- ୧୦ ନିୟୁତ ବର୍ଗ କିଲୋମିଟରର ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା ଉଦ୍ୟୋଗ ପାଇଁ ସ୍ଥାନ ପ୍ରଦାନ ସହ ସରକାର ଏବଂ ଘରୋଇ କ୍ଷେତ୍ରର ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରାଯିବ ।

## ୫. MSME ଏବଂ ଲଘୁ ଉଦ୍ୟୋଗ

- ଯୋଗ୍ୟ କ୍ଷୁଦ୍ର ବ୍ୟବସାୟୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାନଙ୍କୁ ଋଣ ସୁବିଧା ଏବଂ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରିବୁ ।
- ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ଷୁଦ୍ର ବ୍ୟବସାୟୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାନଙ୍କ ପାଇଁ ରାଜ୍ୟରେ ଲାଗୁ ହେଉଥିବା ସମସ୍ତ ଆଇନକୁ ସରଳ କରିବୁ ।
- କ୍ଷୁଦ୍ର ବ୍ୟବସାୟୀ ଏବଂ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରୁ ରକ୍ଷା କରିବା ପାଇଁ ବୀମା ପ୍ରଦାନ କରାଯିବ ।
- ବିଶ୍ୱବଜାର ସହ ତାଳ ଦେଇ ଗୁଣାତ୍ମକ ବ୍ୟବସ୍ଥା ଆପଣାଇବା ପାଇଁ ଆଞ୍ଚଳିକ ଏମଏସଏମଇଗୁଡ଼ିକୁ ବ୍ୟାପକ ସହାୟତା ଯୋଗାଇ ଦିଆଯିବ ।
- ରାଜ୍ୟରେ ଏମଏସଏମ୍ ଉଦ୍ୟୋଗଗୁଡ଼ିକର ବିକାଶ ଏବଂ ସହାୟତା ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫାଣ୍ଡି ଗଠନ କରାଯିବ ।

୬. **ପର୍ଯ୍ୟଟନର ବିକାଶ:** ନିଯୁକ୍ତିଭିତ୍ତିକ ବିକାଶ ଦିଗରେ ପର୍ଯ୍ୟଟନର ବଳିଷ୍ଠ ଭୂମିକା ରହିଛି । ଅତ୍ୟାଧୁନିକ ସୁବିଧା ସମ୍ବଳିତ ପରିବେଶ ଅନୁକୂଳ ପର୍ଯ୍ୟଟନ ଦିଗରେ ରାଜ୍ୟର ୧୦୦ଟି ସ୍ଥାନର ବିକାଶ କରାଯିବ । ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଆଣିଦେବ ।













# ଆମ ଗ୍ୟାରେଣ୍ଟି

## ଡିଜିଟାଲ୍ ଅଭିବୃଦ୍ଧି

- ଓଡ଼ିଶା ହେବ ଆଇଟି ରାଜଧାନୀ ।
- ଆମେ ବୈଷୟିକ ସହାୟତା ଦ୍ୱାରା ସମସ୍ତ ସରକାରୀ ସେବା, ଯୋଜନା ଏବଂ ସବସିଡି ନିର୍ଦ୍ଧାରିତ ସମୟ ମଧ୍ୟରେ ସୁନିଶ୍ଚିତ କରିବୁ ।
- ଡିଜିଟାଲ୍ ସେବା ସହାୟତାରେ ଅଭିଯୋଗର ସମାଧାନ ଏବଂ ଅଭିଯୋଗ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ ।
- ଓଡ଼ିଆ ଭାଷା କମ୍ପ୍ୟୁଟିଂ ଉପକରଣକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଟେକ୍ନୋଲୋଜି ବ୍ୟବହାର କରି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିର ସଂରକ୍ଷଣ ପାଇଁ ପଦକ୍ଷେପ ନେବୁ ।
- ଆମେ ଉଦୀୟମାନ ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା ପାଇଁ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବୁ ।
- ଇ-ସାକ୍ଷରତା ଉପରେ ବିଶେଷ ଗୁରୁତ୍ୱ ଦେଇ ଏସସି/ଏସଟି/ଓବିସି ଏବଂ ସଂଖ୍ୟାଲଘୁ ପରିବାରରୁ ଅତି କମରେ ଜଣେ ଆଇଟି ସାକ୍ଷର ସୃଷ୍ଟି କରିବାକୁ ପ୍ରାଥମିକତା ଦିଆଯିବ ।
- ଇ-ପରିଚୟ: ଡିଜିଟାଲ ପରିଚୟ ମିଶନ ବ୍ୟକ୍ତିଗତ ଉତ୍କର୍ଷତା ଏବଂ ସାଂସ୍କୃତିକ ବିବିଧତା ଉପରେ ଆଲୋକପାତ କରିବା ସହିତ ଓଡ଼ିଶା ଏବଂ ଏହା ଲୋକଙ୍କ ପରିଚୟ ବୈଧ କରିବ ।
- ବିଜୁ ଇନଫୋ ହାଇୱେ : କ୍ଷମତା ସମ୍ପ୍ରସାରଣ ଏବଂ ଭିତ୍ତିଭୂମିର ପ୍ରସାର ବୃଦ୍ଧି କରି ପ୍ରତ୍ୟେକ ଗ୍ରାମରେ ଗୁଣାତ୍ମକ ଆଇଟି/ଆଇଟି-ସକ୍ଷମ ସେବା ପ୍ରଦାନ କରାଯିବ ।
- ମୋ ସେବା କେନ୍ଦ୍ରର ସମ୍ପ୍ରସାରଣ, ସମସ୍ତ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ପଞ୍ଚାୟତ କାର୍ଯ୍ୟାଳୟର ସଂପୂର୍ଣ୍ଣ ନେଟୱାର୍କିଂ ଭଳି ଅନେକ ପଦକ୍ଷେପ ନିଆଯିବ ।
- ଓଡ଼ିଶାକୁ AI-Hub କରିବା ପାଇଁ ଓଡ଼ିଶାର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପଲିସି ଆଣିବୁ ।
- ଏଣ୍ଡ-ଟୁ-ଏଣ୍ଡ ସେମିକଣ୍ଡକ୍ଟର ଇକୋ ସିଷ୍ଟମର ପ୍ରୋତ୍ସାହନ ପାଇଁ ଏକ ମେଗା ସେମିକଣ୍ଡକ୍ଟର ପାର୍କ ସୃଷ୍ଟି କରାଯିବ ।






## ପରିବେଶର ସୁରକ୍ଷା ଏବଂ ନିରନ୍ତରତା ସୁନିଶ୍ଚିତ କରିବା

ଆମ ରାଜ୍ୟର ଅର୍ଥନୈତିକ ସମ୍ପ୍ରସାରଣ ଏବଂ ଦ୍ରୁତ ଶିଳ୍ପାୟନ ସହିତ, ଆମେ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତାରେ ସ୍ଥିର ରହିଛୁ । ଏହି ଲକ୍ଷ୍ୟ ହାସଲ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯିବ ।

- ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଳବାୟୁ ପରିବର୍ତ୍ତନ ପ୍ରଶମନ ରଣନୀତି ଏବଂ ନବୀକରଣ ଯୋଗ୍ୟ ଶକ୍ତି ପାଇଁ ଲକ୍ଷ୍ୟ ସହିତ ଓଡ଼ିଶା ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା ୨୦୩୬ ଉପସ୍ଥାପନ କରାଯିବ ।
- ଆମେ ବାର୍ଷିକ ଯୋଜନା ଏବଂ ଦୀର୍ଘକାଳୀନ ଯୋଜନା ସହିତ ଜଙ୍ଗଲ ଆଚ୍ଛାଦନ ସମ୍ପ୍ରସାରଣ ଜାରି ରଖିବୁ ।
- ବାତ୍ୟା ବିରୋଧରେ ଦୃଢ଼ ସୁରକ୍ଷା ସୃଷ୍ଟି କରିବା ପାଇଁ ଆମେ ହେନ୍ତାଳ ବଣର ବିସ୍ତାର ଜାରି ରଖିବୁ ।
- ଆମେ ଜଙ୍ଗଲ ସୃଷ୍ଟି,ବୃକ୍ଷରୋପଣ, ଏବଂ ସହରାଞ୍ଚଳ ସବୁଜିକରଣ ଉପରେ ଅଧିକ ଗୁରୁତ୍ୱ ଦେବୁ ।
- ଆମେ ଶିଳ୍ପ ଭାଗିଦାରୀ, ସିଏସ୍ଆର୍ କାର୍ଯ୍ୟକଳାପ ଏବଂ ଗୋଷ୍ଠୀ ଭାଗିଦାରୀ ମାଧ୍ୟମରେ ବୃକ୍ଷରୋପଣ ଏବଂ ସବୁଜ ଆଚ୍ଛାଦନ ସୃଷ୍ଟି ବୃଦ୍ଧି କରିବୁ ।
- ଆମେ କମ୍ୟୁନିଟି ଏବଂ ଆପାର୍ଟମେଣ୍ଟରେ ବିଦ୍ୟୁତଚାଳିତ ଗାଡ଼ି ଏବଂ ଏହାର ଚାର୍ଜିଂ ଷ୍ଟେସନ ସ୍ଥାପନକୁ ପ୍ରୋତ୍ସାହନ ଦେବୁ ।
- ସମଗ୍ର ରାଜ୍ୟରେ ଗୋଷ୍ଠୀ ଭାଗିଦାରୀ ସହିତ ଆମେ ଗ୍ରୀନ୍-ଜୋନ୍ ସୃଷ୍ଟି କରିବୁ ।
- ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା, ବୃକ୍ଷ ସଂଖ୍ୟା ବୃଦ୍ଧି, ସ୍ୱଚ୍ଛ ନଦୀ, ସବୁଜ ବନାନୀର ଆବରଣ ବୃଦ୍ଧି କରି ସରକାରୀ ଓ ଶିଳ୍ପାଞ୍ଚଳରେ ସବୁଜୀକରଣ ସୁନିଶ୍ଚିତ କରାଯିବ ।







# ସୁଶାସନ: ବିଜେଡିର ପରିଚୟ

# ଆମ ଗ୍ୟାରେଣ୍ଟି

- 'ସୁଶାସନ' ହେଉଛି ବିଜୁ ଜନତା ଦଳର ପରିଚୟ । ବିଗତ ୨୪ ବର୍ଷ ଧରି ଓଡ଼ିଶାବାସୀ ଏଥିପାଇଁ ନିରନ୍ତର ଭାବେ ବିଜୁ ଜନତା ଦଳ ଉପରେ ଆସ୍ଥା ପ୍ରକଟ କରିଆସିଛନ୍ତି ।
- ଆଗକୁ ମଧ 5T ଓ ମୋ ସରକାରକୁ ଆଧାର କରି ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଶାସନ ପ୍ରଦାନ କରିବାକୁ ଆମେ ସଂକଳ୍ପବଦ୍ଧ । ସରକାରୀ ଯୋଜନା ଓ ବ୍ୟବସ୍ଥାରେ କିଭଳି ରୂପାନ୍ତରଣ ଅଣାଯାଇପାରେ, ତାହାର ଉଦାହରଣ 5T ଜରିଆରେ ଓଡ଼ିଶାବାସୀ ଦେଖିସାରିଛନ୍ତି ।
- ପ୍ରତ୍ୟେକ ବଡ଼ ବଡ଼ ପ୍ରକଳ୍ପକୁ 5T ଅଧୀନକୁ ଅଣାଯାଇ ସେସବୁକୁ ବିକଶିତ କରାଯିବ । ସ୍ୱଚ୍ଛ ବ୍ୟବସ୍ଥା ଭିତରେ ରହି ଏସବୁକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଆମର ପ୍ରାଥମିକତା ହେବ । ପ୍ରକଳ୍ପର ଆଧାର ଓ ପରିସୀମାକୁ ନେଇ ଏହାକୁ ଆହୁରି ପ୍ରସାରିତ କରାଯିବ ।
- ପ୍ରତି ସରକାରୀ କାର୍ଯ୍ୟାଳୟରେ ମୋ ସରକାର ବ୍ୟବସ୍ଥାକୁ ସକାରାତ୍ମକ ଭାବେ ଲାଗୁ କରାଯିବ । ଲୋକଙ୍କ ଅଭିଯୋଗ ଶୁଣିବା ଓ ଏହାର ସମାଧାନ ଦିଗରେ ସୁବନ୍ଦୋବସ୍ତ କରାଯିବ । ଉପାନ୍ତରୁ ଉପକୂଳ, ଯେମିତି କେହି ପଛରେ ରହିନଯାଆନ୍ତି, ତାହା ସୁନିଶ୍ଚିତ କରାଯିବ ।
- ଓଡ଼ିଶା ଏହାର ଆଧାତ୍ମିକ ପ୍ରଗତି ପାଇଁ ବେଶ୍ ସୁନାମ ଅର୍ଜନ କରିଛି । ଆଧାତ୍ମିକ ବିକାଶ ଓ ସୁଶାସନ ଆମର ଶକ୍ତି ଏବଂ ଆମେ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବୁ ।
- ସୁଶାସନରେ ସମସ୍ତ ନାଗରିକଙ୍କୁ ଭାଗୀଦାର କରି ଯେପରି ଜଣେ ବି କେହି ସୁବିଧା ସୁଯୋଗରୁ ବଞ୍ଚିତ ନହେବେ, ତାହା ସୁନିଶ୍ଚିତ କରାଯିବ । ଏହା ହେବ ଆମ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଏବଂ ସମର୍ପିତ ସେବାର ଉତ୍କୃଷ୍ଟ ନିଦର୍ଶନ ।
- ଆମେ ଏକ ଚେତନାଧର୍ମୀ ଏବଂ ସମ୍ବେଦନଶୀଳ ସମାଜ ଗଠନକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ବିଦ୍ୟାଳୟରେ ଯୋଗ, ଧ୍ୟାନ ଏବଂ ଐତିହ୍ୟ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବୁ ।





# ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ବିକାଶ ଦ୍ୱାରା ଯୁବ ସଶକ୍ତିକରଣ

# ଆମ ଗ୍ୟାରେଣ୍ଟି

ଗୁଣାତ୍ମକ ଶିକ୍ଷା ଓ ସାରା ରାଜ୍ୟରେ ଦକ୍ଷତା ବିକାଶରେ ରୂପାନ୍ତରଣ ଆଣିବା ନବୀନ ଓଡ଼ିଶାର ପ୍ରମୁଖ ଲକ୍ଷ୍ୟ । ଆମର ଯୁବ ସମାଜ ନିଜ ଦକ୍ଷତାକୁ ଚିହ୍ନି ସ୍ୱପ୍ନ ପୂରଣ ଦିଗରେ ଆଗକୁ ବଢ଼ିଲେ ଓଡ଼ିଶାର ନବୀନ ଭବିଷ୍ୟତ ଗଢ଼ାହେବ । ଏଣୁ ଆମର ଯୁବକ-ଯୁବତୀମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଆହୁରି ଦକ୍ଷ କରିବା ଉଦ୍ଦେଶ୍ୟରେ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରଣ କରି ଉଚ୍ଚ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ । ଓଡ଼ିଶାର ଯୁବ ପ୍ରତିଭାଙ୍କ ବିକାଶ ତଥା ସେମାନଙ୍କ ସହାୟତା ଓ ପରାମର୍ଶ ପାଇଁ ଉଚ୍ଚ ଗୁଣବତ୍ତାର ବ୍ୟବସ୍ଥା ଯୋଗାଇବା ଆମେ ସୁନିଶ୍ଚିତ କରିବୁ । ବିଗତ କିଛି ବର୍ଷ ମଧ୍ୟରେ ସାରା ଓଡ଼ିଶାର ଉଚ୍ଚ ବିଦ୍ୟାଳୟ ଓ କଲେଜଗୁଡ଼ିକର ରୂପାନ୍ତରଣ କରାଯାଇଛି । ଆଗକୁ ଆମେ ଏହାକୁ ଆହୁରି ତ୍ୱରାନ୍ୱିତ କରି ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ୍ ରାଜ୍ୟ ଭାବେ ଗଢ଼ିତୋଳିବୁ ଏବଂ ଶିକ୍ଷାର ହବ୍ ଭାବେ ନବୀନ ଓଡ଼ିଶାର ଅଭ୍ୟୁଦୟ ହେବ ।

## ୧. ସ୍କୁଲ୍ ଶିକ୍ଷାର ରୂପାନ୍ତରଣ

- ସବୁ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ କରାଯାଇ ସୁଦୃଢ଼ ଓ ବିକଶିତ ଭିତ୍ତିଭୂମି ସହ ଉଚ୍ଚ ଗୁଣାତ୍ମକ ଶିକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବା ଆମେ ସୁନିଶ୍ଚିତ କରିବୁ ।
- ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ ଆଧୁନିକ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ସହ ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ କାର୍ଯ୍ୟ ସୁନିଶ୍ଚିତ କରାଯିବ ।
- ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଶିକ୍ଷା ବିକାଶ ସହ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।
- ଆଦର୍ଶ ବିଦ୍ୟାଳୟ ନେଟୱର୍କକୁ ଆହୁରି ମଜଭୁତ କରାଯିବ । ଯୋଗ୍ୟ ଛାତ୍ରଛାତ୍ରୀମାନେ ଯେପରି ଜାତୀୟସ୍ତରର ସଂସ୍ଥାନରେ ନାମ ଲେଖାଇପାରିବେ, ସେଥିପାଇଁ ସେମାନଙ୍କୁ ପରାମର୍ଶ ଏବଂ ଉଚ୍ଚ ଗୁଣବତ୍ତାର ଶିକ୍ଷା ଉପଲବ୍ଧ କରାଯିବ ।
- ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଓ ସହଯୋଗ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ବିଦ୍ୟାଳୟ ବ୍ୟବସ୍ଥାରେ ନବସୃଜନକୁ ସୁନିଶ୍ଚିତ କରିବା ପାଇଁ 'ମୋ ସ୍କୁଲ'ର ପରିସରକୁ ଆହୁରି ବ୍ୟାପକ କରାଯିବ ।
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ଓ ଯୋଗାଯୋଗ ଭଳି ସୂକ୍ଷ୍ମ ଦକ୍ଷତା ତଥା ସମସ୍ୟା ସମାଧାନ କୌଶଳର ବିକାଶ ଦିଗରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଏହା ସହ ବିଦ୍ୟାଳୟସ୍ତରରେ କମ୍ପ୍ୟୁଟର ଶିକ୍ଷା, ଏଆର୍, ଭିଆର୍ ଏବଂ ଏଆଇ, ଏମ୍ଏଲ୍ ତଥା ରୋବୋଟିକ୍ସ ଶିକ୍ଷା ଆରମ୍ଭ କରାଯିବ ।



# ଆମ ଗ୍ୟାରେଣ୍ଟି



- ଆଧୁନିକ ଯୁଗ ସହ ତାଳ ଦେଇ ଆମ ଶିକ୍ଷକମାନଙ୍କୁ ନୂତନ ଜ୍ଞାନକୌଶଳ ସମ୍ବନ୍ଧୀୟ ତାଲିମ୍ ଦେବା ସହ ସେମାନଙ୍କ ଦକ୍ଷତା ବିକାଶ, ଶିକ୍ଷା ପ୍ରଦାନର ନୂତନ କୌଶଳ ଏବଂ କଲେଜ୍ ପରିଚାଳନା କ୍ଷେତ୍ରରେ ତାଲିମ୍ ଦିଆଯିବ ।
- ଆଧୁନିକ ଆବଶ୍ୟକତା ଅନୁଯାୟୀ କୌଶଳ ବିକାଶ କରି ଆମ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଉଦ୍ଦେଶ୍ୟରେ ପାଠ୍ୟକ୍ରମକୁ ବିକଶିତ କରାଯିବ ।
- 5T ନୀତିରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଶାସନକୁ ଆହୁରି ମଜବୁତ କରିବାକୁ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ଢାଞ୍ଚା ପ୍ରଦାନ କରାଯିବ ।
- ରାଜ୍ୟର ବରପୁତ୍ରମାନଙ୍କ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' ଅଧୀନରେ ରୂପାନ୍ତରଣ କରାଯାଇ ସେସବୁର ରକ୍ଷାଣାବେକ୍ଷଣ କରାଯିବ ।

## ୨. ଉଚ୍ଚଶିକ୍ଷାରେ ରୂପାନ୍ତରଣ

- ଆମେ ରାଜ୍ୟର ଉଚ୍ଚଶିକ୍ଷାରେ ବ୍ୟାପକ ସଂସ୍କାର ଏବଂ ପରିବର୍ତ୍ତନ କରିବୁ ।
- ଆଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ୍ ଲାଇବ୍ରେରୀ ଉପଲବ୍ଧ କରାଇ ଆମର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ସ୍ମାର୍ଟ ସେଣ୍ଟରରେ ରୂପାନ୍ତରିତ କରାଯିବ ।
- ପର୍ଯ୍ୟାପ୍ତ ସଂଖ୍ୟକ କଲେଜ୍ ନଥିବା ବ୍ଲକରେ ନୂତନ ସରକାରୀ କଲେଜ ପ୍ରତିଷ୍ଠା କରାଯିବ ।
- ସର୍ବୋତ୍ତମ ଭିତ୍ତିଭୂମି, ପାଠ୍ୟକ୍ରମ ଏବଂ ବ୍ୟକ୍ତିତ୍ୱ ବିକାଶ ଦିଗରେ କାର୍ଯ୍ୟ ସହ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଗୋଟିଏ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ବ୍ୟାପକ ବିନିଯୋଗ କରାଯିବ ।
- NAAC-A ଏବଂ A+ ମାନ୍ୟତା ହାସଲ କରିବା ଦିଗରେ ଓଡ଼ିଶାର ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟକୁ ସହାୟତା ପ୍ରଦାନ କରାଯିବ ।
- ଇଂଜିନିୟରିଂ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ । ଫଳରେ ଏହି କ୍ଷେତ୍ରରେ ଆମ ପିଲାମାନେ ସର୍ବୋତ୍ତମ ଶିକ୍ଷା ହାସଲ କରି ଦେଶରେ ଅଗ୍ରଣୀ ସାଜିବେ ।
- ନୂତନ ମେଡିକାଲ କଲେଜ ଏବଂ ପାରାମେଡିକାଲ କଲେଜ ମାଧ୍ୟମରେ ଡାକ୍ତରୀ ଶିକ୍ଷାର ଆହୁରି ପ୍ରସାର କରାଯିବ । ଓଡ଼ିଶାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଅଧିକ କୁଶଳୀ ହେବା ସହ କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଭାରତ ତଥା ବିଶ୍ୱକୁ ସେବା ଯୋଗାଇବେ ।
- ରାଜ୍ୟର ଯୁବବର୍ଗଙ୍କ ମତାମତ ଗ୍ରହଣ କରି ପ୍ରତିବର୍ଷ ୧ ହଜାର କୋଟି ଟଙ୍କାର ନବୀନ ଓଡ଼ିଶା ଯୁବ ବଜେଟ୍ ପ୍ରସ୍ତୁତ କରାଯିବ । ଏକ ସ୍ୱତନ୍ତ୍ର ଢାଞ୍ଚାରେ ଯୁବବର୍ଗଙ୍କ ମତାମତ ଗ୍ରହଣ କରି ତଦନୁଯାୟୀ ବ୍ୟୟବରାଦ କରାଯିବ ।
- ରାଜ୍ୟର ସମସ୍ତ କଲେଜ 5T ଅଧୀନକୁ ଅଣାଯାଇ ତାହାର ବିକାଶ କରାଯିବ ।
- ଉଚ୍ଚ ଗୁଣବତ୍ତାବିଶିଷ୍ଟ ତଥା ଖ୍ୟାତିସମ୍ପନ୍ନ ସଂସ୍ଥାନଗୁଡ଼ିକୁ ଓଡ଼ିଶାରେ ନିଜସ୍ୱ କ୍ୟାମ୍ପସ୍ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯିବ ।

## ୩. ଛାତ୍ରଛାତ୍ରୀଙ୍କୁ ସହାୟତା

- ନୂଆ-ଓ ଛାତ୍ରବୃତ୍ତି ଓ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଆହୁରି ସଶକ୍ତ କରିବୁ । ଛାତ୍ରଛାତ୍ରୀମାନଙ୍କୁ ସଫଳ ହେବାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ଅନନ୍ୟ, ଅଭିନବ ଏବଂ ଆଧୁନିକ ବ୍ୟବସ୍ଥା ହେବ ।
- ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ବିନା ସୁଧରେ ଶିକ୍ଷା ଋଣ ପ୍ରଦାନ କରି ସେମାନଙ୍କୁ ଆହୁରି କରିବା ସଶକ୍ତ ସହ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରାଯିବ ।
- ଆର୍ଥିକ ପ୍ରତିବନ୍ଧକ ଦୂର କରି ଆମ ଉଚ୍ଚାଭିଳାଷୀ ତଥା ଯୋଗ୍ୟ ଛାତ୍ରଛାତ୍ରୀମାନେ ଯେପରି ଉଚ୍ଚଶିକ୍ଷା ପାଇଁ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ, ସେଥିପାଇଁ ଋଣ ପ୍ରଦାନ ବ୍ୟବସ୍ଥା ଆରମ୍ଭ କରାଯିବ ।

# ଆମ ଗ୍ୟାରେଣ୍ଟି

- ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ମାଧ୍ୟମିକସ୍ତରୀୟ କ୍ୟାରିୟର ପରାମର୍ଶ ସମ୍ବନ୍ଧୀୟ କ୍ଲାସ୍ ପ୍ରଦାନ କରାଯିବ ।
- ବୃତ୍ତିଗତ ଅନୁଷ୍ଠାନଗୁଡ଼ିକରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ଜାରି ରହିବ ।
- ଜାତୀୟ ଏବଂ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ମିଳିତ ସହଯୋଗରେ ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବ ।
- STEM ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।

## ୪. ଓଡ଼ିଶା ଦକ୍ଷତା ବିକାଶ - ଏକ ଅନ୍ତର୍ଜାତୀୟ ବ୍ରାଣ୍ଡ୍

- ବିଭିନ୍ନ କ୍ଷେତ୍ରରେ ବ୍ୟାପକ କୁଶଳୀ ଶ୍ରମିକ ସୃଷ୍ଟି କରି "ସ୍କିଲ୍ଡ ଇନ୍ ଓଡ଼ିଶା"କୁ ଆମେ ସାରା ବିଶ୍ୱରେ ଏକ ଉଲ୍ଲେଖନୀୟ ବ୍ରାଣ୍ଡ୍ ଭାବେ ପ୍ରସ୍ତୁତ କରିବୁ ।
- ୱାର୍ଲ୍ଡ ସ୍କିଲ୍ ସେଣ୍ଟରକୁ ଆହୁରି ମଜଭୁତ କରିବାକୁ ସେଥିରେ ଅଧିକ ପାଠ୍ୟକ୍ରମ ଯୋଡ଼ାଯିବ ଏବଂ ନାମଲେଖାର ସଂଖ୍ୟା ବଢ଼ାଯିବ ।
- ସର୍ବୋତ୍ତମ ନିଯୁକ୍ତି ପ୍ରଦାନ ନିମନ୍ତେ ଶ୍ରେଷ୍ଠ କମ୍ପାନୀ ତଥା ସହଯୋଗୀ ପ୍ରତିଷ୍ଠାନଗୁଡ଼ିକୁ ଅଂଶୀଦାର କରାଯିବ ।
- ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ଗୁଣାତ୍ମକ ପାଠ୍ୟକ୍ରମ ପ୍ରଦାନ କରି ଆଇଟିଆଇ ଏବଂ ପଲିଟେକନିକ୍ସ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗୋଟିଏ ଗୋଟିଏ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ବ୍ୟବସ୍ଥା କରାଯିବ ।
- ନୂଆ-ଓ ଯୋଜନା ଅଧୀନରେ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ କୌଶଳ ବିକାଶ ଦିଗରେ ତାଲିମ୍ ପ୍ରଦାନ କରାଯିବ ।
- ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ପାଇଁ ଓଡ଼ିଶା ଦକ୍ଷତା ଏବଂ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ।

## ୫. ଓଡ଼ିଶା - ଏକ ପ୍ରମୁଖ ଶିକ୍ଷା ହବ୍

- ଶିକ୍ଷା କ୍ଷେତ୍ରରେ ବେସରକାରୀ ନିବେଶକୁ ଆକର୍ଷିତ କରିବା ପାଇଁ ନୀତି ନିର୍ଦ୍ଧାରଣ ସହ ପ୍ରୋତ୍ସାହନ ବ୍ୟବସ୍ଥା ସୃଷ୍ଟି କରି ଆମ ରାଜ୍ୟକୁ ଶିକ୍ଷାର ଏକ ପ୍ରମୁଖ ହବ୍ ଭାବେ ପ୍ରତିଷ୍ଠା କରାଯିବ ।
- ସୁଦୃଢ଼ ତଥା ଗୁଣାତ୍ମକ ଭିତ୍ତିଭୂମି ସୃଷ୍ଟି କରି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଓଡ଼ିଶାରେ ନିଜସ୍ୱ ଶିକ୍ଷା ଓ ଗବେଷଣା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଆକର୍ଷିତ କରାଯିବ ।
- ଢେଙ୍କାନାଳରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର ପ୍ରତିଷ୍ଠା କରାଯାଇ ପାଇଲଟ୍ ଓ ଅନ୍ୟ ବୈଷୟିକ କର୍ମଚାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯିବ ।






# ସମସ୍ତଙ୍କ ପାଇଁ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା

# ଆମ ଗ୍ୟାରେଣ୍ଟି

5T ନବୀନ ଗ୍ୟାରେଣ୍ଟି

ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା ସୁବିଧାଜନକ ଭାବେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଗରିବ ଶ୍ରେଣୀର ଲୋକଙ୍କୁ ଉନ୍ନତମାନର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସୁବିଧା ଯୋଗାଇ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ରୂପାନ୍ତର ଆଣିଛି । ପ୍ରତ୍ୟେକ ଜିଲ୍ଲାରେ ଅତ୍ୟାଧୁନିକ ମେଡିକାଲ କଲେଜ ଏବଂ ବଡ଼ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି । ଏଥିସହ ଆମ ହସ୍ପିଟାଲ୍ ଯୋଜନା ଅଧୀନରେ ବ୍ଲକସ୍ତରର ଅନେକ ଡାକ୍ତରଖାନା ରୂପାନ୍ତରିତ ହୋଇଛି । ଏହି ସଫଳତାକୁ ଆହୁରି ଆଗେଇ ନେଇ ଆମେ ଓଡ଼ିଶାରେ ଦେଶର ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । "ନବୀନ ଓଡ଼ିଶାରେ" ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ବ୍ୟକ୍ତିର ଅଧିକାର ହେବ ।

### ୧. ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା:

- ରାଜ୍ୟରେ ପ୍ରାୟ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଆମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ଡାକ୍ତରଖାନାର ନେଟୱାର୍କକୁ ଆହୁରି ବିସ୍ତାର କରିବୁ ।
- ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆମେ ଅନ୍ତର୍ଭୁକ୍ତ କରିଛୁ । ଆମେ ସହରାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁବିଧାକୁ ଆହୁରି ବିସ୍ତାର କରିବୁ । ଏହାଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ବ୍ୟାପକ କଭରେଜ୍ ସୁନିଶ୍ଚିତ କରାଯିବ ।
- ଆମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କଭରେଜ୍ ବିସ୍ତାର କରି ମଧ୍ୟବିତ୍ତ ଏବଂ ସରକାରୀ କର୍ମଚାରୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବୁ । ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରାୟ ସମସ୍ତଙ୍କ ପାଖରେ ପହଞ୍ଚାଇବୁ ।
- ମହିଳା ଏବଂ ବୃଦ୍ଧମାନଙ୍କ ପାଇଁ ଯଥାକ୍ରମେ ପ୍ରଜନନ ସମ୍ବନ୍ଧୀୟ ଏବଂ ଜେରାଟ୍ରିକ୍ ସମସ୍ୟା ପାଇଁ BSKY ସ୍କ୍ରିନିଂ ପ୍ରୋଗ୍ରାମରେ ଅନ୍ତର୍ଭୁକ୍ତ କରିବୁ ।

### ୨. ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି:

- 'ଆମ ହସ୍ପିଟାଲ' ଯୋଜନା ଅନ୍ତର୍ଗତ ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଆହୁରି ବିକାଶ କରାଯିବ । ଉତ୍ତମ ଭିତ୍ତିଭୂମି ସହିତ ସମସ୍ତ ପିଏଚସି ଓ ଜିଲ୍ଲା ଡାକ୍ତରଖାନାଗୁଡ଼ିକୁ ନବୀକରଣ କରାଯିବ ।





- ଜିଏସଡିପିର ଶତକଡ଼ା ହିସାବରେ ଓଡ଼ିଶାର ସ୍ୱାସ୍ଥ୍ୟ ଖର୍ଚ୍ଚ ୨୦୩୪ ସୁଦ୍ଧା ଦେଶରେ ସର୍ବାଧିକ ହେବ ।
- ଦେଶର ସମସ୍ତ ରାଜ୍ୟ ମଧ୍ୟରୁ ଆସନ୍ତା ୧୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଉପରେ ଓଡ଼ିଶାର ଲୋକମାନଙ୍କ ପକେଟ୍‌ରୁ ସବୁଠୁ କମ୍ ଖର୍ଚ୍ଚ ହେବ ।
- ଏମ୍ସ ପ୍ଲସ୍ କ୍ୟାମ୍ପସ୍ ଭାବରେ ସର୍ବୋତ୍ତମ ଭିତ୍ତିଭୂମି ସହିତ ଏସସିବି ମେଡିକାଲ୍ କଲେଜକୁ କାର୍ଯ୍ୟକ୍ଷମ କରାଯିବ ।
- ଫୁଲବାଣୀ, ଯାଜପୁର ଏବଂ ତାଳଚେରରେ ନୂଆ ମେଡିକାଲ କଲେଜଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ଏବଂ ଅନ୍ୟ ମେଡିକାଲ କଲେଜଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ । ଏମକେସିଜି ବ୍ରହ୍ମପୁର ଓ ଭିମସାର ବୁର୍ଲାରେ ବ୍ୟାପକ ଭିତ୍ତିଭୂମି ବିକାଶ କରାଯିବ ।


## ୩. ସ୍ୱାସ୍ଥ୍ୟସେବା କର୍ମୀ:

- ଗତ କିଛି ବର୍ଷ ମଧ୍ୟରେ ଆମର ଉଦ୍ୟମ ଯୋଗୁଁ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଳକା ରାଜ୍ୟରେ ପରିଣତ ହୋଇଛି । ରାଜ୍ୟରେ ଆବଶ୍ୟକୀୟ ଏମବିବିଏସ ଡାକ୍ତରଙ୍କ ଆବଶ୍ୟକତା ପୂରଣ କରି ବଳକା ହୋଇଛି ଓଡ଼ିଶା । ରାଜ୍ୟରେ ସମସ୍ତ ଖାଲି ପଦବୀ ପୂରଣ କରାଯାଇଛି ।
- ଆଗାମୀ କିଛି ବର୍ଷରେ ଆମେ ସାରା ରାଜ୍ୟରେ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରିବୁ ।
- ଆମେ ରାଜ୍ୟରେ ମେଡିକାଲ ଏବଂ ପାରା ମେଡିକାଲ ଶିକ୍ଷାର ଗୁଣବତ୍ତା ଏବଂ ନେଟୱାର୍କକୁ ବୃଦ୍ଧି କରିବୁ । ଏହାଦ୍ୱାରା ବଳକା ମାନବ ସମ୍ବଳ ସୃଷ୍ଟି ହେବ ଯାହା କେବଳ ଓଡ଼ିଶା ନୁହେଁ, ଭାରତ ତଥା ଅନ୍ୟାନ୍ୟ ଦେଶରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବ ।

## ୪. ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୋଷଣ

- ଶିଶୁଙ୍କ ସମ୍ପୂର୍ଣ୍ଣ ଟିକାକରଣ ବ୍ୟବସ୍ଥା କରିବୁ ।
- ଆସନ୍ତା ୧୦ ବର୍ଷ ମଧ୍ୟରେ ଶିଶୁମାନଙ୍କଠାରେ ପୁଷ୍ଟିହୀନତାର ଦ୍ରୁତ ହ୍ରାସ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ।
- ଆମେ ଦେଶରେ ସର୍ବାଧିକ ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବୁ ।





# ସବୁ କ୍ଷେତ୍ରରେ ସର୍ବୋତ୍ତମ ଭିତ୍ତିଭୂମି

# ଆମ ଗ୍ୟାରେଣ୍ଟି



ଗତ କିଛି ବର୍ଷରେ ସାରା ରାଜ୍ୟରେ ଭିତ୍ତିଭୂମି ବିକାଶରେ ରୂପାନ୍ତର ଆସିଛି । ଓଡ଼ିଶାରେ ଦେଶର ସର୍ବୋତ୍ତମ ସଡ଼କ ନେଟୱାର୍କ ଅଛି । ରାଜ୍ୟର ପ୍ରତ୍ୟେକ କୋଣରେ ସଡ଼କ ଭିତ୍ତିଭୂମିର ଉତ୍କର୍ଷତା ଦେଖିବାକୁ ମିଳୁଛି । ବିଜୁ ଏକ୍ସପ୍ରେସୱେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାକୁ ସଂଯୋଗ କରିଛି । ବିଜୁ ସେତୁ ଯୋଜନାରେ ବିପୁଳ ପୁଞ୍ଜି ବିନିଯୋଗ ଦ୍ୱାରା ରାଜ୍ୟର ଦୁର୍ଗମ ଅଞ୍ଚଳକୁ ସେତୁ ନିର୍ମାଣ ହୋଇଛି । ସୁବର୍ଣ୍ଣରେଖା, ଲୋୟର ସୁକତେଲ୍ ଇତ୍ୟାଦି ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଧାମରା, ଗୋପାଳପୁର ଭଳି ବନ୍ଦରଗୁଡିକ କାର୍ଯ୍ୟକ୍ଷମ ହୋଇଛି ।

ବିକାଶର ଏହି ପ୍ରକ୍ରିୟାକୁ ଆଗେଇ ନେଇ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆହୁରି ଦ୍ରୁତ ଗତିରେ କାମ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଆହୁରି ଅନେକ ବୃହତ୍ତର ଭିତ୍ତିଭୂମି ପ୍ରକଳ୍ପ ଭବିଷ୍ୟତରେ ସ୍ଥାପନ କରାଯିବ । "ନବୀନ ଓଡ଼ିଶା"ରେ ଏଭଳି ଭିତ୍ତିଭୂମି ସୃଷ୍ଟି କରାଯିବ, ଯେଉଁଠାରେ ପ୍ରତ୍ୟେକ ନାଗରିକ ଜୀବନର ସବୁ କ୍ଷେତ୍ରରେ ଶ୍ରେଷ୍ଠ ସୁବିଧା ଓ ସେବା ପାଇପାରିବେ ।

**୧. ସମନ୍ୱିତ ଭିତ୍ତିଭୂମି ବିକାଶ ଯୋଜନା:**

- ରାଜ୍ୟର ଆଗାମୀ ୨୫ ବର୍ଷର ଭିତ୍ତିଭୂମି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ 'ସମନ୍ୱିତ ଭିତ୍ତିଭୂମି ବିକାଶ ଯୋଜନା' କାର୍ଯ୍ୟକାରୀ କରାଯିବ ।
- ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପାଣ୍ଠି ବ୍ୟବସ୍ଥା ବଜେଟରେ କରାଯିବ ।
- ୨୦୩୬ ସୁଦ୍ଧା ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଏହି ଯୋଜନାକୁ ଆଗାମୀ ୧୦ ବର୍ଷରେ କାର୍ଯ୍ୟକାରୀ କରାଯିବ ।

**୨. ମେଟ୍ରୋ ରେଳ ପ୍ରକଳ୍ପ:** ଯୋଜନା ଅନୁସାରେ, ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଠିକ୍ ସମୟରେ ପୂରଣ ହେବ ଓ କଟକ, ପୁରୀ ଓ ଖୋର୍ଦ୍ଧାକୁ ଯୋଡ଼ିବ ।



### ୩. ରାଜପଥ ଏବଂ ରେଳ ସଂଯୋଗ:

- ଜୟପୁର ସହିତ ଗୋପାଳପୁରକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେ (ଦକ୍ଷିଣ) ସଂପୂର୍ଣ୍ଣ ହେବ।
- ଭୁବନେଶ୍ୱର ଏବଂ ପୁରୀ ବିମାନବନ୍ଦର ମଧ୍ୟରେ ସହରୀକରଣ ଓ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପାଇଁ ଭିତ୍ତିଭୂମି ସହିତ ଏକ ଏକ୍ସପ୍ରେସୱେ ନିର୍ମାଣ କରାଯିବ ଯାହା ଏହାକୁ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ କରିଡର ଭାବରେ ବିକଶିତ କରିବ।
- ରାଜ୍ୟର ସମସ୍ତ ଜିଲ୍ଲାକୁ ରେଳପଥ ସହିତ ସଂଯୋଗ କରିବା ଏବଂ ସାରା ରାଜ୍ୟରେ ରେଳ ନେଟୱାର୍କକୁ ଆହୁରି ମଜଭୁତ କରିବା ପାଇଁ ରେଳ ମନ୍ତ୍ରଣାଳୟ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବ।
- ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖୁଥିବା ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଥିବା ପ୍ରମୁଖ ରାଜ୍ୟ ରାଜପଥଗୁଡିକ ଆହୁରି ପ୍ରଶସ୍ତ କରାଯିବ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଜିଲ୍ଲା ହେଡକ୍ୱାଟର୍ସ ସହିତ ଭଲ ଗୁଣବତ୍ତାର ରାସ୍ତା ଏବଂ 'ଲକ୍ଷ୍ମୀ' କର୍ଯ୍ୟକ୍ରମ ଅଧୀନରେ ନିର୍ଭରଯୋଗ୍ୟ ବସ୍ ସେବା ଦ୍ୱାରା ସଂଯୋଗ କରାଯିବ।
- ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟାତରେ ରିହାତି ପ୍ରଦାନ କରାଯିବ।
- ଉପକୂଳ ଏକ୍ସପ୍ରେସୱେ ଉପରେ କାମ କରାଯିବ।

### ୪. ଆକାଶପଥରେ ସଂଯୋଗ:

- ପୁରୀର ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବୁ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀମାନେ ଏହି ପବିତ୍ର ନଗରୀରେ ସିଧାସଳଖ ଅବତରଣ କରିବା ପାଇଁ ଅନ୍ତର୍ଜାତୀୟ ଉଡାଣ ସେବା ସୁନିଶ୍ଚିତ କରିବୁ।
- ଦୁବାଇ, ବ୍ୟାଙ୍କକ୍ ଏବଂ ସିଙ୍ଗାପୁରକୁ ଅନ୍ତର୍ଜାତୀୟ ବିମାନ ସେବା ସଫଳ ହୋଇଛି। ଆହୁରି ଅଧିକ ଅନ୍ତର୍ଜାତୀୟ କେନ୍ଦ୍ରକୁ ବିମାନ ସେବା ଆରମ୍ଭ କରିବୁ।
- ଦେଶର ସମସ୍ତ ପ୍ରମୁଖ ସହର ସହିତ ଉଡାଣ ସେବା ସୁନିଶ୍ଚିତ କରାଯିବ।
- ରାଜ୍ୟରେ ଉଡାଣ ସେବା ସଂଯୋଗ ବୃଦ୍ଧି ପାଇଁ ୧୧ଟି ପ୍ରମୁଖ ସହରରେ ୧୧ଟି ବିମାନବନ୍ଦର ଏବଂ ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଏୟାରଷ୍ଟ୍ରିପ୍ ବିକାଶ କରାଯିବ।
- ରାଜ୍ୟରେ ଏମଆରଓ ସୁବିଧା, ବିମାନବନ୍ଦର ଭିତ୍ତିକ ଶିଳ୍ପର ବିକାଶ କରାଯିବ।



# ଆମ ଗ୍ୟାରେଣ୍ଟି



### ୫. ବନ୍ଦର ଏବଂ ଜଳପଥ:


- ମାଲ୍ ପରିବହନ ପାଇଁ ଶିଳ୍ପାଞ୍ଚଳଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରୁଥିବା ଆଭ୍ୟନ୍ତରୀଣ ଜଳପଥ ବିକାଶ କରାଯିବ ।
- ରାଜ୍ୟର ସମସ୍ତ ବନ୍ଦରକୁ ୪- ଲେନ୍ ସଡ଼କ ସଂଯୋଗ କରାଯିବ ।
- ପାରାଦୀପ, ଧାମରା, ଗୋପାଳପୁର ପରି ପ୍ରମୁଖ ବନ୍ଦର ଏବଂ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳଗୁଡ଼ିକରେ ଯୋଜନାବଦ୍ଧ ସହରୀକରଣ କରାଯିବ । ବନ୍ଦରଗୁଡ଼ିକୁ ରାଜ୍ୟର ଅର୍ଥନୈତିକ ଇଞ୍ଜିନ ଭାବରେ ପରିଣତ କରାଯିବ ।


### ୬. ଜଳସେଚନ ଭିତ୍ତିଭୂମି:

- ଆମେ ଜଳସେଚନରେ ବୃହତ ପରିମାଣର ପୁଞ୍ଜି ବିନିଯୋଗ କରିବୁ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ୨୦ ଲକ୍ଷ ଏକର ଚାଷଜମିକୁ ଜଳସେଚନ ସୁବିଧା ସୁନିଶ୍ଚିତ କରିବୁ ।
- ଦକ୍ଷ ଜଳ ପରିଚାଳନା ଏବଂ ନଦୀଠାରୁ ଦୂର ଅଞ୍ଚଳଗୁଡିକୁ ପର୍ଯ୍ୟାପ୍ତ ଜଳ ନିଶ୍ଚିତ କରିବାକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବୁ ।

### ୭. ଶକ୍ତି:

- ଘରୋଇ ଏବଂ ଶିଳ୍ପ ଉପଭୋକ୍ତାମାନଙ୍କ ପାଇଁ ନିର୍ଭରଯୋଗ୍ୟ ସୁଲଭ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ଆମେ ସାରା ରାଜ୍ୟରେ ଶକ୍ତି ଭିତ୍ତିଭୂମିକୁ ମଜଭୁତ କରିବୁ ।
- ବାତ୍ୟା ସମ୍ବନ୍ଧୀୟ କ୍ଷୟକ୍ଷତି ହ୍ରାସ କରିବା ପାଇଁ ଉପକୂଳବର୍ତ୍ତୀ ସହରାଞ୍ଚଳରେ ଭୂତଳ ଶକ୍ତି ଯୋଗାଣ ଲାଇନ୍ ବିସ୍ତାର ଦିଗରେ କାମ କରାଯିବ ।
- ସବୁଜ ଶକ୍ତିର ବ୍ୟବହାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରାଯିବ ।
- ଶକ୍ତି ସଂରକ୍ଷଣ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ହେଉଥିବା ଉଦ୍ୟମଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ।






# ଗ୍ରାମାଞ୍ଚଳର ବ୍ୟାପକ ବିକାଶ ଓ ସେବା

# ଆମ ଗ୍ୟାରେଣ୍ଟି




ଗ୍ରାମଗୁଡ଼ିକ ଆମ ରାଜ୍ୟର ହୃଦସ୍ପନ୍ଦନ ଭାବରେ କାର୍ଯ୍ୟ କରେ । ତେଣୁ "ନବୀନ ଓଡ଼ିଶା"ର ନିର୍ମାଣରେ ଗ୍ରାମାଞ୍ଚଳ ବିକାଶ ସର୍ବାଧିକ ଗୁରୁତ୍ୱ ବହନ କରେ । ଆମେ ଗ୍ରାମାଞ୍ଚଳର ବିକାଶ ପାଇଁ ବିପୁଳ ପରିମାଣର ପାଣ୍ଠି ବିନିଯୋଗ କରିଛୁ । ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ତଥା ରକ୍ଷଣାବେକ୍ଷଣ, ଗ୍ରାମାଞ୍ଚଳ ଲୋକଙ୍କୁ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଏବଂ ଅନ୍ୟାନ୍ୟ ଜରୁରୀ ସେବା, ବିଶୁଦ୍ଧ ପାଇପ୍ ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ସେବା ଯୋଗାଇବା ଜାରି ରଖିବୁ । ସୁଲଭ ମୂଲ୍ୟରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ, ଖାଦ୍ୟ ନିରାପତ୍ତା ଇତ୍ୟାଦି ସୁବିଧା ଏବଂ ସେବାଗୁଡ଼ିକର ବ୍ୟାପକ ବିକାଶ ସହିତ ଗ୍ରାମାଞ୍ଚଳର ରୂପାନ୍ତର କରାଯିବ ।

- **୧୦୦ ୟୁନିଟ୍ ରୁ କମ୍ ବିଜୁଳି** ବ୍ୟବହାର କରୁଥିବା ସମସ୍ତ ଘରୋଇ ଉପଭୋକ୍ତାଙ୍କୁ **ମାଗଣା ବିଜୁଳି** ଯୋଗାଇ ଦିଆଯିବ । **୧୦୦ରୁ ୧୫୦ ୟୁନିଟ୍ ବିଜୁଳି** ବ୍ୟବହାର କରୁଥିବା ଘରୋଇ ଉପଭୋକ୍ତାଙ୍କୁ **୫୦ ୟୁନିଟ୍ ବିଜୁଳି ମାଗଣା** ଦିଆଯିବ । ସହରାଞ୍ଚଳ ବାସିନ୍ଦାମାନେ ଏହାଦ୍ୱାରା ଲାଭବାନ ହେବେ ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ ।
- ଉଚ୍ଚ ମାନର ରାସ୍ତା ସହିତ ସମସ୍ତ ଗାଁକୁ ସଂଯୋଗ କରିବା ଏବଂ ପ୍ରତ୍ୟେକ ସ୍ଥାନ, ଯେଉଁଠାରେ ସେତୁର ଆବଶ୍ୟକତା ରହିଛି, ସେଠାରେ ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ କରାଯିବ ।
- ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ପ୍ରତିଦିନ ଏକାଧିକ ଟ୍ରିପ୍ ସହିତ ସମସ୍ତ ପଞ୍ଚାୟତକୁ ଲୋକେସନ ଆକ୍ସେସିବିଲିଟି ମଲ୍ଟିମୋଡାଲ୍ ଇନିସିଏଟିଭ୍ ବା "ଲକ୍ଷ୍ମୀ ବସ୍" ସେବା ଯୋଗାଇ ଦିଆଯିବ ।
- 5T ଉପକ୍ରମ ଅଧିନରେ "ମୋ ସ୍କୁଲ" କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନବୀକରଣ କରାଯିବ ।
- 5T ଉପକ୍ରମ ଅଧିନରେ ଆମ ହସ୍ପିଟାଲ୍ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରାଯିବ ।
- ସମସ୍ତ ଗାଁରେ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ ।
- ସମସ୍ତ ଗାଁରେ ଗୁଣାତ୍ମକ ନିର୍ଭରଯୋଗ୍ୟ ମୋବାଇଲ୍ ସଂଯୋଗ ସୁନିଶ୍ଚିତ କରାଯିବ । ରାଜ୍ୟର ସମସ୍ତ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ନେଟୱାର୍କ ପହଞ୍ଚିବ ।
- ଉପଲବ୍ଧ ଜ୍ଞାନକୌଶଳ ଜରିଆରେ ସମସ୍ତ ଚାଷ ଜମି ପାଇଁ ଜଳସେଚନ ସୁବିଧା ସୁନିଶ୍ଚିତ କରାଯିବ ।
- ଗ୍ରାମୀଣ ଓଡ଼ିଶାର ରୂପାନ୍ତର କରିବା ଉଦ୍ଦେଶ୍ୟରେ "ଆମ ଓଡ଼ିଶା ନବୀନ ଓଡ଼ିଶା" କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ଆମେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଅନୁସାରେ ଉପଯୋଗୀ ଭିତ୍ତିଭୂମିର ବିକାଶ କରିବୁ ।
- ଗ୍ରାମାଞ୍ଚଳ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମ ବ୍ୟାଙ୍କ ସୁବିଧା ଆହୁରି ସୁଦୃଢ଼ କରାଯିବ ।



# ଯୋଜନାବଦ୍ଧ ଦ୍ରୁତ ସହରୀକରଣ



# ଆମ ଗ୍ୟାରେଣ୍ଟି




ଓଡ଼ିଶାର ସହରୀ ବିକାଶ ମଡେଲ ପରିବେଶ ସୁରକ୍ଷା ଓ ସମାଜର ସମସ୍ତ ବର୍ଗଙ୍କ ସାମୁହିକ ବିକାଶ ଉପରେ ଆଧାରିତ । ଏଥିପାଇଁ ରାଜ୍ୟ, ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି । ସହରୀକରଣର ପ୍ରକ୍ରିୟାକୁ ସ୍ଥାୟୀ ଢଙ୍ଗରେ କରିବା ପାଇଁ ଆମେ ଆମର ପ୍ରଗତିଶୀଳ ନୀତି ଜାରି ରଖିବୁ । ଆମ ସହରଗୁଡ଼ିକ ଯେପରି ରାଜ୍ୟର ବିକାଶର ଇଞ୍ଜିନ୍ ଭାବରେ କାମ କରିବେ, ସେଥିପାଇଁ ଉପଯୁକ୍ତ ଯୋଜନା ମାଧ୍ୟମରେ ଦ୍ରୁତ ସହରୀକରଣ ସୁନିଶ୍ଚିତ କରାଯିବ । ସହରାଞ୍ଚଳରେ ଦ୍ରୁତ ଆର୍ଥିକ ବିକାଶ ଆଖପାଖ ଅଞ୍ଚଳରେ ମଧ୍ୟ ସମୃଦ୍ଧି ଆଣିବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏଥିପାଇଁ ବିଶ୍ୱର ଶ୍ରେଷ୍ଠ ସହରୀ ବିକାଶ ବ୍ୟବସ୍ଥାର ଅଧ୍ୟୟନ କରି ଏହାକୁ ଓଡ଼ିଶାରେ କାର୍ଯ୍ୟକ୍ଷମ କରାଯିବ ।

ନିମ୍ନୋକ୍ତ କେତେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯିବ:

- ଚାରିଟି ପ୍ରମୁଖ ସହରୀ କ୍ଲଷ୍ଟର ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ହେବ ଭୁବନେଶ୍ୱର-କଟକ-ପୁରୀ-ଖୋର୍ଦ୍ଧା, ସମ୍ବଲପୁର-ଝାରସୁଗୁଡା-ରାଉରକେଲା, ବାଲେଶ୍ୱର-ବାରିପଦା-ଭଦ୍ରକ ଏବଂ ବ୍ରହ୍ମପୁର-ଗୋପାଳପୁର-ଛତ୍ରପୁର କ୍ଲଷ୍ଟରରେ ବ୍ୟାପକ ପୁଞ୍ଜି ବିନିଯୋଗ ସହ ଯୋଜନାବଦ୍ଧ ସହରୀକରଣ ଓ ବିକାଶ କରାଯିବ । ଏହି କ୍ଲଷ୍ଟରଗୁଡ଼ିକ ଆଖପାଖ ଅଞ୍ଚଳର ଅର୍ଥନୈତିକ ଇଞ୍ଜିନ ଭାବରେ କାର୍ଯ୍ୟ କରିବ ।
- ରାଜ୍ୟର ବିଭିନ୍ନ ପ୍ରମୁଖ ଛୋଟବଡ଼ ସହରର ବିକାଶ କରାଯିବ । ବନ୍ଦରଭିତ୍ତିକ ସହର ବିକାଶ ହେବ ଓ ପ୍ରମୁଖ ସହରଗୁଡିକ ଆର୍ଥିକ ବିକାଶର କେନ୍ଦ୍ର ଭାବେ ଭୂମିକା ଗ୍ରହଣ କରିବେ ।
- ବଲାଙ୍ଗିର, କୋରାପୁଟ-ଜୟପୁର, ବରଗଡ଼, ରାୟଗଡ଼, ଭବାନୀପାଟଣା, ପାରାଦ୍ୱୀପ, ଢେଙ୍କାନାଳ, ଯୋଡ଼ା-ବଡ଼ବିଲ, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ଼, କେନ୍ଦ୍ରାପଡ଼ା ଏବଂ ନୟାଗଡ଼କୁ ଯୋଜନାବଦ୍ଧ ଭାବେ ବିକଶିତ କରାଯିବା ସହ ଆଧୁନିକ ସୁବିଧା ଉପଲବ୍ଧ କରାଯିବ ।
- ବନ୍ଦର ଭିତ୍ତିକ ସହର ବିକାଶ ହେବ ଓ ପ୍ରମୁଖ ସହର ଗୁଡିକ ଆର୍ଥିକ ବିକାଶର କେନ୍ଦ୍ର ଭାବେ ପ୍ରମୁଖ ଭୂମିକା ଗ୍ରହଣ କରିବେ ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ଭାବେ ବିକଶିତ କରିବାକୁ ଯାଉଛୁ । ଏଥିରେ ଅନ୍ତର୍ଜାତୀୟ ବିମାନବନ୍ଦର, ଆଧାତ୍ମିକ ଓ କଲ୍ୟାଣ କେନ୍ଦ୍ର, ସବୁଜ ଶିକ୍ଷାଞ୍ଚଳ ତଥା ଆମ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ ହେବ ।
- ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପ ୪ ବର୍ଷର ସମୟସୀମାରେ କାର୍ଯ୍ୟକ୍ଷମ ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ପୁରୀ ପର୍ଯ୍ୟନ୍ତ ମେଟ୍ରୋର ସମ୍ପ୍ରସାରଣ କରାଯିବ ।
- ସହରାଞ୍ଚଳ ଯୋଜନା ଏବଂ ଏ ସମ୍ପର୍କିତ ନିୟମାବଳୀରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ପ୍ରଶାସନିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ।
- ପାନୀୟ ଜଳ ଯୋଗାଣ, ପରିମଳ, ସଡ଼କ ଏବଂ ପକ୍କାଘର, ଟ୍ରାଫିକ୍ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍, ସେୱରେଜ୍, ଡ୍ରେନେଜ୍ ଇତ୍ୟାଦି ସମେତ ରାଜ୍ୟରେ ସହରାଞ୍ଚଳ ଏବଂ ମ୍ୟୁନିସିପାଲିଟି ଭିତ୍ତିଭୂମି ତଥା ସେବା ବୃଦ୍ଧି କରାଯିବ ।
- ବିଜୁ ଆଦର୍ଶ କଲୋନୀ ଯୋଜନା ଅଧୀନରେ ବସ୍ତି ଅଞ୍ଚଳର ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯିବ । ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହାର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯିବ । ଜାଗା ମିଶନ ଅଧୀନରେ ହିତାଧିକାରୀ ଚିହ୍ନଟ କରାଯାଇ ସେମାନଙ୍କ ଜମି ଅଧିକାର ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ । ଦକ୍ଷତା ବିକାଶ ମାଧ୍ୟମରେ ବସ୍ତି ଅଞ୍ଚଳ ଯୁବକଯୁବତୀମାନଙ୍କୁ ଭଲ ଚାକିରିର ସୁଯୋଗ ଯୋଗାଇ ଦିଆଯିବ ।

# ଆମ ଗ୍ୟାରେଣ୍ଟି

- **୧୦୦ ୟୁନିଟ୍ ରୁ କମ୍ ବିଜୁଳି** ବ୍ୟବହାର କରୁଥିବା ସମସ୍ତ ଘରୋଇ ଉପଭୋକ୍ତାଙ୍କୁ **ମାଗଣା ବିଜୁଳି** ଯୋଗାଇ ଦିଆଯିବ । **୧୦୦ରୁ ୧୫୦ ୟୁନିଟ୍ ବିଜୁଳି** ବ୍ୟବହାର କରୁଥିବା ଘରୋଇ ଉପଭୋକ୍ତାଙ୍କୁ **୫୦ ୟୁନିଟ୍ ବିଜୁଳି ମାଗଣା** ଦିଆଯିବ । ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ପାଖାପାଖି ସମସ୍ତ ପରିବାର ଏଥିରେ ସାମିଲ୍ ହେବେ । ସହରାଞ୍ଚଳ ବାସିନ୍ଦାମାନେ ମଧ୍ୟ ଏହାଦ୍ୱାରା ଲାଭବାନ ହେବେ । ଏହି ଯୋଜନାରେ ରାଜ୍ୟର ୮୫-୯୦ ପ୍ରତିଶତ ପରିବାର ଲାଭବାନ ହେବେ ।
- ରାଜଧାନୀ ଅଞ୍ଚଳ ସହରୀ ପରିବହନ (CRUT)ର ସେବାଗୁଡ଼ିକର ସମ୍ପ୍ରସାରଣ କରାଯିବ । ରାଜ୍ୟର ସମସ୍ତ ପ୍ରମୁଖ ସହରରେ ସାଧାରଣ ପରିବହନକୁ ପ୍ରାଥମିକତା ଦିଆଯିବ ଏବଂ ସାଧାରଣ ପରିବହନ ବ୍ୟବହାର କରିବା ପାଇଁ ନାଗରିକମାନଙ୍କୁ ପ୍ରୋତ୍ସାହନ ଦିଆଯିବ ।
- ସହରାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ଏବଂ କୋଚିଂ ବ୍ୟବସ୍ଥା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ । ଲୋକଙ୍କୁ କ୍ରୀଡା, ଫିଟନେସ ଓ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରୋତ୍ସାହନ ଦିଆଯିବ ।
- ସ୍ୱୟମ୍ ଯୋଜନା ଅଧୀନରେ ପୌରାଞ୍ଚଳରେ କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠା ପାଇଁ ପୌରାଞ୍ଚଳରେ ଯୁବକଯୁବତୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ ।
- ଉପଯୁକ୍ତ ନିୟାମକ ଢାଞ୍ଚା ମାଧ୍ୟମରେ ଆବାସିକ ପ୍ଲଟଗୁଡିକର ଯୋଜନାବଦ୍ଧ ବିକାଶ କରାଯିବ । ଏହାଦ୍ୱାରା ସୁଲଭ ମୂଲ୍ୟରେ ଗୃହ ନିର୍ମାଣ ସୁନିଶ୍ଚିତ କରାଯିବ ।
- ସହରାଞ୍ଚଳରେ ସବୁଜିମା, ସର୍ବସାଧାରଣ ପ୍ଲାଜା ଏବଂ ଜଳାଶୟ ସହିତ ପରିବେଶ ଅନୁକୂଳ ଜୀବନଶୈଳୀ ସୁନିଶ୍ଚିତ କରାଯିବ ।







# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର

# ଆମ ଗ୍ୟାରେଣ୍ଟି

ଓଡ଼ିଶାର ଦୁଇ ହଜାର ବର୍ଷର ପୁରୁଣା ସମୃଦ୍ଧ ସାଂସ୍କୃତିକ ଇତିହାସ ରହିଛି । ଆମର ସଂସ୍କୃତି, ଭାଷା ଓ ସାହିତ୍ୟ ବହୁ ମୂଲ୍ୟବାନ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଏହି ପ୍ରାଚୁର୍ଯ୍ୟଭରା ଐତିହ୍ୟର ସଂରକ୍ଷଣ ଓ ପ୍ରସାର କରିବା ଆମର ନୈତିକ କର୍ତ୍ତବ୍ୟ । ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ । 'ନବୀନ ଓଡ଼ିଶା' ଏମିତି ଏକ ଭୂଖଣ୍ଡ ଭାବେ ଉଭା ହେବ ଯେଉଁଠାରେ ସବୁ ଓଡ଼ିଆ ଏହାର ଅଧିବାସୀ ଭାବେ ଗର୍ବ ଅନୁଭବ କରିବେ ।


- 'ଭାଷା ହିଁ ଭବିଷ୍ୟତ' ଉପରେ ପର୍ଯ୍ୟବେସିତ ହୋଇ ନିକଟରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀର ଆୟୋଜନ ହୋଇଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ବିଶେଷଜ୍ଞ, ଛାତ୍ରଛାତ୍ରୀ, ଭାଷାବିତମାନଙ୍କ ଦ୍ୱାରା ପ୍ରଦତ୍ତ ପରାମର୍ଶ ଓ ସୁପାରିଶ ସବୁକୁ ୩ ବର୍ଷ ମଧ୍ୟରେ ଲାଗୁ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ରାଜ୍ୟର ବିଶେଷଜ୍ଞ ଓ ଭାଷାବିତଙ୍କ ସହ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ନେଇ ପ୍ରତ୍ୟେକ ବର୍ଷ ରାଜ୍ୟସ୍ତରରେ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ ।
- ଓଡ଼ିଶା ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ମଧ ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରୁ କୌଣସି ଅନୁଦାନ ପାଇନାହିଁ । ଓଡ଼ିଆ ଭାଷାର ପ୍ରୋତ୍ସାହନ ସହ ଏହାକୁ ଡିଜିଟାଲ୍ ଯୁଗରେ ଆଗକୁ ନେବା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷା ସାହିତ୍ୟ ଏବଂ ସାଂସ୍କୃତିକ ଐତିହ୍ୟ, ଶିକ୍ଷା ଓ ଗବେଷଣା ପାଇଁ ଆମେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବୁ । ଏହି ବାବଦରେ ୨୫ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ ।
- ଆମେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ 'ମୁଣ୍ଡାରୀ', 'କୁଇ', 'ସଉରା' ଏବଂ 'ହୋ' ଭାଷାକୁ ସାମିଲ କରିବା ନେଇ କେନ୍ଦ୍ର ସରକାରଙ୍କ ନିକଟରେ ନିରନ୍ତର ଦାବି ଉପସ୍ଥାପନ କରିବୁ ।
- କଳାକାରମାନେ ଆମ ଅନନ୍ୟ ସଂସ୍କୃତି ତଥା ପରମ୍ପରାର ବାର୍ତ୍ତାବହ । ସେମାନଙ୍କୁ ଆହୁରି ସଶକ୍ତ କରିବା ଆମର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ । ଆମର ସମୃଦ୍ଧ କଳା ଓ କଳାକାରଙ୍କ ବିକାଶ ପାଇଁ ମିଶନ୍ ଶକ୍ତି ମହାସଂଘ ଭଳି କଳାକାର ମହାସଂଘ ଗଠନ କରାଯିବ । କଳାକାର ଭତ୍ତାକୁ ଆହୁରି ବ୍ୟାପକ କରାଯିବ ।



# ଆମ ଗ୍ୟାରେଣ୍ଟି



- ଦେଶର ବିଭିନ୍ନ ପ୍ରାନ୍ତ ଓ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଓଡ଼ିଆ ନାଗରିକ ଅନୁଷ୍ଠାନଗୁଡ଼ିକୁ ତାଲିକାଭୁକ୍ତ କରି 'ଓଡ଼ିଆ ପରିବାର ନିର୍ଦ୍ଦେଶାଳୟ'କୁ ଯୋଗାଯୋଗର ଏକକ ବିନ୍ଦୁ ଭାବେ ସଶକ୍ତ କରିବୁ ।
- ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ପାଇଁ ପଦ୍ମଶ୍ରୀ ଓ ପଦ୍ମଭୂଷଣ ଭଳି କଳିଙ୍ଗ ଶ୍ରୀ ଓ କଳିଙ୍ଗ ଭୂଷଣ ସମ୍ମାନ ପ୍ରଦାନ କରାଯିବ ।
- ଐତିହ୍ୟସ୍ଥଳଗୁଡ଼ିକର ପୁନରୁଦ୍ଧାର ପାଇଁ ଆମେ ସ୍ୱତନ୍ତ୍ର ଭାବେ ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ଅର୍ଥରେ ଉପାସନାସ୍ଥଳୀ, ମହାପୁରୁଷମାନଙ୍କ ସହ ସମ୍ପର୍କିତ ସ୍ଥାନ ଏବଂ ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ସ୍ଥଳୀଗୁଡ଼ିକର ପୁନରୁଦ୍ଧାର ଓ ବିକାଶ କରାଯିବ ।
- ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡ଼ିତ । ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ସହ ତୀର୍ଥଯାତ୍ରୀଙ୍କ ସୁବିଧା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ଏହା ସହ ରାଜ୍ୟର ଅନ୍ୟ ସମସ୍ତ ପ୍ରମୁଖ ମନ୍ଦିରକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ସେହିଭଳି, ଜନଜାତିବର୍ଗଙ୍କ ଆରାଧନାସ୍ଥଳୀକୁ SDC ମାଧ୍ୟମରେ ସୁରକ୍ଷା ଏବଂ ସଂରକ୍ଷଣ ଯୋଗାଇ ଦିଆଯିବ । ରାଜ୍ୟରେ ବସବାସ କରୁଥିବା ସମସ୍ତ ସମ୍ପ୍ରଦାୟର ବିଶ୍ୱାସକୁ ସମ୍ମାନ ଓ ସୁରକ୍ଷା ଦିଆଯିବ ।
- ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ୨୦୩୪ ସୁଦ୍ଧା ଦେଶର ଏକ ନମ୍ବର ଭାଷା ବିଶ୍ୱବିଦ୍ୟାଳୟରେ ପରିଣତ ହେବ । ଏହାସହ ପ୍ରତ୍ୟେକ ବର୍ଷ ଓଡ଼ିଆ ଭାଷାରେ ଅନ୍ତର୍ଜାତୀୟସ୍ତରର ପତ୍ରିକା ପ୍ରକାଶିତ ହେବ ।





# ଆମ ଗ୍ୟାରେଣ୍ଟି

- ହସ୍ତତନ୍ତ ଓ ବୟନଶିଳ୍ପ ରାଜ୍ୟ ସଂସ୍କୃତିର ଏକ ଅନନ୍ୟ ପରିଚୟ । ବୁଣାକାର ଓ କାରିଗରମାନଙ୍କୁ ମାଗଣାରେ ୩ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସହାୟତା ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ ବୁଣାକାର ଓ କାରିଗର ମାସିକ ଭତ୍ତା ପାଇବେ ।
- ବୁଣାକାର ଏବଂ କାରିଗରଙ୍କୁ ନୂତନ ଡିଜାଇନ ସମ୍ପର୍କରେ ଜଣାଇବା ପାଇଁ ବିଶ୍ୱସ୍ତରୀୟ ରାଜ୍ୟ ଫ୍ୟାସନ ଟେକ୍ନୋଲୋଜି ସଂସ୍ଥାନ ପ୍ରତିଷ୍ଠା କରାଯିବ ।
- ପଦ୍ମ ପୁରସ୍କାରରେ ସମ୍ମାନିତ ଓଡ଼ିଶାର ସମସ୍ତ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ ଅନନ୍ୟ ଅବଦାନ ପାଇଁ ମାସକୁ ୨୫,୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯିବ ।
- ସବୁ ଜିଲ୍ଲାରେ ସାଂସ୍କୃତିକ କେନ୍ଦ୍ରଗୁଡ଼ିକର ପୁନର୍ବିକାଶ କରାଯିବ । ସଂସ୍କୃତି ସଂରକ୍ଷଣ ଓ ଏହାର ପ୍ରସାର ପାଇଁ ଏଗୁଡ଼ିକ ପ୍ରାଣକେନ୍ଦ୍ର ଭାବେ କାର୍ଯ୍ୟ କରିବ ।
- ରାଜ୍ୟର ସମସ୍ତ ପଞ୍ଚାୟତରେ ଭାଗବତ ଟୁଙ୍ଗୀର ପ୍ରସାର କରାଯିବ ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ରାଜ୍ୟର ପ୍ରମୁଖ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭାବେ ବିକଶିତ କରାଯିବ ।
- ସାରା ରାଜ୍ୟରେ ସର୍ବସାଧାରଣ ପାଠାଗାର ଖୋଲିବା ପାଇଁ ବ୍ୟବସ୍ଥା କରାଯିବ ।
- ଦକ୍ଷିଣ-ପୂର୍ବ ଏସିଆର ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସହଭାଗିତାରେ କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ନୌବାଣିଜ୍ୟ ବିକାଶ ଉପରେ ଗବେଷଣା ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ ।





# ସମସ୍ତଙ୍କ ପାଇଁ ସୁନିଶ୍ଚିତ ଖାଦ୍ୟ ଓ ସାମାଜିକ ସୁରକ୍ଷା

# ଆମ ଗ୍ୟାରେଣ୍ଟି

5T ନବୀନ ଗ୍ୟାରେଣ୍ଟି

ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ଅନାହାର ମୃତ୍ୟୁର ଅପବାଦ ମୁଣ୍ଡାଇଥିବା ରାଜ୍ୟ ଏବେ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି । କିନ୍ତୁ ଆମର ଯାତ୍ରା ଏତିକିରେ ଶେଷ ହୋଇନାହିଁ । 'ନବୀନ ଓଡ଼ିଶା' ଗଠନରେ ପ୍ରୟାସ ଜାରି ରଖି ପ୍ରତିବଦ୍ଧତାର ସହ ଯେପରି କୌଣସି ବ୍ୟକ୍ତି ଭୋକିଲା ନରୁହନ୍ତୁ ଏବଂ ଚାଷୀମାନେ ସମ୍ମାନ ସହ ବଞ୍ଚନ୍ତୁ, ଏହାକୁ ସୁନିଶ୍ଚିତ କରାଯିବ । 'ନବୀନ ଓଡ଼ିଶା'ରେ ସମସ୍ତଙ୍କୁ ଏକ ପରିପୂର୍ଣ୍ଣ ଓ ସମ୍ମାନଜନକ ଜୀବନ ବଞ୍ଚିବାର ସୁଯୋଗ ଦେବା ପାଇଁ ସମର୍ପିତ ଭାବେ କାମ କରିବାକୁ ଆମେ ସଂକଳ୍ପବଦ୍ଧ ।

## ୧. ଖାଦ୍ୟ ସୁରକ୍ଷା

- ମାନବସମ୍ବଳ ପରିଚାଳିତ ବ୍ୟବସ୍ଥାକୁ ବନ୍ଦ କରି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଧାନ ସଂଗ୍ରହ ବ୍ୟବସ୍ଥା ଓ ଖାଦ୍ୟ ସାମଗ୍ରୀ ବଣ୍ଟନକୁ ସୁନିଶ୍ଚିତ କରିବୁ ।
- ଜଣେ ବି କେହି ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବେନାହିଁ । ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲକୁ ସୁନିଶ୍ଚିତ କରାଯିବ ।
- ଆହାର କେନ୍ଦ୍ରରେ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଣ ଜାରି ରହିବ ।
- ଅଧିକରୁ ଅଧିକ ବସ୍ ଷ୍ଟାଣ୍ଡ, ମେଡିକାଲ, ଓ ରେଲୱେ ଷ୍ଟେସନ ଭଳି ସ୍ଥାନ ନିକଟରେ ଆହାର କେନ୍ଦ୍ର ଖୋଲାଯିବ ।

## ୨. ବରିଷ୍ଠ ନାଗରିକ କଲ୍ୟାଣ

- ଉପଯୁକ୍ତ ଯତ୍ନ ତଥା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଷ୍ଟେଟ୍-ଅଫ୍-ଦି-ଆର୍ଟ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ । ସମୟ ଅନୁଯାୟୀ ପରିବର୍ତ୍ତିତ ଆବଶ୍ୟକତା ଆଧାରରେ ବୃଦ୍ଧାବସ୍ଥାରେ ସେମାନଙ୍କୁ ଅଧିକ କ୍ରିୟାଶୀଳ କରିବା ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯିବ ।
- ଆମ ସରକାର ବୃଦ୍ଧାବସ୍ଥାରେ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ କାର୍ଯ୍ୟ କରିବ । ଏଥିପାଇଁ ଘରୋଇ ସଂସ୍ଥା ସହ ସହଭାଗିତାରେ ସାରା ରାଜ୍ୟରେ ଆକ୍ଟିଭ୍ ଏଜିଂ ସେଣ୍ଟର୍ ପ୍ରତିଷ୍ଠା ସହ ବରିଷ୍ଠ ନାଗରିକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଗୃହ ସ୍ୱାସ୍ଥ୍ୟ ସହାୟିକାଙ୍କ ଗୋଟିଏ କ୍ୟାଡର୍ ପ୍ରସ୍ତୁତ କରାଯିବ ।
- ସମସ୍ତ ଯୋଗ୍ୟ ବ୍ୟକ୍ତି ଜୀବିତ ଥିବା ପର୍ଯ୍ୟନ୍ତ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ପେନ୍‌ସନ୍ ପାଇବେ ।



# ଆମ ଗ୍ୟାରେଣ୍ଟି



- ବରିଷ୍ଠ ନାଗରିକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଉନ୍ନତ ଓ ସୁଲଭ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଏଥିରେ ସାଧାରଣତଃ ଦେଖାଯାଉଥିବା ବୟସଗତ ରୋଗ; ଯେପରିକି କର୍କଟ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ଏକକ ସ୍କ୍ରିନିଂର ବ୍ୟବସ୍ଥା ରହିବ ।
- ପ୍ରତିବର୍ଷ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଆଧ୍ୟାତ୍ମିକ ତୀର୍ଥସ୍ଥଳୀ ପରିଦର୍ଶନ କରାଇବୁ ।
- ନିରାଶ୍ରୟ ବରିଷ୍ଠ ନାଗରିକମାନଙ୍କ ପାଇଁ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର (Integrated Infrastructure centre) ଖୋଲାଯିବ ।
- ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଅନୁକୂଳ ସର୍ବସାଧାରଣ ସେବା ଓ ପରିବହନ ସେବାକୁ ସୁନିଶ୍ଚିତ କରାଯିବ ।

## ୩. ଭିନ୍ନକ୍ଷମ:

- କୌଶଳ ବିକାଶ ଓ ଉଦ୍ୟୋଗ ବିକାଶ ତାଲିମ ଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ ।
- ସହାୟକ ପ୍ରଯୁକ୍ତି ବିଦ୍ୟା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ଏକ ପ୍ରଭାବୀ ପାଣ୍ଠି ପ୍ରତିଷ୍ଠା କରାଯିବ ।
- ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ଖାଲି ଥିବା ବିଭିନ୍ନ ସରକାରୀ ପଦବୀଗୁଡ଼ିକୁ ପୂରଣ କରାଯିବ ।
- ୨୦୨୬ ମଧ୍ୟରେ ଆମେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି ସହ ଭିନ୍ନକ୍ଷମ ମହିଳା ଓ ଝିଅମାନଙ୍କ ପାଇଁ ସ୍ମାର୍ଟଫୋନର ବ୍ୟବସ୍ଥା କରିବାକୁ ଯୋଜନା କରାଯିବ ।
- ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ବଜେଟକୁ ବୃଦ୍ଧି କରାଯିବ । ଏହା ଦେଶରେ ସର୍ବାଧିକ ହେବ ।
- ଭିନ୍ନକ୍ଷମମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଯିବା ପାଇଁ ଉପଯୁକ୍ତ କୌଶଳ ତାଲିମ ଦିଆଯିବ ।
- ଭିନ୍ନକ୍ଷମଙ୍କ କ୍ଷେତ୍ରରେ ଅଟିଜିମ୍ ଓ ସ୍ନାୟବିକ ବିକୃତିର ଚିକିତ୍ସା ପାଇଁ ଜିଲ୍ଲାସ୍ତରରେ ପୁନର୍ବାସ କେନ୍ଦ୍ରର ପ୍ରତିଷ୍ଠା କରାଯିବ ।
- ପାରା ସ୍ପୋର୍ଟ୍ସକୁ ଗୁରୁତ୍ୱ ଦିଆଯିବ ।

## ୪. ମଧ୍ୟବିତ୍ତ କଲ୍ୟାଣ

- ମଧ୍ୟବିତ୍ତ ପରିବାରବର୍ଗଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ଦିଆଯିବ । ୧୦୦ରୁ ୧୫୦ ୟୁନିଟ୍ ବ୍ୟବହାର କରୁଥିବା ପରିବାରବର୍ଗ ୫୦ ୟୁନିଟ୍ ମାଗଣା ବିଜୁଳି ପାଇବେ ।
- ମଧ୍ୟବିତ୍ତବର୍ଗଙ୍କୁ ମଧ୍ୟ ବିଏସକେୱାଇର ସୁବିଧା ।
- ସୁଧ ରିହାତି ବ୍ୟବସ୍ଥା ସହିତ ମଧ୍ୟବିତ୍ତଙ୍କୁ ୨୦ ଲକ୍ଷ ପର୍ଯ୍ୟନ୍ତ ଗୃହଋଣ ପ୍ରଦାନର ବ୍ୟବସ୍ଥା ।
- ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ଓ ଶିକ୍ଷା ଋଣ (୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ପ୍ରଦାନ ସହ ସରକାରୀ ଶିକ୍ଷାନୁଷ୍ଠାନର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଆମ ପିଲାମାନଙ୍କ ଭିତରେ ପ୍ରତିଯୋଗୀ ଭାବନା ଜାଗ୍ରତ ସହ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବ ।
- 'ଲକ୍ଷ୍ମୀ' ଓ 'ମୋ ବସ୍' ସେବାକୁ ବ୍ୟାପକ କରି ସମସ୍ତଙ୍କ ପାଇଁ ସୁଲଭ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ ହେବ ।

# ଆମ ଗ୍ୟାରେଣ୍ଟି

### ୫. ସାମାଜିକ ସୁରକ୍ଷା

- ବିଏସ୍‌କେୱାଇ ଅଧୀନରେ ସମସ୍ତଙ୍କୁ ସାମିଲ କରାଯିବ । ସମସ୍ତ ଯୋଗ୍ୟ ପରିବାର ଏହାର ପରିସରଭୁକ୍ତ ହେବେ ।
- ସମାଜର ଦୁର୍ବଳବର୍ଗର ଲୋକଙ୍କୁ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ପ୍ରଦାନ ପାଇଁ ମନରେଗା ଓ ମୁକ୍ତା ଯୋଜନାକୁ ଆହୁରି ସଶକ୍ତ କରାଯିବ ।
- ବସ୍, ଟ୍ରକ, ଟ୍ୟାକ୍ସି, ଅଟୋ ଡ୍ରାଇଭର ଓ ଅସଂଗଠିତ ଶ୍ରମଜୀବୀମାନଙ୍କ ସାମାଜିକ ସୁରକ୍ଷା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।
- ସାମ୍ବାଦିକ, ଆଇନଜୀବୀ, ସେବାନିବୃତ୍ତ ସେନା କର୍ମଚାରୀମାନଙ୍କ ଭଳି ସ୍ୱତନ୍ତ୍ର ବର୍ଗର ନାଗରିକମାନଙ୍କ କଲ୍ୟାଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ।
- ସରକାରୀ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ପାଇଁ କଲ୍ୟାଣକାରୀ ପଦକ୍ଷେପ ନିଆଯିବ ।
- ଠିକା ଓ ଆଉଟସୋର୍ସିଂ କର୍ମଚାରୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ ଓ CSS ମିଶନ ଶକ୍ତିଙ୍କ ପାଇଁ ମଙ୍ଗଳକାରୀ ପଦକ୍ଷେପ ନିଆଯିବ ବୋଲି ଆମେ ସୁନିଶ୍ଚିତ କରିବୁ ।



# ଓଡ଼ିଶାର ଅଧିକାର ଆମର ଦାବି

**ଗତ ୧୦ ବର୍ଷ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଲଗାତାର ଭାବେ ଅବହେଳା କରୁଛନ୍ତି । ରାଜ୍ୟ ସରକାର ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଓଡ଼ିଶାର ଅନେକ ଦାବିକୁ କେନ୍ଦ୍ର ସରକାର ଏଯାଏ ପୂରଣ କରିନାହାନ୍ତି ।**

## ଓଡ଼ିଶାର ପ୍ରମୁଖ ଦାବି ହେଲା

୧. **ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା :** ବହୁ ଦିନ ହେଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବି କରି ଆସୁଛି ଓଡ଼ିଶା । କେନ୍ଦ୍ର ଦ୍ୱାରା ଲଗାତାର ଭାବେ ଅବହେଳାର ଶିକାର ଓ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେଉଥିବାରୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହେଉଛି ଓଡ଼ିଶାର ଯୁକ୍ତିଯୁକ୍ତ ଓ ନ୍ୟାଯ୍ୟ ଦାବି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ୨୦୧୪ ରେ ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା । କେନ୍ଦ୍ରରେ ବିଜେପି ସରକାର ସତ୍ତ୍ୱେ ସେତେବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିଲା । ୨୦୧୯ ରେ ତ ବିଜେପି ଏହାକୁ ନିଜ ନିର୍ବାଚନୀ ଇସ୍ତାହାରରେ ରଖି ମଧ ନ ଥିଲା । ଓଡ଼ିଶାବାସୀଙ୍କ ଏହି ନ୍ୟାୟୋଚିତ ଦାବି କୁ ଏଥର ୨୦୨୪ରେ ମଧ ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ରଖି ନାହିଁ ।

୨. **କେନ୍ଦ୍ର ସରକାର ଓଡ଼ିଶାକୁ ଉପଯୁକ୍ତ ପରିମାଣର ପାଣ୍ଠିରୁ ବଞ୍ଚିତ କରୁଛନ୍ତି**

- ମୋଟ ରାଜସ୍ୱ ଆଦାୟର ଯେତେ ପ୍ରତିଶତ ଓଡ଼ିଶାକୁ ମିଳିବାର କଥା, ତାହା ଲଗାତାର ଭାବେ ହ୍ରାସ କରି ଚାଲିଛନ୍ତି କେନ୍ଦ୍ର ସରକାର । ୨୦୧୭-୧୮ ରେ ମୋଟ ରାଜସ୍ୱ ଆଦାୟର ୫୭.୩୮ ପ୍ରତିଶତ ଓଡ଼ିଶାକୁ ମିଳିଥିବା ବେଳେ ୨୦୨୧-୨୨ ରେ ଏହା ୩୭.୯୩ ପ୍ରତିଶତକୁ ଖସି ଆସିଛି ।
- କେନ୍ଦ୍ରୀୟ ଅନୁଦାନ ମଧ ହ୍ରାସ ପାଇବାରେ ଲାଗିଛି । ୨୦୧୯-୨୦ରେ ୨୪ ହଜାର ୧୫୨ କୋଟି ଟଙ୍କା ମିଳିଥିବା ବେଳେ ୨୦୨୨-୨୩ରେ ଏହା ୧୮ ହଜାର ୨୦୦ କୋଟି ଟଙ୍କାକୁ ଖସି ଆସିଛି ।
- ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୦୨୧-୨୨ ରେ ଗ୍ରାମାଞ୍ଚଳର ପଞ୍ଚାୟତିରାଜ ବ୍ୟବସ୍ଥାକୁ ପ୍ରଦାନ କରାଯାଉଥିବା ଅନୁଦାନରେ ପୂର୍ବ ବର୍ଷ ଅପେକ୍ଷା ୨୬ ପ୍ରତିଶତ ହ୍ରାସ ଘଟିଛି । ସେହିପରି ପୌରାଞ୍ଚଳର ଅନୁଦାନରେ ପୂର୍ବ ବର୍ଷ ଅପେକ୍ଷା ୨୪ ପ୍ରତିଶତ ହ୍ରାସ ଘଟିଛି ।
- ସ୍ପେସିଆଲ୍ ଆସିଷ୍ଟାନ୍ସ ଟୁ ଷ୍ଟେଟସ୍ ଫର୍ କ୍ୟାପିଟାଲ ଇନଭେଷ୍ଟମେଣ୍ଟ (SACI) ବା ପୁଞ୍ଜି ନିବେଶ ପାଇଁ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୦୨୨-୨୩ରେ ଓଡ଼ିଶା ପାଇବାକୁ ଥିବା ୩୬୨୨ କୋଟିରୁ ଟଙ୍କାଟିଏ ମଧ ପ୍ରଦାନ କରି ନାହାନ୍ତି କେନ୍ଦ୍ର ସରକାର ।
- ସବୁ ଯୋଗ୍ୟତା ପୂରଣ କରିବା ସତ୍ତ୍ୱେ ୨୦୨୩-୨୪ରେ SACI ର ଦ୍ୱିତୀୟ କିସ୍ତିରେ ଓଡ଼ିଶା ପାଇବାକୁ ଥିବା ୧୫୦୯କୋଟି ଟଙ୍କା ମଧ ପ୍ରଦାନ କରି ନାହାନ୍ତି କେନ୍ଦ୍ର ସରକାର ।
- ଓଡ଼ିଶାରେ ଚାଲିଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ବା ସେଣ୍ଟ୍ରାଲି ସ୍ପନସର୍ଡ ସ୍କିମ୍ CSS ର ଅନୁଦାନ ଲଗାତାର ଭାବେ ହ୍ରାସ ପାଇ ଚାଲିଛି । ୨୦୨୨-୨୩ରେ କେନ୍ଦ୍ରୀୟ ଯୋଜନାର ଅନୁଦାନରେ ମୋଟ ୧୨ ହଜାର ୩୨୯ କୋଟି ଟଙ୍କାର ହ୍ରାସ ଘଟିଛି ।
- କେନ୍ଦ୍ରୀୟ ଅନୁଦାନ ହ୍ରାସ ଘଟିବା ଦ୍ୱାରା ପ୍ରଭାବିତ ହୋଇଥିବା ଯୋଜନାଗୁଡ଼ିକ ହେଲା ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳ ଆବାସ ଯୋଜନା, ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜଳ ଜୀବନ ମିଶନ, କେନ୍ଦ୍ରୀୟ ସଡ଼କ ପାଣ୍ଠି, ସହରାଞ୍ଚଳ ନବୀକରଣ ମିଶନ (AMRUT), ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ଇତ୍ୟାଦି ।

କେନ୍ଦ୍ରୀୟ ରାଜସ୍ୱରେ ଓଡ଼ିଶାର ଉଲ୍ଲେଖନୀୟ ଭାଗିଦାରୀ ସତ୍ତ୍ୱେ ଓଡ଼ିଶାବାସୀ ସେମାନଙ୍କ ନ୍ୟାଯ୍ୟ ପାଣ୍ଠିରୁ ବଞ୍ଚିତ ହେଉଛନ୍ତି । ଏହା ଦ୍ୱାରା ବହୁ ଉନ୍ନୟନ ପ୍ରକଳ୍ପ ବାଧାପ୍ରାପ୍ତ ହେଉଛି ।

## ୩. କୋଇଲା-ଓଡ଼ିଶା ପ୍ରଦୂଷିତ ହେଉଛି କିନ୍ତୁ ରାଜସ୍ୱ ପାଉନି

- ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ୧୦ ବର୍ଷ ହେଲା କୋଇଲାର ରୟାଲ୍ଟି ବୃଦ୍ଧି କରାଯାଇ ନାହିଁ । ପ୍ରତି ୩ ବର୍ଷରେ ଥରେ କୋଇଲା ରୟାଲଟି ସଂଶୋଧନ କରିବାର ନିୟମ ଥିଲେ ମଧ୍ୟ ଏହା କରାଯାଉନଥିବାରୁ ଓଡ଼ିଶା ବହୁ ପରିମାଣର ରାଜସ୍ୱ ହରାଉଛି ।
- ଗ୍ରୀନ୍ ସେସ୍ ରୁ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଉଥିଲେ ମଧ୍ୟ ସେଥିରୁ ଓଡ଼ିଶାକୁ ତାର ଭାଗ ମିଳୁନି ।
- ରାଷ୍ଟ୍ରାୟତ୍ତ କମ୍ପାନି ମହାନଦୀ କୋଲ୍ ଫିଲଡ୍ ଲାଭ କରିଥିବା ୧୩ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ନେଇ ଯାଉଛନ୍ତି ।
- ଓଡ଼ିଶା ଉତ୍ପାଦନ କରୁଥିବା କୋଇଲାର ଅଧିକାଂଶ ଭାଗ ରାଜ୍ୟ ବାହାରେ ବ୍ୟବହାର କରାଯାଉଛି । ଓଡ଼ିଶା ଭାଗରେ ପଡୁଛି ତ କେବଳ ପ୍ରଦୂଷଣ ।

## ୪. ପଡ଼ୋଶୀ ରାଜ୍ୟ ସହିତ ଥିବା ଜଳ ଓ ସୀମା ବିବାଦରେ କେନ୍ଦ୍ର ସରକାର ଓଡ଼ିଶାକୁ ସମର୍ଥନ କରୁନାହାନ୍ତି

- ଛତିଶଗଡ଼ ସହିତ ଥିବା ମହାନଦୀ ଜଳ ବିବାଦରେ କେନ୍ଦ୍ର ସରକାର ଓଡ଼ିଶାକୁ ସମର୍ଥନ କରୁ ନାହାନ୍ତି । ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ପହଞ୍ଚି ନାହାନ୍ତି । ଏହା ଦ୍ୱାରା ମହାନଦୀ ଜଳର ଯେତେ ଭାଗ ଓଡ଼ିଶାର ଚାଷୀମାନେ ପାଇବା କଥା, ସେଥିରୁ ବଞ୍ଚିତ ହେଉଛନ୍ତି ।
- ଆନ୍ଧ୍ରପ୍ରଦେଶ ସହିତ ଥିବା ବଂଶଧାରା ଜଳ ବିବାଦରେ ମଧ୍ୟ କେନ୍ଦ୍ର ସରକାରଙ୍କ ପାତର ଅନ୍ତରର ଶିକାର ହେଉଛି ଓଡ଼ିଶା ।
- ଆନ୍ଧ୍ରପ୍ରଦେଶର ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ବହୁ ଜଙ୍ଗଲ ଓ ଆଦିବାସୀ ଅଞ୍ଚଳ ବୁଡ଼ି ଯିବାର ଆଶଙ୍କା ଥିବାରୁ ଏହାର ନିର୍ମାଣ ବନ୍ଦ ପାଇଁ ଦାବି ବାରମ୍ବାର କରି ଆସୁଛି । କିନ୍ତୁ କେନ୍ଦ୍ର ସରକାର ଏଥିପ୍ରତି ଟିକେ ମଧ୍ୟ ଧ୍ୟାନ ଦେଇ ନାହାନ୍ତି । ବରଂ ପୋଲାଭରମ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ପ୍ରକାର ଅନୁମୋଦନ ଦେବା ସହିତ ଏହାକୁ ଜାତୀୟ ପ୍ରକଳ୍ପ ଘୋଷଣା କରିଛନ୍ତି ।
- ସୀମାନ୍ତରେ ଥିବା କୋରାପୁଟର କୋଟିଆ ଅଞ୍ଚଳକୁ ନିଜର ବୋଲି ଦାବି କରୁଛି ଆନ୍ଧ୍ରପ୍ରଦେଶ । କିନ୍ତୁ ଏହି ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ।

## ୫. ରାଜ୍ୟରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପ୍ରଚୁର ଲାଭ କରୁଥିବା ସତ୍ତ୍ୱେ ଏହି ସବୁ ସଂସ୍ଥାର ନିଯୁକ୍ତିରେ ଓଡ଼ିଶାର ଯୁବବର୍ଗଙ୍କୁ ଅବହେଳିତ କରାଯାଉଛି

- ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (SAIL), ମହାନଦୀ କୋଲ ଫିଲଡ ଲିମିଟେଡ (MCL), ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ (NTPC), ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ (IOCL), ହିନ୍ଦୁସ୍ତାନ କର୍ପୋରେସନ ଲିମିଟେଡ (HAL) ପରି ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶାରେ ଅଛି ।
- ଗତ ବର୍ଷ ନାଲକୋ ୧୫୦୦ କୋଟି ଟଙ୍କାରୁ ଅଧିକ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୬ଶହ କୋଟି ଟଙ୍କାରୁ ଅଧିକ ଲାଭ କରିଥିଲେ । କିନ୍ତୁ ସେହି ସଂସ୍ଥାଗୁଡିକ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କିଛି କରୁନାହାନ୍ତି ।
- ଏହି ସବୁ କମ୍ପାନିଗୁଡ଼ିକରେ ଓଡ଼ିଶାର ଯୁବକ ଯୁବତୀଙ୍କୁ ଉପଯୁକ୍ତ ପରିମାଣରେ ନିଯୁକ୍ତି ମଧ୍ୟ ମିଳୁନାହିଁ ।
- ରାଜ୍ୟର ବିକାଶରେ ଏହି ସବୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସାମିଲ ହୁଅନ୍ତୁ ବୋଲି ଆମେ ଦାବି କରି ଆସୁଛୁ ।

## ୬. ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି ଓ ଅଧିକ ଧାନ କିଣାରେ ଓଡ଼ିଶାକୁ ଅବହେଳା

- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା MSP କ୍ୱିଣ୍ଟାଲ ପ୍ରତି ୨୯୩୦ଟଙ୍କା କରିବାକୁ ଏବଂ ସ୍ୱାମୀନାଥନ କମିଟି ରିପୋର୍ଟର ସୁପାରିଶ ତୁରନ୍ତ ଲାଗୁ କରିବାକୁ କେନ୍ଦ୍ର ନିକଟରେ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଛନ୍ତି । ଏଥିପାଇଁ ବିଧାନସଭାରେ ମଧ୍ୟ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଛି । କିନ୍ତୁ ଓଡ଼ିଶାବାସୀଙ୍କ ଏହି ନ୍ୟାଯ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଆଖି ବୁଜି ଦେଇଛନ୍ତି ।
- ରାଜ୍ୟର ବାରମ୍ବାର ଅନୁରୋଧ ସତ୍ତ୍ୱେ କିଛି ବର୍ଷ ହେଲା ଓଡ଼ିଶାରୁ ଧାନ ସଂଗ୍ରହ ବହୁତ ହ୍ରାସ କରି ଚାଲିଛନ୍ତି କେନ୍ଦ୍ର ସରକାର ।

## ୭. ଆଦିବାସୀଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି କେନ୍ଦ୍ର ସରକାର

- ରାଜ୍ୟର ୯ଟି ସଂପ୍ରଦାୟକୁ ଅନୁସୂଚିତ ଜାତି ତାଲିକାରେ ସାମିଲ କରିବା ପାଇଁ ଅନୁରୋଧ କରି କେନ୍ଦ୍ରକୁ ବିସ୍ତୃତ ରିପୋର୍ଟ ପଠାଯାଇଛି । କିନ୍ତୁ ଏହା କେନ୍ଦ୍ର ସରକାରଙ୍କ ନିକଟରେ ବହୁ ଦିନ ହେଲା ପଡ଼ି ରହିଛି ।
- ରାଜ୍ୟ ସରକାରଙ୍କ ସୁପାରିଶ ସତ୍ତ୍ୱେ ହୋ, ମୁଣ୍ଡାରୀ, ଭୂମିଜ ପରି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରି ନାହାନ୍ତି କେନ୍ଦ୍ର ସରକାର ।
- ରାଜ୍ୟର ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦୁପତ୍ର ଉପରୁ ଜିଏସଟି ଛାଡ୍ କରି ନାହାନ୍ତି କେନ୍ଦ୍ର ସରକାର । କେନ୍ଦୁପତ୍ରରୁ ବିଡ଼ି ତିଆରି କରିବା ଗରିବ ଆଦିବାସୀମାନଙ୍କ ରୋଜଗାରର ଏକ ପନ୍ଥା ଅଟେ ।

## ୮. ଓଡ଼ିଆ ସଂସ୍କୃତିକୁ ଅବହେଳା

- ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ସଂଗୀତ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ଦୁଇ ଦୁଇ ଥର ସୁପାରିଶ କରିଥିଲେ ମଧ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ।
- ୧୮୫୭ ସିପାହୀ ବିଦ୍ରୋହ ବଦଳରେ ଓଡ଼ିଶାର ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି ରାଜ୍ୟ ସରକାର । ଏହାକୁ ମଧ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ଜମି ଦେବା ସତ୍ତ୍ୱେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣର କାମ ଏଯାଏ ଆରମ୍ଭ ହୋଇନାହିଁ ।
- ଅନ୍ୟ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କେନ୍ଦ୍ର ସରକାର ଯେମିତି ସମ୍ମାନ ଦେଇଛନ୍ତି, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସେଭଳି ସମ୍ମାନ ଦିଆଯାଇନାହିଁ ।
- ଓଡ଼ିଶାର ସୁଯୋଗ୍ୟ ସନ୍ତାନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇ ନାହିଁ ।
- ୧୨ ବର୍ଷ ତଳେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିଆଯାଇଥିଲେ ମଧ ଓଡ଼ିଆ ଭାଷାର ପ୍ରସାର ଓ ଗବେଷଣା ପାଇଁ କୌଣସି ପାଣ୍ଠି ପ୍ରଦାନ କରି ନାହାନ୍ତି କେନ୍ଦ୍ର ସରକାର । ଅନ୍ୟ ଭାଷାକୁ ଶହ ଶହ କୋଟି ଟଙ୍କା ପ୍ରଦାନ କରାଯାଇ ଥିଲେ ମଧ ଓଡ଼ିଆକୁ ଅବହେଳା କରାଯାଇଛି ।

## ୯. ଅଧିକାଂଶ ଭିତ୍ତିଭୂମି ପ୍ରକଳ୍ପରେ ଅହେତୁକ ବିଳମ୍ବ

- ୯ ବର୍ଷ ତଳେ କୋଷ୍ଟାଲ ହାଇୱେ ଘୋଷଣା କରାଯାଇଥିଲେ ମଧ ଏଯାଏ ତାର କାମ ଆରମ୍ଭ ହୋଇନାହିଁ ।
- ୮ ବର୍ଷ ହେଲା ସମ୍ବଲପୁର-କଟକ ଜାତୀୟ ରାଜପଥ ସଂପ୍ରସାରଣ କାମ ଚାଲିଛି ଯେ, ଚାଲିଛି । ଆଜି ଯାଏ ସରି ନାହିଁ । ଏହା ଦ୍ୱାରା ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହେଉଛି । ସାଧାରଣ ଲୋକ ମଧ ବହୁତ ହଇରାଣ ହେଉଛନ୍ତି ।
- ଭୁବନେଶ୍ୱରର କ୍ୟାପିଟାଲ ରିଜନ ରିଂ ରୋଡ୍ କାମ ଆରମ୍ଭ ହୋଇନାହିଁ ।

## ୧୦. ରେଳୱେ ଓଡ଼ିଶାରୁ ବହୁ ରାଜସ୍ୱ ପାଉଛି, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ବିଭାଗ ତରଫରୁ ରେଳର ବିକାଶ କରାଯାଉନାହିଁ

- ପୂର୍ବତଟ ରେଳୱେ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲାଭ କରିଛି । ସାରା ଦେଶରେ ଏହି ଜୋନ୍ ସବୁଠୁ ଅଧିକ ଲାଭ କରିଛି ।
- କିନ୍ତୁ ରାଜ୍ୟର କ୍ଷେତ୍ରଫଳକୁ ଦେଖିଲେ ପ୍ରତି ବର୍ଗ କିଲୋମିଟର ଅନୁସାରେ ଓଡ଼ିଶାରେ ରେଳ ଲାଇନ୍ ଖୁବ୍ କମ୍ । ୬ଟି ଜିଲ୍ଲାରେ ଏଯାଏ ରେଳ ଗଡ଼ି ନାହିଁ ।
- SPV ଜରିଆରେ ଜମି, କେତେକ ପ୍ରକଳ୍ପରେ ନିଜ ଅଂଶଧନ ପ୍ରଦାନ, ପୁଁଜି ନିବେଶ ପରି ରାଜ୍ୟ ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି ।
- ତଥାପି ରାଜ୍ୟର ଅନେକ ରେଳ ପ୍ରକଳ୍ପ ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଛି । ୧୦ ବର୍ଷରେ ରାଜ୍ୟ ପାଇଁ ଗୋଟିଏ ବି ନୂଆ ରେଳ ଲାଇନ ଘୋଷଣା କରାଯାଇ ନାହିଁ ।

## ୧୧. ବ୍ୟାଙ୍କ ସେବା ପ୍ରଦାନରେ ଓଡ଼ିଶାକୁ ଅବହେଳା

- ସବୁଠୁ କମ୍ ବ୍ୟାଙ୍କିଂ ସେବା କଭରେଜରେ ଦେଶର ଅନ୍ୟତମ ରାଜ୍ୟ ହେଉଛି ଓଡ଼ିଶା ।
- ଗୁଜରାଟ, ଜାମ୍ମୁ କାଶ୍ମୀର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ହରିୟାନା, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପରି ରାଜ୍ୟଠାରୁ ଓଡ଼ିଶାରେ କମ୍ ସଂଖ୍ୟକ ବ୍ୟାଙ୍କ ଶାଖା ଅଛି ।
- ରାଜ୍ୟର ୬ ହଜାର ୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୪୩୭୩ ପଞ୍ଚାୟତରେ କୌଣସି ବ୍ୟାଙ୍କ ଶାଖା ନାହିଁ ।
- ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟରେ ଅଧିକ ବ୍ୟାଙ୍କ ଶାଖା ଖୋଲାଯାଉନି । ଏହା ଦ୍ୱାରା ବିଭିନ୍ନ ଯୋଜନାରେ ଲୋକଙ୍କୁ ଅର୍ଥ ପ୍ରଦାନରେ ଗୁରୁତର ସମସ୍ୟା ହେଉଛି ଏବଂ ସେମାନେ ପ୍ରତିଦିନ ହଇରାଣ ହେଉଛନ୍ତି ।
- ତେଣୁ ବ୍ୟାଙ୍କ ନଥିବା ଗ୍ରାମ ପଞ୍ଚାୟତରେ ଆମ ବ୍ୟାଙ୍କ ଯୋଜନାରେ ୧୫ଟି ବ୍ୟାଙ୍କିଂ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

## ୧୨. ମୋବାଇଲ ଟାୱାର ସ୍ଥାପନରେ ଓଡ଼ିଶାକୁ ଅବହେଳା

- ମୋବାଇଲ୍ ଟାୱାର ତଥା ଟେଲି ଡେନସିଟିରେ ଓଡ଼ିଶା ଦେଶର ଅନ୍ୟତମ ପଛୁଆ ରାଜ୍ୟ । ଜାତୀୟ ହାର ୮୫.୨୩ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୭୫.୯୮ ପ୍ରତିଶତ ରହିଛି । ଟେଲି ଡେନସିଟିକୁ ଦେଖିଲେ ଦେଶର ସର୍ବନିମ୍ନ ୫ଟି ରାଜ୍ୟ ଭିତରେ ଆସୁଛି ଓଡ଼ିଶା ।
- ଗ୍ରାମାଞ୍ଚଳରେ ଏହି ସମସ୍ୟା ଆହୁରି ଅଧିକ ।
- ସେହିପରି ଇଣ୍ଟରନେଟ ସେବାରେ ମଧ ଓଡ଼ିଶା ଅନେକ ପଛରେ ଅଛି । ଜାତୀୟ ହାର ୬୫.୮୯ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ହେଉଛି ୫୨.୬୬ ପ୍ରତିଶତ ।
- ଟେଲି ଯୋଗାଯୋଗ କଭରେଜ ବଢ଼ାଇବା ହେଉଛି କେନ୍ଦ୍ର ସରକାରଙ୍କ ଦାୟିତ୍ୱ । ବାରମ୍ବାର ଦାବି ସତ୍ତ୍ୱେ ଏ କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରି ଆସୁଛନ୍ତି । ଏହା ଦ୍ୱାରା ରାଜ୍ୟର ବହୁ ଆଦିବାସୀ ଅନେକ ଅନଲାଇନ ସେବା ଓ ବିଭିନ୍ନ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି ।

## ୧୩. ଦ୍ୱିତୀୟ ଏମ୍ସ ସ୍ଥାପନରେ ଓଡ଼ିଶାକୁ ଅବହେଳା

- ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ୨୦୨୦ ରୁ ଦାବି କରି ଆସୁଛନ୍ତି ରାଜ୍ୟ ସରକାର ।
- ବିହାରରେ ଦ୍ୱିତୀୟ ଏମସ ପ୍ରତିଷ୍ଠା କରାଗଲାଣି ଏବଂ ଆଉ ଏକ ରାଜ୍ୟରେ ମଧ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠାର ପ୍ରସ୍ତାବ ବିଚାରାଧୀନ ଅଛି ।
- କିନ୍ତୁ ଓଡ଼ିଶାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି ।

ଏହା ଦର୍ଶାଉଛି ଯେ, କେବଳ ନିର୍ବାଚନ ସମୟରେ ବିଜେପି ଓଡ଼ିଶାବାସୀଂକୁ ତୁଚ୍ଛା ପ୍ରତିଶ୍ରୁତି ଦିଏ । ପ୍ରତିଶ୍ରୁତି ପୂରଣ କରିବା ଦିଗରେ କୌଣସି ଲକ୍ଷ୍ୟ ନାହିଁ ।

# - ଲେଖନ୍ତୁ -

# - ଲେଖନ୍ତୁ -

# - ଲେଖନ୍ତୁ -

# - ଲେଖନ୍ତୁ -

ବିଜୁ ଜନତା ଦଳ

5T
ନବୀନ
ଗ୍ୟାରେଣ୍ଟି

# ଆମ ଲକ୍ଷ୍ୟ
# ଓଡ଼ିଶା ନମ୍ବର ୧

## ଲୋକଙ୍କ ଘୋଷଣାପତ୍ର ୨୦୨୪

ଏହାକୁ ସ୍କାନ୍ କରି ଡାଉନ୍‌ଲୋଡ୍ କରନ୍ତୁ

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ**

ଲୋକସଭା

ବିଧାନସଭା